



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

◆VOLUME- 43 ◆ISSUE-285 ◆MONDAY ◆13 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୮୫ ◆ସୋମବାର ◆୧୩ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



୮ ଡିସେମ୍ବର ୨୦୩୩ - ୧୨ ଏପ୍ରିଲ୍ ୨୦୨୬

## ପରଲୋକରେ ଆଶା

▪ ମୁମ୍ବଇ, ୧୨।୪ (ଏଜେନ୍ସି): ଭାରତୀୟ ସଙ୍ଗୀତ ଜଗତର ଏକ ଅବିସ୍ମରଣୀୟ ଅଧ୍ୟାୟର ଅନ୍ତ ଘଟିଛି। ନିଜର ମନ୍ତ୍ରମୁଗ୍ଧକର କଣ୍ଠସ୍ୱରରେ କୋଟି କୋଟି ଶ୍ରୋତାଙ୍କ ହୃଦୟକୁ ଆନ୍ଦୋଳିତ କରିଥିବା କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ ୯୨ ବର୍ଷ ବୟସରେ ମୁମ୍ବଇଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଛାତିରେ ସଂକ୍ରମଣ ଯୋଗୁଁ ସେ ଶନିବାର ସନ୍ଧ୍ୟାରେ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବ୍ରିଚକାଣ୍ଡି ହସ୍ପିଟାଲର ଡାକ୍ତର ପ୍ରତୀତ ସମଦାନୀଙ୍କ ଅନୁସାରେ, ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଏବଂ ମଲଟି ଅର୍ଗାନ ଫେଲ୍ୟୁଅର ବା ଏକାଧିକ ଅଙ୍ଗ ଅକାମୀ ହୋଇଯିବା ହେତୁ ତାଙ୍କର ଦେହାନ୍ତ ହୋଇଛି। ଆସନ୍ତାକାଲି ଅର୍ଥାତ ସୋମବାର ପୂର୍ବାହ୍ନ ୧୧ଟାରେ ଲୋୟର ପାରେଲସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ପାର୍ଥିବ ଶରୀର ରଖାଯିବ ଏବଂ ଅପରାହ୍ଣ ୪ଟାରେ ଶିବାଜୀ ପାର୍କଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ।

୧୯୩୩ ମସିହାରେ ଜନ୍ମିତ ଆଶା ଭୋସଲେଙ୍କ ସଙ୍ଗୀତ ଯାତ୍ରା ଥିଲା ସଂଘର୍ଷ ଓ ସଫଳତାର ଅପୂର୍ବ ସମନ୍ୱୟ। ପିତା ପଣ୍ଡିତ ଦୀନନାଥ ମଙ୍ଗେସକରଙ୍କ ଦେହାନ୍ତ ପରେ ନିଜ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସହ ସେ ପାରିବାରିକ ଦାୟିତ୍ୱ ସମ୍ଭାଳିବା ସହ ଗୀତ ଗାଇବା ଆରମ୍ଭ ▶ପୃଷ୍ଠା-୭

# ଇସଲାମାବାଦ ଆଲୋଚନା ବିଫଳ

## ପ୍ରତିବନ୍ଧକ ସାଜିଛି ଇରାନର ପରମାଣୁ କାର୍ଯ୍ୟକ୍ରମ



### ସର୍ବଶେଷ ଓ ସର୍ବୋତ୍ତମ ପ୍ରସ୍ତାବ ଦେଇ ଫେରୁଛୁ: ଆମେରିକା

### ଆମେରିକାର ଅଯୌକ୍ତିକ ଦାବି ଯୋଗୁଁ ଆଲୋଚନା ବିଫଳ: ଇରାନ

▪ ୱାସିଂଟନ/ତେହେରାନ, ୧୨।୪ (ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସଲାମାବାଦରେ ଇରାନ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ଶାନ୍ତି ଆଲୋଚନା ବିଫଳ ହୋଇଛି। ଦୁଇ ଦେଶର ପ୍ରତିନିଧି ଦଳ ଦୀର୍ଘ ୨୧ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ ମଧ୍ୟ ଉଭୟ ନିଜ ନିଜ ଜିଦରେ ଅଟଳ ରହିବାରୁ କଥାବାର୍ତ୍ତା ବିଫଳ ହୋଇଛି। ଏହି ବିଫଳତା ପାଇଁ ଉଭୟ ପରସ୍ପରକୁ ଦାୟୀ କରିଛନ୍ତି। କଥାବାର୍ତ୍ତା ବିଫଳ ହେବାପରେ ମଧ୍ୟପ୍ରାଚ୍ୟରେ ପୁଣି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଉଭୟ ପକ୍ଷ ଦୁଇ ସପ୍ତାହ ଲାଗି ଯୁଦ୍ଧବିରତି ଘୋଷଣା କରିଥିଲେ ମଧ୍ୟ ହର୍ମୁଜ ଅବରୋଧ ଲାଗି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେବାପରେ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଉଭୟ ପକ୍ଷ ପୁଣି ମୁକାବିଲା ଲାଗି ପ୍ରସ୍ତୁତ ହେଉଥିବା ବେଳେ ରୁଷ ରାଷ୍ଟ୍ରପତି ପୁତିନ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଛନ୍ତି।

ଇସଲାମାବାଦ ଆଲୋଚନା ବିଫଳ ହେବାପରେ ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି ଯେ ହର୍ମୁଜ ସମୁଦ୍ର ପଥକୁ ତାଙ୍କ ▶ପୃଷ୍ଠା-୭

## ଚୀନକୁ ଧମକ ଦେଲେ ଟ୍ରମ୍ପ

▪ ୱାସିଂଟନ, ୧୨।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଅସ୍ଥିରତା ମଧ୍ୟରେ ଓ ଶାନ୍ତି ଆଲୋଚାନା ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନକୁ ଏକ ଶକ୍ତ ଚେତାବନୀ ଦେଇଛନ୍ତି। ଯଦି ଚୀନ୍ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଇରାନକୁ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର କିମ୍ବା ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇଦିଏ, ତେବେ ଚୀନ୍‌କୁ ଭୟଙ୍କର ସମସ୍ୟା ଓ ପରିଣତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଆମେରିକା ଗୁଇନ୍ଦା ସଂସ୍ଥାର ରିପୋର୍ଟ ଅନୁଯାୟୀ, ଇରାନ ନିଜର କ୍ଷତିଗ୍ରସ୍ତ ସାମରିକ ଶକ୍ତିକୁ ▶ପୃଷ୍ଠା-୭

**ଭୟଙ୍କର ହେବ ଇରାନକୁ ସାମରିକ ସହାୟତା ପରିଣତି**

## ଇଣ୍ଟିଗ୍ରେଟେଡ୍ ବିଇଡି ପ୍ରବେଶିକା ପରୀକ୍ଷା

# ଓଡ଼ିଆ ପରୀକ୍ଷାର୍ଥୀଙ୍କ ବିରୋଧରେ ଷଡ଼ଯନ୍ତ୍ର !

### ରାଜ୍ୟ ବାହାରେ ପରୀକ୍ଷା କେନ୍ଦ୍ରକୁ ନେଇ ଛାତ୍ରଛାତ୍ରୀ ନିରାଶ

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଧ୍ୟାପକ-ଅଭିଭାବକ

▪ ଭୁବନେଶ୍ୱର, ୧୨।୪ (ସମିସ): ଆସନ୍ତା ୧୭ ଓ ୧୮ ତାରିଖରେ ୪ ବର୍ଷିଆ ଇଣ୍ଟିଗ୍ରିଟେଡ୍ ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହେବ ପ୍ରବେଶିକା ପରୀକ୍ଷା। ମାତ୍ର ଏହି ସମୟରେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ବିରୋଧରେ ଆସିଛି ସାଂଘାତିକ ଷଡ଼ଯନ୍ତ୍ର । ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ନାମଲେଖାରୁ ବଞ୍ଚିତ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ହୋଇଥିବା ଅଭିଯାଗ ହୋଇଛି । ରାଜ୍ୟରେ ପରୀକ୍ଷା ପାଇଁ ପର୍ଯ୍ୟାପ୍ତ ପରୀକ୍ଷାକେନ୍ଦ୍ର ଉପଲବ୍ଧ ଥିବା ସତ୍ତ୍ୱେ ଅନେକ ପରୀକ୍ଷାର୍ଥୀଙ୍କ ପ୍ରବେଶିକା ପରୀକ୍ଷା କେନ୍ଦ୍ର ରାଜ୍ୟ ବାହାରେ କରାଯାଇଛି । ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବିଏଡ଼ ନାମଲେଖାରୁ ବଞ୍ଚିତ କରିବା ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ ଇଣ୍ଟିଗ୍ରେଟେଡ୍ ବିଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଗତ ୯ ତାରିଖରେ ପରୀକ୍ଷା ହେବାକୁ ଥିବା ସହରର ନାମ ପ୍ରକାଶ ପାଇଛି। ଅର୍ଥାତ୍ କେଉଁ ସହରରେ ଓ କେତେବେଳେ ପରୀକ୍ଷା ହେବ ତାହା ପ୍ରକାଶ ପାଇଛି। ଆବେଦନ ସମୟରେ ଛାତ୍ରଛାତ୍ରୀମାନେ ନିଜର ପସନ୍ଦ ଅନୁଯାୟୀ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT,
Please visit: www.soa.ac.in


**୪୦ ଡିଗ୍ରୀ ଉପରେ ୩ ସହର**

## ପଣା ସଂକ୍ରାନ୍ତିରୁ ପ୍ରବଳ ତାତି

▪ ଭୁବନେଶ୍ୱର, ୧୨।୪ (ସମିସ): ରାଜ୍ୟରେ ଧିରେ ଧିରେ ତାତିର ମାତ୍ରା ବଢୁଥିବା ବେଳେ ପଣା ସଂକ୍ରାନ୍ତିଠାରୁ ଆସନ୍ତା ୧୮ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହୋଇପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ରବିବାର ରାଜ୍ୟର ୩ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ କିମ୍ବା ତଦୁର୍ଦ୍ଧ୍ୱ ଅତିକ୍ରମ କରିଥିବା ଜଣାପଡ଼ିଛି।

### ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

### ୨ ଜିଲ୍ଲାରେ ହିଟୱେଭ୍ ଆଶଙ୍କା

କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ସୋମବାର ୧୧ଟି ଜିଲ୍ଲାରେ ଜଳବାୟୁ ଉଷ୍ଣ ଏବଂ ଆର୍ଦ୍ର ରହିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ଗୁଳୁଗୁଳି ଅନୁଭୂତ ହେବାକୁ ଥିବାବେଳେ ଉପରୋକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଏପ୍ରିଲ ୧୪ ଅର୍ଥାତ୍ ପଣା ସଂକ୍ରାନ୍ତିଠାରୁ ଆସନ୍ତା ୫ ଦିନ ଯାଏଁ ପ୍ରବଳ ଗରମ ଅନୁଭୂତ ହେବ। ମଙ୍ଗଳବାର ବରଗଡ଼ ଏବଂ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ▶ପୃଷ୍ଠା-୭


15001/14/2627

ସତ୍ୟମେଵ ଜୟତେ



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



**୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା**

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014

ସ୍ମୃତିରେ...





# ସଙ୍ଗୀତର 'ଆଶା'

ଆଉ ନାହାନ୍ତି ଭାରତୀୟ ସଙ୍ଗୀତର 'ଉମରାଓ ଜାନ୍' ଆଶା ଭୋସଲେ । ୯୨ ବର୍ଷ ବୟସରେ ମୁମ୍ବାଇରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଛାତିରେ ସଂକ୍ରମଣ ଯୋଗୁଁ ଶନିବାର ସନ୍ଧ୍ୟାରେ ତାଙ୍କୁ ମୁମ୍ବାଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଓ ଏକାଧିକ ଅଙ୍ଗ ଅକାମୀ ହୋଇଯିବା ହେତୁ ତାଙ୍କର ପରଲୋକ ଘଟିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସୋମବାର ପୂର୍ବାହ୍ନ ୧୧ଟାରେ ଲୋୟର ପାରେଲସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ପାର୍ଥିବ ଶରୀର ରଖାଯିବ ଏବଂ ଅପରାହ୍ନ ୪ଟାରେ ଶିବାଜୀ ପାର୍କଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ । ୧୯୩୩ ମସିହାରେ ଜନ୍ମିତ ଆଶା ଭୋସଲେଙ୍କ ସଙ୍ଗୀତ ଯାତ୍ରା ଥିଲା ସଂଘର୍ଷ ଓ ସଫଳତାର ବିଚିତ୍ର ସମନ୍ୱୟ । ପିତା ପଣ୍ଡିତ ଦୀନନାଥ ମଙ୍ଗେସକରଙ୍କ ଦେହାନ୍ତ ପରେ ନିଜ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସହ ସେ ପାରିବାରିକ ଦାୟିତ୍ୱ ସମ୍ଭାଳିବା ସହ ଗୀତ ଗାଇବା ଆରମ୍ଭ କରିଥିଲେ । ଶାସ୍ତ୍ରୀୟ ସଙ୍ଗୀତଠାରୁ ଆରମ୍ଭ କରି ସେ ପପ୍, ଗଜଲ୍, ଭଜନ, କ୍ୟାବରେ ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗରେ ସେ ନିଜର ପାରଦର୍ଶିତା ପ୍ରମାଣିତ କରିଥିଲେ । ଓପି ନାୟାର, ଆରଡି ବର୍ମନ, ଲକ୍ଷ୍ମୀକାନ୍ତ ପ୍ୟାରିଲାଲ, ଖୟାମଙ୍କଠାରୁ ଆରମ୍ଭ କରି ଏଆର ରହମାନଙ୍କ ଭଳି ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ସେ କାମ କରି ହଜାର ହଜାର କାଳଜୟୀ ସଙ୍ଗୀତ ଭେଟି ଦେଇଛନ୍ତି । ସଙ୍ଗୀତ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲେକ' ଏବ 'ପଦ୍ମ ବିଭୂଷଣ'ରେ ସମ୍ମାନରେ ସମ୍ମାନିତ କରାଯାଇଛି । ଆଧୁନିକ ସଙ୍ଗୀତ ସହ ଖାପ ଖୁଆଇ ଚାଲିବାର ଅଦ୍ଭୁତ କ୍ଷମତା ତାଙ୍କ ପାଖରେ ଥିଲା, ତାହା ଅତ୍ୟନ୍ତ ବିରଳ । ତାଙ୍କ ପରଲୋକରେ ଭାରତୀୟ ସଙ୍ଗୀତ ଜଗତ ଶୋକରେ ମ୍ରିୟମାଣ ହୋଇଛି । ହିନ୍ଦୀ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ।



୮ ସେପ୍ଟେମ୍ବର ୧୯୩୩ - ୧୨ ଏପ୍ରିଲ ୨୦୨୬












## ୮୨ ବର୍ଷର କ୍ୟାରିୟର; ୧୨ ହଜାର ଗୀତ

ଭଉଣୀ ଲତା ମଙ୍ଗେସକରଙ୍କ ପଥକୁ ଅନୁସରଣ କରି ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ ଆଶା । ମାତ୍ର ୧୦ ବର୍ଷ ବୟସରେ ସେ ନିଜର ପ୍ରଥମ ଗୀତ ରେକର୍ଡ କରିଥିଲେ ଯାହା ଏକ ମରାଠୀ ଗୀତ ଥିଲା । ଆଶା ଭୋସଲେ ତାଙ୍କର କ୍ୟାରିୟର ଆରମ୍ଭରେ ଭଜନ ଏବଂ ମରାଠୀ ସିନେମା ଗୀତ ଗାଉଥିଲେ । ଏହାପରେ ସେ କେବେ ପଛକୁ ଫେରି ଚାହିଁ ନଥିଲେ । ନିଜର ୮୨ ବର୍ଷର କ୍ୟାରିୟରରେ ପ୍ରାୟ ୧୨ ହଜାର ଗୀତ ସେ ଗାଇଥିଲେ । ଏହି ଗୀତଗୁଡ଼ିକ ତାଙ୍କୁ ସବୁ ବୟସର ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ବଲିଉଡ୍, ପପ୍, ଗଜଲ, କୱାଲି, ରବୀନ୍ଦ୍ର ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ ସବୁଥିରେ ସେ ତାଙ୍କର ପରାକାଷ୍ଠା ଦେଖାଇଛନ୍ତି । ୧୯୯୭ ମସିହାରେ ତାଙ୍କ ଆଲବମ୍ 'ଲିଗାସି' ପାଇଁ ସେ ଗ୍ରାମୀ ପୁରସ୍କାର ପାଇଁ ମଧ୍ୟ ମନୋନୀତ ହୋଇଥିଲେ । ୧୯୯୭ ଏବଂ ୨୦୦୬ରେ ଆଶା ଭୋସଲେ ହେଉଛନ୍ତି ପ୍ରଥମ ଭାରତୀୟ ସଙ୍ଗୀତ ଶିଳ୍ପୀ ଯିଏ କି ଗ୍ରାମୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ସଙ୍ଗୀତ ଜଗତରେ ସର୍ବାଧିକ ଗୀତ ରେକର୍ଡ କରିଥିବା ଗାୟିକା ଭାବରେ ୨୦୧୧ ମସିହାରେ ଆଶା ଭୋସଲେ ଗିନିଜ ବୁକ୍‌ରେ ସ୍ଥାନ ହାସଲ କରିଥିଲେ । ■

## ଦୁଇଟି ଚର୍ଚ୍ଚିତ ବିବାହ

କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କର ବୃତ୍ତିଗତ ଜୀବନ ଯେତିକି ସଫଳ ଥିଲା, ତାଙ୍କ ବ୍ୟକ୍ତିଗତ ଜୀବନ ଉତ୍ଥାନ-ପତନରେ ପରିପୂର୍ଣ୍ଣ ଥିଲା । ନିଜ ବାପାଙ୍କ ଦେହାନ୍ତ ଯୋଗୁଁ, ୧୦ ବର୍ଷ ବୟସରୁ ଗୀତ ଗାଇବା ଆରମ୍ଭ କରିଥିବା ଆଶା ଭୋସଲେ ପ୍ରଥମେ ୧୯୪୯ ମସିହାରେ ପରିବାରର ଇଚ୍ଛା ବିରୋଧରେ ୧୬ ବର୍ଷ ବୟସରେ ଗଣପତରାଓ ଭୋସଲେଙ୍କୁ ବିବାହ କରିଥିଲେ । ବିବାହର ୧୪ ବର୍ଷ ପରେ ଉଭୟ ଅଲଗା ହୋଇ ଯାଇଥିଲେ । ପରେ ଆଶା ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଆର.ଡି. ବର୍ମନଙ୍କୁ ବିବାହ କରିଥିଲେ । ଏହି ବିବାହ ତାଙ୍କ ବୃତ୍ତିଗତ ଜୀବନର ଏକ ସଫଳ ଅଧ୍ୟାୟ ଥିଲା । ଉଭୟ ବଲିଉଡ୍‌କୁ ଅନେକ ହିଟ୍ ଗୀତ ଦେଇଥିଲେ । ଆଶା ଓ ଗଣପତ୍‌ଙ୍କର ତିନୋଟି ସନ୍ତାନ ଥିଲେ । ଦୁଇଟି ପୁତ୍ର ହେମନ୍ତ, ଆନନ୍ଦ ଓ ଝିଅ ବର୍ଷା । ୧୯୬୦ ରେ ଗଣପତ୍‌ଙ୍କ ଠାରୁ ଅଲଗା ହୋଇଯିବା ପରେ ସେ ତିନୋଟି ପିଲାଙ୍କୁ ଏକାକି ପାଳିଥିଲେ । ୨୦୧୫ରେ ଆଶାଙ୍କ ବଡ଼ ପୁଅ ହେମନ୍ତଙ୍କର କ୍ୟାନ୍ସରରେ ମୃତ୍ୟୁ ହୋଇଥିଲା । ସେହିପରି ଝିଅ ବର୍ଷାଙ୍କର ୨୦୧୨ରେ ଦେହାନ୍ତ ହୋଇଥିଲା । ■

## ସଫଳ ବ୍ୟବସାୟୀ

ଆଶା ଭୋସଲେ ଜଣେ ସଫଳ ବ୍ୟବସାୟୀ ମଧ୍ୟ ଥିଲେ । ତାଙ୍କର 'ଆଶା ଏସ୍' ନାମରେ ଅନ୍ତର୍ଜାତୀୟ ରେସ୍ତୁରାଁ ବ୍ରାଣ୍ଡ ରହିଛି । ସାରା ବିଶ୍ୱରେ ତାଙ୍କର ୧୦ଟି ରେସ୍ତୁରାଁ ଅଛି । ଦୁବାଇ, ମାଞ୍ଚେଷ୍ଟର, ଦୋହା, କତାର, ବାହାରିନ୍, ବର୍ମିଂହମ୍, ଲଣ୍ଡନ, ଆବୁଧାବି ଆଦିରେ ତାଙ୍କ ରେସ୍ତୁରାଁ ରହିଛି । ରନ୍ଧନ କଳାରେ ମଧ୍ୟ ଥିଲେ ସିଦ୍ଧହସ୍ତା । ସହକର୍ମୀ ସିନ ତାରକାଙ୍କୁ ସେ ନିଜ ହାତରେ ରାନ୍ଧି ପରଷିଥିବା କୁହାଯାଏ । ତାଙ୍କ ହାତର ଚିଙ୍ଗୁଡ଼ି ତରକାରୀ ସ୍ୱାଦ ଅଭୁଲା ଥିବା ଅନେକ କହିଥାଆନ୍ତି । ତାଙ୍କର ୨୫୦ କୋଟି ଟଙ୍କାର ସମ୍ପତ୍ତି ରହିଛି । ■

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ

ଆଶାଙ୍କ ପରଲୋକ ଭାରତୀୟ ସଙ୍ଗୀତ ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ନିଜର ନିଜସ୍ୱ ଶୈଳୀରେ ସେ ଜୀବନ ଯାପନ କରିଥିଲେ । ତାଙ୍କର ମଧୁର ଓ ଅମର କଣ୍ଠସ୍ୱର ଦଶନ୍ଧି ଧରି ଭାରତୀୟ ସଙ୍ଗୀତକୁ ସମୃଦ୍ଧ କରିଥିଲା । ତାଙ୍କ ଗୀତ ସଦାକାଳ ପାଇଁ ବଞ୍ଚି ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି । ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ତାଙ୍କ ଗୀତଗୁଡ଼ିକ କୋଟି କୋଟି ଭାରତୀୟଙ୍କ ଜୀବନରେ ଚିରଦିନ ପାଇଁ ପ୍ରତିଧ୍ୱନିତ ହେବ । ଆଶା ଭୋସଲେ ଦେଶର ଜଣେ ସ୍ୱନାମଧନ୍ୟ ଗାୟିକା ଥିଲେ । ଦଶନ୍ଧି ଦଶନ୍ଧି ବ୍ୟାପୀ ତାଙ୍କର ଅସାଧାରଣ ସଙ୍ଗୀତ ଯାତ୍ରା ଆମର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଥିଲା । ■

## ଓଡ଼ିଆ ଗୀତରେ ଆଶା

ଆଶା ଭୋସଲେ ଆଉ ନାହାନ୍ତି । ମାତ୍ର ତାଙ୍କ ଅବଦାନକୁ ଭାରତର ଭାଷା ସମୂହ କେବେ ଭୁଲି ପାରିବ ନାହିଁ। ହିନ୍ଦୀ ଓ ଅନ୍ୟ ପ୍ରାନ୍ତୀୟ ଭାଷା ସହ ଓଡ଼ିଆରେ ଅନେକ ଗୀତ ଗାଇଥିଲେ ସେ । ତାହା ମଧ୍ୟରୁ ଅନେକ ବେଶ୍ ଲୋକପ୍ରିୟ ହୋଇ ପାରିଥିଲା ।

୧୯୬୮ରେ ପ୍ରଥମେ ଆଶା ଅରୁନ୍ଧତୀ ଚଳଚ୍ଚିତ୍ର ପାଇଁ ଏକ ଗୀତ ଗାଇଥିଲେ । ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ଓ ଶାନ୍ତନୁ ମହାପାତ୍ରଙ୍କ ସ୍ୱର ସଂଯୋଜିତ 'ରସିଆରେ, ଯା'ରେ ଯା' କହିଯା' ତୀର ତରବାରୀ ଶାଣଦିଆ ଛୁରୀ ଅବା ଏ ରସିଲା ଆଖିର କଟାରି କିଏ କାଟି ପାରେ କଳିଜା, ରାଣ ତତେ କହିଯା' ।

ଏହାପରେ 'ସମୟ' ଚଳଚ୍ଚିତ୍ରରେ ଭୁବନ ହରିଙ୍କ ସଂଯୋଜନାରେ ସେ ଗାଇଥିଲେ 'ଝିମି ଝିମି ଝିମିକା ମଜା, ଚାଖିଲେ ନ ଛାଡ଼ିବୁ ରଜା' । ୧୯୮୧ରେ ମୁକ୍ତିଲାଭ କରିଥିବା 'ଆରତି'ରେ ସୁରେନ୍ଦ୍ର ବିଦ୍ୟାଧରଙ୍କ ରଚିତ ତଥା ବାସୁଦେବ ରଥଙ୍କ ସ୍ୱର ସଂଯୋଜିତ 'ଜହ୍ନ ଗୋ ତୁମେ ଝରନା, ଝରାଇ ଲୁହ ଜୋଛନା' ଅଶାଙ୍କ ଅନ୍ୟତମ ଓଡିଆ ଗୀତ । ୧୯୮୪ରେ ସୁ ରୁ ମହାନ୍ତିଓ କମଳ ପଟ୍ଟନାୟକଙ୍କ ଯୁଗ୍ମ ସଙ୍ଗୀତ ନିର୍ଦ୍ଦେଶିତ 'ରାଧା' ପାଇଁ ଅମିତ କୁମାରଙ୍କ ସହ ଆଶା ଗାଇଥିଲେ କମଳ ପଟ୍ଟନାୟକଙ୍କ ରଚିତ 'ଏ ମନ ପିଆଲାରେ ଭରିଦିଅ ପୀରତି ମଦିରା । ୧୯୮୯ରେ ସ୍ୱରୂପ ନାୟକ ନିର୍ଦ୍ଦେଶିତ ଟୋପାଏ ସିନ୍ଦୂର ଦି ପଟ ଶଙ୍ଖା ଫିଲ୍ମ ପାଇଁ ସେ ଗାଇଥିଲେ ମଇନା ମଇନା ଗୀତ । ସେହିପରି ରାହୁଲ ଦେବ ବର୍ମନଙ୍କ ସଙ୍ଗୀତ ନିର୍ଦ୍ଦେଶିତ ୧୯୯୨ର ଓଡିଆ ଚଳଚ୍ଚିତ୍ର 'ମା' ପାଇଁ ମଧ୍ୟ ସେ କଣ୍ଠଦାନ କରିଛନ୍ତି ।

ଅନ୍ୟପକ୍ଷରେ ବାସୁଦେବ ରଥଙ୍କ ସଂଗୀତ ନିର୍ଦ୍ଦେଶିତ 'ସଂଧ୍ୟାତାରା' ପରଦାକୁ ଆସି ପାରିଲା ନାହିଁ; କିନ୍ତୁ 'ସଂଧ୍ୟାତାରା' ଗୀତର ଗ୍ରାମୋଫୋନ୍ ରେକର୍ଡ ବଜାରକୁ ଆସିଥିଲା । ସେଥିରେ ଥିଲା ଆଶା ଗାଇଥିବା ଗୀତ 'ମୁଁ ହଜିଛି ତୁମ ଆଖିରେ, ମୁଁ ଖୋଜୁଛି ସପନରେ' ଆଦର ସାଉଁଟିଥିଲା ।



ଅପରପକ୍ଷରେ ୨୦୧୬ରେ ଓଡ଼ିଆ ଚଳଚ୍ଚିତ୍ର ଚିନି ପାଇଁ ସେ ଗାଇଥିଲେ ସମ୍ବଲପୁରୀ ଗୀତ 'ଉଆଁସର୍ ଅନ୍ଧାରେ ନାଇଁ ଦିଶେ ସିନା, ହଜି ନାଇଁଯାଏ ଜନ୍, ଘିନି ନାଇଁ ହୁଏ,ବିକି ନାଇଁ ହୁଏ,ଦେଇହେସି ଖାଲି ମନ୍' । ଶଙ୍କର ପ୍ରଧାନ ଓ ହେମନ୍ତ ପାଣ୍ଡେଙ୍କ ସଙ୍ଗୀତ ନିର୍ଦ୍ଦେଶନାର ଏହି ଗୀତକୁ ରଚନା କରିଥିଲେ ଦୁର୍ଗାମାଧବ ପଣ୍ଡା ।

## ସଂକ୍ଷେପରେ ଆଶା ଭୋସ୍‌ଲେ

**ପ୍ରକୃତ ନାମ :** ଆଶା ମଙ୍ଗେସକର
**ଜନ୍ମ :** ୧୯୩୩, ସେପ୍ଟେମ୍ବର ୮, ଗୋଆର, ସାଙ୍ଗଲି, ବ୍ରିଟିଶ ଇଣ୍ଡିଆ (ବର୍ତ୍ତମାନର ମହାରାଷ୍ଟ୍ର)
**ମୃତ୍ୟୁ :** ୨୦୨୬ ଏପ୍ରିଲ ୧୨ (୯୨ ବର୍ଷ)
**ପେସା :** ପ୍ରଚ୍ଛଦପଟ ଗାୟିକା, ଅଭିନେତ୍ରୀ, ଉଦ୍ୟୋଗୀ, ଟେଲିଭିଜନ ବ୍ୟକ୍ତିତ୍ୱ
**ପିତା :** ପଣ୍ଡିତ ଦୀନନାଥ ମଙ୍ଗେଶକର
**ପରିବାର:** ମଙ୍ଗେସକର ପରିବାର
**ବିବାହ :** ଗଣପତରାଓ ଭୋସଲେ (୧୯୪୯-୧୯୬୦) ଆରଡି ବର୍ମନ (୧୯୮୦-୧୯୯୪)
**ସନ୍ତାନ :** ୩ (ବର୍ଷା ଭୋସଲେଙ୍କ ସମେତ)
**ସକ୍ରିୟ ସମୟ:** ୧୯୪୩ରୁ ୨୦୨୬
**ସଙ୍ଗୀତ ଶୈଳୀ :** ସେ ଚଳଚ୍ଚିତ୍ର ସଙ୍ଗୀତ, କବାଲି, ଗଜଲ, ଲୋକଗୀତ, ଭଜନ, ପପ୍, ଶାସ୍ତ୍ରୀୟ ସଙ୍ଗୀତ, ଗୁରବାଣୀ, ନଜରୁଲ ଗୀତ ଓ ରବୀନ୍ଦ୍ର ସଙ୍ଗୀତ ଗାନ କରିବାରେ ପାରଙ୍ଗମ ଥିଲେ ।

### ପ୍ରମୁଖ ସମ୍ମାନ ଓ ପୁରସ୍କାର

- ଦାଦାସାହେବ ଫାଲକେ ପୁରସ୍କାର (୨୦୦୦)
- ପଦ୍ମ ବିଭୂଷଣ (୨୦୦୮)
- ବଙ୍ଗ ବିଭୂଷଣ (୨୦୨୮)
- ମହରାଷ୍ଟ୍ର ଭୂଷଣ (୨୦୨୧)
- **ଫିଲ୍ମ ଫେୟାର ପୁରସ୍କାର :** ୯, ୧୮ ନୋମିନେସନ
- **ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର:** ୧ଟି
- **ଜାତୀୟ ଚଳଚ୍ଚିତ୍ର ପୁରସ୍କାର:** ୨ଟି

### ଲୋକପ୍ରିୟ ହିନ୍ଦୀ ଗୀତ

- ଦମ୍ ମାରୋ ଦମ୍ (ହରେ ରାମା ହରେ କ୍ରିଷ୍ଣା),
- ପିୟା ତୁ ଅବତୋ ଆଜା (କାରୱାଁ),
- ଦିଲ୍ ଚିଜ୍ କ୍ୟା ହେ (ଉମରାଓ ଜାନ),
- ଚୁରାଲିଆ ହେ ତୁମ୍‌ନେ ଯୋ ଦିଲ୍‌କୋ (ୟାଦୋଁ କି ବାରାତ),
- ମେରା କୁଛ ସାମାନ (ଇଜାଜତ),
- ତନ୍‌ହା ତନ୍‌ହା (ରଙ୍ଗିଲା),
- ରାଧା କୈସେ ନା ଜଲେ (ଲଗାନ)

### ଲୋକପ୍ରିୟ ଓଡ଼ିଆ ଗୀତ

- ଜହ୍ନ ଗୋ ତୁମେ ଝରନା (ଆରତି)
- ଝିମି ଝିମକା ମଜା (ସମୟ)
- ତୋ ନାଁରେ ପିନ୍ଧିଲି ସାଢ଼ି (ମା)
- ଏମନ ପିଆଲାରେ (ରାଧା)
- ବନ୍ଦେ ଉତ୍କଳ ଜନନୀ
- ମଇନା ମଇନା

### ହିନ୍ଦୀ ସଙ୍ଗୀତର 'ଉମରାଓ ଜାନ'

ଉମରାଓ ଜାନ୍ ଚଳଚ୍ଚିତ୍ର ଅଭିନେତ୍ରୀ ରେଖାଙ୍କୁ ଦେଇଥିଲା ନୂଆ ପରିଚୟ । ମାତ୍ର ଆଶା ଭୋସଲେଙ୍କ କଣ୍ଠରେ ଖୟାମଙ୍କ ସଙ୍ଗୀତ ଏହି ଚଳଚ୍ଚିତ୍ରଟିକୁ କରିଥିଲା କାଳଜୟୀ । ଉମରାଓ ଜାନ୍‌ପାଇଁ ସଙ୍ଗୀତ ଲେଖିବା ସମୟରେ ଖୟାମଙ୍କ କଠୋର ସର୍ତ୍ତ ଥିଲା- 'ଆଶା କଦାପି ନୁହେଁ' । ଅର୍ଥାତ୍ ଆଶାଙ୍କୁ ତାଙ୍କ ସ୍ୱର ବଦଳାଇବାକୁ ପଡ଼ିବ । 'ପାକିଜା'ର ପ୍ରସିଦ୍ଧିକୁ ଅତିକ୍ରମ କରିବାକୁ ଖୟାମଙ୍କ ଜିଦ୍ ଆଶାଙ୍କୁ ଆହୁରି ଜିଦ୍‌ଖୋର କରିଥିଲା । ଆଠ ଦିନର କଠିନ ପରିଶ୍ରମ ପରେ ଆଶାଙ୍କ କଣ୍ଠରେ ଉମରାଓ ଜାନ୍‌ର 'ଦିଲ୍ କ୍ୟା ଚିଜ୍...' ଓ 'ଇନ୍ ଆଖୋଁ କି ମସ୍ତି...' ହିନ୍ଦୀ ସଙ୍ଗୀତ ଇତିହାସରେ ନୂଆ ଇତିହାସ ସୃଷ୍ଟି କରିଥିଲା । ଖୟାମ ବଲିଉଡ୍ ସଙ୍ଗୀତ ଶିଳ୍ପରେ ଆଶାଙ୍କୁ ଦେଇଥିଲେ ନୂଆ ପରିଚୟ । ଓ.ପି.ନାୟାରଙ୍କ ଅନୁପ୍ରେରଣା ଆଶାଙ୍କ ଜୀବନକୁ ଦେଇଥିଲା ନୂଆ ଦିଶା । ପଞ୍ଚମ ଦା ଓ କିଶୋର କୁମାର ତାଙ୍କ ସଙ୍ଗୀତକୁ ଅଧିକ ସ୍ୱଙ୍ଗ ସମ୍ପୂର୍ଣ୍ଣ କରିଥିଲେ ।





କିଂବଦନ୍ତୀ ବଲିଉଡ୍ ଗାୟିକା ଆଶା ଭୋସ୍‌ଲେଙ୍କ ସ୍ମୃତିରେ ପୁରୀ ବେଳାଭୂମିରେ ବାଲୁକା କଳା

# କାହା ପକେଟକୁ ଯିବ ୪୦୦ କୋଟି ?

- ବିଜେଡି ସରକାର ସମୟରେ ଅଟକଳ ୬୦୦ କୋଟି
- ବିଜେପି ସରକାରରେ ପ୍ରକଳ୍ପ ହେଲା ୧୦୦୦ କୋଟି
- ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ପ୍ରଦାନ ଲାଗି କାରସାଦି
- ହାଇକୋର୍ଟରେ ମାମଲା, ରାଷ୍ଟ୍ରପତିଙ୍କୁ ଅଭିଯୋଗ

ଭୁବନେଶ୍ୱର, ୧୨।୪(ସମିସ): ତତ୍କାଳୀନ ବିଜେଡି ସରକାର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଏଆଇ ଆଧାରିତ ଶିକ୍ଷାଦାନ ପାଇଁ ଯୋଜନା କରିଥିଲେ। ଏଥିପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଫାଇବର ଓ ସାଟେଲାଇଟ୍ ସଂଯୋଗ ମାଧ୍ୟମରେ ଅତ୍ୟାଧୁନିକ ଶିକ୍ଷାଦାନ ପାଇଁ ପ୍ରାୟ ୬୦୦ କୋଟି ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇ ଥିବାରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ଏହାପରେ ସରକାର ବଦଳିଲା, ମାତ୍ର ପ୍ରକଳ୍ପର ମୂଲ୍ୟ ରାତାରାତି ବଢ଼ିଗଲା ୪୦୦ କୋଟି ଟଙ୍କା । ଅର୍ଥାତ୍ ସମାନ ପ୍ରକଳ୍ପକୁ ୧୦୦୦ କୋଟିରେ ଠିକା ଦେବା ପାଇଁ ଏବେ ଓକାକ୍ ପକ୍ଷରୁ ପ୍ରକାଶ ପାଇଛି ଟେଣ୍ଡର । ଯେଉଁ ପ୍ରକଳ୍ପକୁ ବିଜେଡି ସରକାର ୬୦୦ କୋଟିରେ କରିବା ପାଇଁ ବ୍ୟବସ୍ଥା କରି ଅର୍ଥ ବରାଦ କରିଥିଲା, ସେହି ପ୍ରକଳ୍ପର ମୂଲ୍ୟ ୧୦୦୦ କୋଟି କେମିତି ହେଲା ଓ କାହାକୁ ତୋଷ କରିବା ପାଇଁ ଏପରି ବ୍ୟବସ୍ଥା କରାଯାଇଛି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏପରିକି କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ନିଶାଣ କରିଛି ।

ଅଭିଯୋଗ ଅନୁସାରେ ଏହି ପ୍ରକଳ୍ପ ଅଧୀନରେ ୪ଟି ମୁଖ୍ୟ ଷ୍ଟୁଡିଓ ସହ ୮ଟି ଜୋନାଲ ସ୍ତରୀୟ ଷ୍ଟୁଡିଓ ରହିବ। ଫାଇବର ଓ ସାଟେଲାଇଟ୍ ସଂଯୋଗ ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯିବ। ଓଡିଆ ଓ ଇଂରାଜୀ ଭାଷାରେ ଡିଜିଟାଲ କଣ୍ଟେଣ୍ଟ ଯୋଗାଇବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ, ଏଆଇ ଆଧାରିତ ଭର୍ଚୁଆଲ୍ ଶ୍ରେଣୀଗୃହ, ଇଣ୍ଟରାକ୍ଟିଭ୍ ଫ୍ଲାଟ୍ ପ୍ୟାନେଲ୍, ଡିଜିଟାଲ୍ ମୂଲ୍ୟାୟନ ଡିଭାଇସ୍, ଛାତ୍ର ଆପ୍, କାର୍ଯ୍ୟଦକ୍ଷତା ଆନାଲିଟିକ୍ସ ଡ୍ୟାସବୋର୍ଡ ଭଳି ସୁବିଧା ରହିବ। ଏଥିପାଇଁ ଓକାକ୍ ପକ୍ଷରୁ ୧୦୦୦ କୋଟିର ଟେଣ୍ଡର ଆହ୍ୱାନ କରାଯାଇଛି। ଏପରିକି ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଏହି ଟେଣ୍ଡର ଦେବା ପାଇଁ ସେହି ଅନୁସାରେ ଗାଇଡ୍‌ଲାଇନ୍ ପ୍ରକାଶ କରାଯାଇଛି। ମାତ୍ର ବାର୍ଷିକ ୮୦୦ କୋଟି ଟଙ୍କା କାରବାର କରୁଥିବା ସଂସ୍ଥା ଟେଣ୍ଡରରେ ଭାଗ ନେଇପାରିବେ ବୋଲି ଦର୍ଶାଯିବା ପରେ ଏଥିରେ ଫିକ୍ସିଂ ଗନ୍ଧ ବାରିଛନ୍ତି ବିରୋଧୀ। ୬୦୦ କୋଟିର ପ୍ରକଳ୍ପ ୧୦୦୦ କୋଟି କିପରି ହେଲା ବୋଲି ପ୍ରଶ୍ନ ଉଠାଇବା ସହ ନିର୍ଦ୍ଦିଷ୍ଟ ସଂସ୍ଥା ପ୍ରତି ଅନୁକମ୍ପା ଦେଖାଇ ଶହଶହ କୋଟି ଟଙ୍କା ଆତ୍ମସାତ କରିବାକୁ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ କରିଛି। ସେହିପରି ଟେଣ୍ଡରରେ ସ୍ୱଚ୍ଛତା ନଥିବା ଦର୍ଶାଇ ମାମଲା ହାଇକୋର୍ଟରେ ମଧ୍ୟ ପହଞ୍ଚିଛି। ଏହାସହ ରାଷ୍ଟ୍ରପତିଙ୍କ ସମେତ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ୍ୟ ଆବେଦନକାରୀ ଅଭିଯୋଗ କରିଛନ୍ତି। ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପୂର୍ବରୁ ଏହି ଯୋଜନା କେବଳ ଟଙ୍କା ହଡ଼ପ କରିବା ପାଇଁ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଅନ୍ୟପଟେ ରାଜ୍ୟର ରାଜ୍ୟର ୧୭୬୩ ବିଦ୍ୟାଳୟରେ ଭିତ୍ତିଭୂମି ଠିକ୍ ନ ଥିବା ଖୋଦ୍ ଗଣଶିକ୍ଷା ମନ୍ତ୍ରୀ ବିଧାନସଭାରେ କହିଥିଲେ। ଏପରି କ୍ଷେତ୍ରରେ ଅତ୍ୟାଧୁନିକ ଏଆଇ ଶିକ୍ଷାଦାନ କିପରି ହୋଇପାରିବ ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିବା ସହ ଆଧୁନିକ ଶିକ୍ଷାଦାନ ପାଇଁ ବ୍ୟବସ୍ଥା ପୂର୍ବରୁ ଭିତ୍ତିଭୂମି ସଜାଡ଼ିବାକୁ ଦାବି କରିଛନ୍ତି। ଟେଣ୍ଡର ପ୍ରକ୍ରିୟାରେ ତଞ୍ଚକତା କରାଯାଇଥିବାରୁ ଏହାକୁ ବାତିଲ କରିବାକୁ ମଧ୍ୟ ଦାବି ହୋଇଛି।

### ଦମ୍ପତିଙ୍କ ଝଗଡ଼ାରେ ବଳିପଡ଼ିଲେ ଦୁଇ ଶିଶୁ

# ପୁଅ-ଝିଅକୁ ଟାଙ୍ଗିଆରେ ହାଣିଦେଲା ମା’

ଝାରସୁଗୁଡ଼ା, ୧୨।୪ (ସମିସ): ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ାରେ ବଳି ପଡ଼ିଲେ ଦୁଇ ନିଷ୍ପାପ ଶିଶୁ। ନିଜ ମାଆ ତା’ର ଦୁଇ ଶିଶୁଙ୍କୁ ଟାଙ୍ଗିଆ ଓ ପନିକିରେ ହାଣି ହତ୍ୟା କରିବା ପରେ ଆତ୍ମହତ୍ୟା ଉଦ୍ୟମ କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ବିମାନବନ୍ଦର ଥାନା ଓରାମପଡ଼ାଠାରେ ଶନିବାର ବିଳମ୍ବିତ ରାତ୍ରିରେ ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି। ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା ପରେ ରାଗ ସୁଝାଇବା ପାଇଁ ନିଜର ପୁଅ ଓ ଝିଅଙ୍କୁ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ରଞ୍ଜିତା ଓରାମ ନିଜ ସ୍ୱାମୀ ସୀତାରାମ ଓରାମଙ୍କ ସହିତ ଝାରସୁଗୁଡ଼ା ବିମାନବନ୍ଦର ଥାନା ନିକଟରେ ଥିବା ଓରାମପଡ଼ାରେ ରହି ଆସୁଥିଲେ। ସୀତାରାମଙ୍କ ପର ସ୍ତ୍ରୀ ସହ ସଂପର୍କ ଥିବା ନେଇ ରଞ୍ଜିତା ସବୁବେଳେ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ପରିବାର ଭିତରେ କଳହ ଲାଗି ରହୁଥିଲା। ଏପରିକି, ଏହାକୁ ନେଇ ନିଜ ସହ ଦୁଇଶିଶୁଙ୍କୁ ମାରିଦେବା ପାଇଁ ସ୍ୱାମୀଙ୍କୁ ଧମକ ଦେଇ ଆସୁଥିଲେ।

ଘଟଣାର ପୂର୍ବଦିନ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ରଞ୍ଜିତା ଶୌଚ ଯିବା ପାଇଁ ସ୍ୱାମୀ




ସୀତାରାମଙ୍କୁ ଉଠାଇଥିଲା। ସୀତାରାମ ଘରର କବାଟ ଖୋଲି ବାହାରକୁ ବାହାରି ପଡ଼ିବା ପରେ ରଞ୍ଜିତା ପଛପଟୁ କବାଟ ବନ୍ଦ କରିଦେଇଥିଲେ। ଭିତରେ ଥିବା ପନିକି ଏବଂ ଟାଙ୍ଗିଆରେ ୧୦ବର୍ଷର ଝିଅ ଜିଜ୍ଞାସା ଓରାମ ଏବଂ ୫ବର୍ଷର ପୁଅ ବିହାଂଶୁ ଓରାମଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରିବା ସହିତ ଏବଂ ନିଜକୁ ମଧ୍ୟ କ୍ଷତାକ୍ତ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୀତାରାମ ଯେତେ ଡାକିଲେ ମଧ୍ୟ ରଞ୍ଜିତା କବାଟ ନ ଖୋଲିବାରୁ ନିଜ ବଡ଼ଭାଇଙ୍କୁ ଡାକି ପଛପଟ ଝରକାକୁ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। କିନ୍ତୁ, ସେତେବେଳେକୁ ଝିଅ ଜିଜ୍ଞାସାଙ୍କ ମୃତ୍ୟୁ ଘଟିସାରିଥିବା ବେଳେ ପୁଅ ବିହାଂଶୁ ମଧ୍ୟ ଅତ୍ୟନ୍ତ ଗୁରୁତର ହୋଇ ସାରିଥିଲେ। ସୀତାରାମଙ୍କ ବଡ଼ଭାଇ ପୁଲିସକୁ ଖବର ଦେଲା ପରେ ପୁଲିସ ସହାୟତାରେ ଦୁଇଟି ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିବା ବେଳେ ରଞ୍ଜିତା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସ୍ଥାନୀୟଲୋକଙ୍କ କହିବାନୁଯାୟୀ, ସ୍ୱାମୀ ସ୍ତ୍ରୀଙ୍କ କଳି ଏବଂ ସ୍ତ୍ରୀର ସ୍ୱାମୀ ଉପରେ ସନ୍ଦେହ ହିଁ ଏହି ବୀଭତ୍ସ ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଘଟଣାସ୍ଥଳରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଭିଜିଲାନ୍ସ ଜାଲରେ ଗୁଡ଼ାରି ରେଞ୍ଜର୍



ରାୟଗଡ଼ା/ଗୁଡ଼ାରୀ/ନବରଙ୍ଗପୁର, ୧୨।୪(ସମିସ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ରାୟଗଡ଼ା ଜିଲ୍ଲା ଗୁଡ଼ାରି ବନାଞ୍ଚଳ ଅଧିକାରୀ(ରେଞ୍ଜର) ସୁକୁମାର ଦୁଃଖୀ। ତାଙ୍କ ଅଫିସ ଗାଡ଼ିରେ ଗୁଡ଼ାରିରୁ ନବରଙ୍ଗପୁରର ସେନାପତି ଷ୍ଟ୍ରିଟ୍‌ସ୍ଥିତ ବାସଭବନକୁ ଯାଉଥିବା ବେଳେ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲା ସୀମାନ୍ତ ଇନ୍ଦ୍ରାବତୀ ସେତୁ ନିକଟରେ ଭିଜିଲାନ୍ସର ଏକ ଦଳ ତାଙ୍କୁ ୨ଲକ୍ଷ ୩୩ ହାଜର ଟଙ୍କା ସହ ଧରିଥିଲେ। ଜବତ ଟଙ୍କା ସମ୍ପର୍କରେ ପଚାରିବାରୁ ରେଞ୍ଜର ଶ୍ରୀ ଦୁଃଖୀ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ସହ ତାଙ୍କ ବୋଲେରୋ ଗାଡ଼ିକୁ ଜବତ କରିଥିଲେ। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ଗୁଡାରିସ୍ଥିତ ସରକାରୀ ବାସଭବନ, ଗୁଡାରି ବନ ବିଭାଗ କାର୍ଯ୍ୟାଳୟ ଏବଂ ନବରଙ୍ଗପୁର ସେନାପତି ସାହିରେ ଥିବା ବାସଭବନରେ ଚଢ଼ଉ କରି ଛାନଭିନ୍ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଉପରୋକ୍ତ ୩ଟି ସ୍ଥାନରେ ତଲାସ ଜାରି ରହିଛି।

### ବଂଶଧାରା ଜଳ ବିବାଦ

# ନଦୀ ମଧ୍ୟରେ ହାତରେ ପାଣି ଧରି ପ୍ରତିବାଦ

ଗୁଣୁପୁର, ୧୨।୪(ସମିସ): ବଂଶଧାରା ନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲ ରାୟ ପ୍ରକାଶ ପରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାୟଗଡ଼ା ଓ ଗଜପତି ଜିଲ୍ଲାର ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା ଦାବିରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ରବିବାର ଅଭିନବ ପ୍ରତିବାଦ କରାଯାଇଛି। ରାୟଗଡ଼ା-ଗଜପତି ଜିଲ୍ଲା ସୀମାନ୍ତ ସାହାରା ନିକଟରେ ପ୍ରବାହିତ ବଂଶଧାରା ନଦୀ

**ଆରମ୍ଭ ହେଲା ‘ଜଳ ସଂକଳ୍ପ ଯାତ୍ରା’**

ମଧ୍ୟରେ ଚାଷୀ ଓ ସମିତି ସଦସ୍ୟମାନେ ନଦୀ ମଧ୍ୟରେ ହାତରେ ପାଣି ଧରି ପ୍ରତିବାଦ କରିବା ସହ ‘ଜଳ ସଂକଳ୍ପ ଯାତ୍ରା’ ଆରମ୍ଭ କରିଛନ୍ତି। ଏହି ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସଚେତନ କରାଯାଇଛି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ଦାବିକୁ ଗୁରୁତ୍ୱ ନ ଦିଅନ୍ତି, ତେବେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶଙ୍କ ନେତୃତ୍ୱରେ ଗୁଣୁପୁର ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ପଞ୍ଚାୟତ ସମିତି ସଦସ୍ୟ ଜଗନ୍ନାଥ ଦୋରାଙ୍କ ସହ ବହୁ ଜନପ୍ରତିନିଧି, ଆଇନଜୀବୀ ଓ ସାମାଜିକ



କର୍ମୀ ଯାତ୍ରାରେ ଭାଗ ନେଇଥିଲେ। ସାରା, ବାଡ଼ିଗାଁ, ଗାଦିଆଖଳା ଓ ଗୁଣୁପୁର ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ବଂଶଧାରା ଜଳ ସୁରକ୍ଷା ପାଇଁ ଶପଥ ନେଇଥିଲେ।

ସୂଚନାନୁଯାୟୀ, ପ୍ରାୟ ୨୫୪କି.ମି ଦୀର୍ଘ ବଂଶଧାରା ନଦୀ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଦେଇ ପ୍ରବାହିତ। ୧୯୬୨ରେ ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନ ସମ୍ପର୍କୀୟ ଚୁକ୍ତି ହୋଇଥିବା ବେଳେ ଏହାକୁ ଆଧାର କରି ଟ୍ରିବ୍ୟୁନାଲ ଶେଷ ରାୟ ଦେଇଛି। ଗତ ଏପ୍ରିଲ ୫ରେ ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇଛି। ଟ୍ରିବ୍ୟୁନାଲ ଦ୍ୱାରା ସମାନ ଭାବେ ଜଳ ବ୍ୟବହାର ନିର୍ଦ୍ଦେଶ ଦେଇଥିବାରୁ ଓଡ଼ିଶାରେ ଉପଯୁକ୍ତ ପ୍ରକଳ୍ପ ଗଢ଼ି ଉଠିବା ଦାବି ଆହୁରି ଜୋର୍ ଧରିଛି।

# ଆଜିଠୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ, ୧୨।୪(ସମିସ): ଶେଷ ହୋଇଛି ଚଳନ୍ତି ଏବଂ ବାହାର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି। ସୋମବାରଠାରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି ଆରମ୍ଭ କରାଯିବ। ଏହାକୁ ଯେପରି ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ,

**କେବଳ ବାହାର କାଠରୁ ଭକ୍ତ ଦର୍ଶନ କରିବେ**

ସେ ନେଇ ରବିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଣତିମଣତିର ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଭର୍ଚୁଆଲରେ ଯୋଗ ଦେଇଥିଲେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପି ଆଧାରରେ ହେବ ଗଣତିମଣତି। ଅଧିକୃତ ବ୍ୟକ୍ତିମାନେ ପ୍ରଥମେ ଶ୍ରୀମନ୍ଦିର




କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରୁ ସମସ୍ତେ ମନ୍ଦିରକୁ ଯିବେ। ଜିଲ୍ଲା ଟ୍ରେଜେରିରୁ ଚାବି ଅଣାଯାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତିମଣତି କରାଯିବ। ପ୍ରତିଦିନ ଗଣତିମଣତି ଶେଷ ହେବା ପରେ ଜଉମୁଦ ଦିଆଯାଇ ଚାବି ପୁଣି ଟ୍ରେଜେରିକୁ ନିଆଯିବ। ଗଣତି ପ୍ରକ୍ରିୟା ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍ କରାଯିବ। ଗଣତିମଣତି ସମୟରେ ମହାପ୍ରଭୁଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବା ସହ ଭକ୍ତମାନେ ସ୍ୱଚ୍ଛନ୍ଦ ଦର୍ଶନ କରିପାରିବେ। ଗଣତି ପ୍ରକ୍ରିୟାର ସୁରକ୍ଷା ଦୃଷ୍ଟିରୁ ଭକ୍ତଗଣ କେବଳ ବାହାର କାଠରୁ ଦର୍ଶନ କରିବେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସମ୍ପାଦନରେ ସମସ୍ତ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଗଣଙ୍କ ସହଯୋଗ କାମନା କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ତେବେ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତିମଣତି ବନ୍ଦ ରହିବ। ଏହାପରେ ୧୬ରୁ ୧୮ ତାରିଖ ଯାଏଁ ଗଣତିମଣତି କରାଯିବ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଭିତର ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ବୈଠକ ପରେ ଜିଲ୍ଲାପାଳ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ସବୁ କାର୍ଯ୍ୟ ସୁରୁଖୁରୁରେ ହେବ। ଶ୍ରଦ୍ଧା ଏବଂ ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ କରାଯିବ। ଠାକୁରଙ୍କ ନୀତିକାନ୍ତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନକୁ ବିଶେଷ ଗୁରୁତ୍ୱ ଦିଆଯିବ। ଟ୍ରେଜେରୀରୁ ଚାବି ଆସିବା ପରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଣତିମଣତି ହେବ।

ସୂଚନାଥାଉ କି, ଶେଷଥର ପାଇଁ ୧୯୭୮ ମସିହାରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି ହୋଇଥିଲା। ମେ’ ୧୩ରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ପ୍ରାୟ ୭୦ ଦିନ ଧରି ଏହା ଚାଲିଥିଲା। ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରକାଶିତ ରତ୍ନଭଣ୍ଡାର ପୁସ୍ତକ ଅନୁଯାୟୀ, ଭିତର ରତ୍ନଭଣ୍ଡାରରେ ୩୬୭ ପ୍ରକାରର ୪୩.୦୬ କେଜିର ସ୍ୱର୍ଣ୍ଣ ଓ ୨୩୧ ପ୍ରକାରର ୧୪୮.୭ କେଜିର ରୁପା ଅଳଙ୍କାର ରହିଛି।

# ଆଶ୍ରମ ସ୍କୁଲରେ ଝାଡ଼ାବାନ୍ତି; ୧୨୮ ଛାତ୍ରୀ ଆକ୍ରାନ୍ତ

ରାସଗୋବିନ୍ଦପୁର/ମୋରଡ଼ା, ୧୨।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ କାକବନ୍ଧ ବାଳିକା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପିଛି। କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ୨୯୦ ଛାତ୍ରୀ ରହୁଥିବା ବେଳେ ୧୨୮ରୁ ଅଧିକ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଅଭିଭାବକଙ୍କ କହିବା ଅନୁଯାୟୀ, ପିଲାଙ୍କ ଦେହ ଅସୁସ୍ଥ ହେବା ଖବର କୌଣସି ଅଭିଭାବକଙ୍କୁ ବିଦ୍ୟାଳୟ ତରଫରୁ ସୂଚନା ଦିଆଯାଇନଥିଲା। କେତେକ ଆକ୍ରାନ୍ତ ଛାତ୍ରୀଙ୍କୁ ଆମ୍ବୁଲାନ୍ସ ସୁବିଧା ନମିଳିବାରୁ ୪ଟି ଅଟୋରେ ରାସଗୋବିନ୍ଦପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଛି। ପରେ ୧୦୮ ଆମ୍ବୁଲାନ୍ସରେ ଅସୁସ୍ଥ ଛାତ୍ରୀଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏଥିସହ ଗୋଟିଏ ଅଟୋରେ ୨୦ରୁ ୨୫ଜଣ ପିଲାଙ୍କୁ ଲଦି ପଠାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ଅଭିଭାବକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।



ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସ୍କୁଲରେ ପଖାଳ, ଆଳୁ ଚଟଣି, ଆମ୍ବ ଚଟଣି ଓ ବାସି ଖାଦ୍ୟ ପିଲାଙ୍କୁ ପ୍ରଦାନ କରାଯାଇଥିଲା। ଯାହା ଝାଡ଼ାବାନ୍ତିର ପ୍ରମୁଖ କାରଣ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଛାତ୍ରୀ ଗୁରୁତର ହେବା ସତ୍ତ୍ୱେ ଅଭିଭାବକଙ୍କୁ ନ ଜଣାଇ ବିଦ୍ୟାଳୟ ପକ୍ଷରୁ ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଇଥିଲା। ସବୁଠାରୁ ଚିନ୍ତାଜନକ ବିଷୟ ହେଲା, ସକାଳ ୮ଟାରୁ ପିଲାମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ ହେଁ ପ୍ରଧାନଶିକ୍ଷକ ଜୟନ୍ତ ପାଣିଗ୍ରାହୀ ଚିକିତ୍ସାରେ ଅବହେଳା କରିଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକ। ଗଣମାଧ୍ୟମ ପ୍ରତିନିଧି ପଚାରିବା ପରେ ଘଟଣାଟି ସାମ୍ନାକୁ ଆସିଥିବା କୁହାଯାଉଛି। ବିଦ୍ୟାଳୟ କର୍ତ୍ତୃପକ୍ଷ କେବଳ ୧୫ଜଣ ପିଲା ଆକ୍ରାନ୍ତ ହୋଇଥିବା ସୂଚନା ଦେଇ ଘଟଣାକୁ ଚାପିଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଅଭିଭାବକ ମେଡିକାଲ ପ୍ରଶାସନ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ବିରୋଧରେ ପ୍ରତିବାଦ କରିଥିବା ବେଳେ ଏହା ଦାୟିତ୍ୱହୀନତାର ଉଦାହରଣ ବୋଲି ଅଭିଯୋଗ ହେଉଛି। ଘଟଣାର ସଠିକ୍ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।




# ସର୍କିଟ ହାଉସରେ ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୧୨।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ କେନ୍ଦୁଝର ଗସ୍ତରେ ଅଛନ୍ତି। ଦ୍ୱିତୀୟ ଦିନ ରବିବାର ମଧ୍ୟାହ୍ନରେ ଶହ ଶହ ସଂଖ୍ୟାରେ ଲୋକ କେନ୍ଦୁଝର ସର୍କିଟ ହାଉସକୁ ଆସି ନିଜ ନିଜର ବ୍ୟକ୍ତିଗତ ଓ ଆଉ କିଛି ଲୋକ ସାମୂହିକ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ବିଶେଷ କରି ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଭିଯୋଗଗୁଡ଼ିକ ମୁଖ୍ୟମନ୍ତ୍ରୀ ଧୈର୍ଯ୍ୟର ସହ ଶୁଣିବା ପରେ ଏହାର କିପରି ସମାଧାନ ହୋଇପାରିବ ତାହାର ଦାୟିତ୍ୱ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରରେ ରହିଥିବା ସମସ୍ୟାଗୁଡ଼ିକୁ ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପ୍ରଶାସନ ଓ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି ବ୍ୟବସ୍ଥାକୁ ଲୋକଙ୍କ ଅତି ନିକଟତର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢିଛି। ଏହି ଅଭିଯୋଗ ଶୁଣିବା ସମୟରେ ଡିଆଇଜି ବ୍ରିଜେଶ ରାୟ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ଡିଏଫ୍‌ଓ ଏଚ୍‌ଡି ଧନରାଜ, ଡିଏମ୍‌ଏଫ ସିଇଓ ଡକ୍ଟର ରୀନା ପ୍ରଧାନ, ମୁଖ୍ୟମନ୍ତ୍ରୀ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦୁଇ କାର୍ ମଧ୍ୟରେ ଧକ୍କା; ବର୍ତ୍ତିଗଲେ ୭ ଯାତ୍ରୀ





ତୁରୁମୁଙ୍ଗା, ୧୨।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ନିହୁଁଆଁ ଛକ ନିକଟରେ ରବିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ କାର ପଛକୁ ଆଉ ଏକ କାର ଧକ୍କା ଦେବା ଫଳରେ ଉଭୟ ଗାଡ଼ିରେ ଥିବା ୭ ଜଣ ଯାତ୍ରୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ବାରିପଦା ଅଞ୍ଚଳର ଏକ ପରିବାରର ୫ ଜଣ ସମ୍ବଲପୁରରୁ ଫେରୁଥିବା ସମୟରେ କେନ୍ଦୁଝର ପଟୁ ଆଉ ଏକ କାରରେ ଦୁଇ ଜଣ କରଞ୍ଜିଆକୁ ଯାଉଥିଲେ। ନିହୁଁଆଁ ନିକଟ ଏକ ହମ୍ପସରେ ଆଗ ଗାଡ଼ି ବ୍ରେକ ମାରିବାରୁ ପଛରେ ଆସୁଥିବା କାର ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡ଼ିର ୭ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ୧୦୮ ଓ ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଆପୋଷ ବୁଝାମଣା ପରେ ଉଭୟ ଗାଡ଼ି ନେଇଯାଇଥିବା ଜଣାପଡ଼ିଛି। ଏନେଇ ତୁରୁମୁଙ୍ଗା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏନଏଚଆଇର ଖାମଖିଆଲି ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ରାଜପଥ ଉପରେ ଥିବା ହମ୍ପସ ପୂର୍ବରୁ କୌଣସି ସୂଚନା ବା ସଙ୍କେତ ନଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।

# ଯୁବକଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ

ଯୋଡ଼ା, ୧୨।୪(ସମିସ): ଯୋଡ଼ା ବସଷ୍ଟାଣ୍ଡରେ ଜଣେ ଯୁବକଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଅଜୟ କୁମାର ପାତ୍ର ନାମକ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କର ମୁଣ୍ଡ ଓ ଆଖିପତାରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଛି। ତାଙ୍କୁ ନିକଟସ୍ଥ ଟାଟା ଷ୍ଟିଲ ମେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଜି ସେ ଯୋଡ଼ା ବଜାରକୁ ପରିବା କିଣିବାକୁ ଆସିଥିବାବେଳେ ହଠାତ୍ କେହି ଦୁର୍ବୃର୍ତ୍ତ ତାଙ୍କୁ କାଠଫାଳିଆରେ ଆକ୍ରମଣ କରି ପଳାଇଯାଇଥିବା କୁହାଯାଉଛି। ଅଜୟଙ୍କ ନିଜ ଘର ପାଟଣା ଥାନା ମୂଷାପଡ଼ା ଗାଁରେ। ସେ କମାର ଯୋଡ଼ାରେ ରହି ରାଜମିସ୍ତ୍ରି ଭାବରେ କାମ କରୁଥିଲେ। ହେଲେ କାହିଁକି ତାଙ୍କୁ ଅତର୍କିତ ଭାବରେ ମରଣାନ୍ତକ ଆକ୍ରମଣ କରାଗଲା ତାହା ସ୍ପଷ୍ଟ ହୋଇପାରିନାହିଁ। ଅଜୟଙ୍କ କହିବା କଥା, ଗତକାଲି ସାଇଟ୍‌ରେ କାମକରୁଥିବା ବେଳେ କୌଣସି କାରଣକୁ ନେଇ ଜଣେ ମହିଳା ଶ୍ରମିକଙ୍କ ସହ ତାଙ୍କର ବଚସା ହୋଇଥିଲା, ଯାହାଫଳରେ ସେ ତାଙ୍କୁ ଦେଖିନେବେ ବୋଲି କହିଥିଲେ। ଖବର ପାଇ ଯୋଡ଼ା ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବଡଡୁମୁରିଆ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଝୁମ୍ପୁରା, ୧୨।୪(ସମିସ): ଝୁମ୍ପୁରା ବ୍ଲକ ବଡଡୁମୁରିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ଯୋଗଦାନ କରିଥିବା ଅତିଥିଙ୍କ ଦ୍ୱାରା ଭାରତମାତା ଓ ସରସ୍ୱତୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ବାର୍ଷିକୋତ୍ସବ ଉତ୍ସବରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ବିଭାଗ ସେବା ପ୍ରମୁଖ ଖଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ବାରିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଲଳିତ ମୋହନ ମହାନ୍ତ, ସରପଞ୍ଚ ରୁଦ୍ର ନାଏକ ଯୋଗଦାନ କରିଥିଲେ। ଶିକ୍ଷା, ସଂସ୍କୃତି, ମାତୃଭାଷା ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ବୈକୁଣ୍ଠନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟା ମିଷ୍ଟରିତା ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିଶୁ ମନ୍ଦିରର ଗୁରୁଜୀ ତପନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କୁ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁରୁଜୀ ପ୍ରମୋଦ ମହାକୁଡ଼, ଟଙ୍କ ଝାଳିଆ ଗୁରୁମା ଅନ୍ନପୂର୍ଣ୍ଣା ଗିରି, ସୁନନ୍ଦା ଗିରି, କମଳା ମହାନ୍ତ, ଲିପି ମହାନ୍ତି, ଭୂମିକା ମହାନ୍ତ, ଲିଜା ମହାନ୍ତ, ସବିତା ମହାନ୍ତ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ନବବର୍ଷ ପାଳନ ପ୍ରସ୍ତୁତି



ଯୋଡ଼ା, ୧୨।୪(ସମିସ): ଯୋଡ଼ା ସହରରେ ଓଡ଼ିଆ ନବ ବର୍ଷ ପାଳନ ନିମନ୍ତେ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବ ବର୍ଷ ପାଳନର ସମସ୍ତ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରାଯାଇଥିଲା। ଏପ୍ରିଲ ୧୪ ମହାବିଷୁବ ସଂକ୍ରାନ୍ତି ଓଡ଼ିଆଙ୍କର ଏକ ପ୍ରମୁଖ ଦିନ ହୋଇଥିବା ବେଳେ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏହି ଦିନ ପୂର୍ବାହ୍ନରେ ଏକ ଶୋଭାଯାତ୍ରା କରାଯାଇ କେନ୍ଦୁଝର ଜିଲ୍ଲାର ଚାଙ୍ଗୁ ନୃତ୍ୟ ପରିବେଷଣ ସହ ସଂକୀର୍ତ୍ତନ, ଆଦିବାସୀ ନୃତ୍ୟ, ସାନ୍ତାଳୀ ନୃତ୍ୟ ଏବଂ ନିକଟ ଜିଲ୍ଲାରୁ ଆସୁଥିବା କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଲଉଡି ଖେଳ, ଘଣ୍ଟବାଦ୍ୟ ପ୍ରଭୃତି କରାଯିବ। ସନ୍ଧ୍ୟା ସମୟରେ ପଶ୍ଚିମ ଯୋଡ଼ାଠାରେ ଏକ ସଭାର ଆୟୋଜନ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ମଞ୍ଚର ସଭାପତି ଚର୍ଚ୍ଚିଲ ମହାକୁଡ଼, ସମ୍ପାଦକ ସୁଶୀଲ ମହାନ୍ତି, ଉପଦେଷ୍ଟା ସାରଦା ପ୍ରସାଦ ଆଚାର୍ଯ୍ୟ, ଗୋପାଳ ବେହେରା, କାଉନସିଲର ଦୀପ୍ତିରଞ୍ଜନ ବେହେରା, ରାମଚନ୍ଦ୍ର ପାତ୍ର, ମୁନା କାରୁଆଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ସାଇଁକୁଳରେ ବୈଦିକ ବ୍ରାହ୍ମଣ ସମ୍ମିଳନୀର ମହାସଭା




ଆନନ୍ଦପୁର, ୧୨।୪ (ସମିସ): ଘସିପୁରା ବ୍ଲକ୍‌ର ସାଇଁକୁଳ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ବୈଦିକ ବ୍ରାହ୍ମଣ ମହାସଭାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆବାହକ ସୁଶାନ୍ତ ପାଣିଙ୍କ ସଂଯୋଜନା ଓ ସଭାପତି ସାରଙ୍ଗଧର ନନ୍ଦଙ୍କ ସଭାପତିତ୍ୱରେ ସମ୍ପାଦକ ଭଗବାନ ପଣ୍ଡା ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ବ୍ରାହ୍ମଣ ମହାସଭା ସଭାପତି ଡ ସଦାନନ୍ଦ ଦୀକ୍ଷିତ, ଜିଲା ସମ୍ପାଦକ ପ୍ରସନ୍ନ ନନ୍ଦ ଉପସଭାପତି ରଞ୍ଜନ ପାଢ଼ୀ, ରାଜ୍ୟ ସମ୍ପାଦକ ଶାନ୍ତନୁ ମିଶ୍ର, ଓଡ଼ିଶା ମିଡ଼ିଆ ସେଲ ସମ୍ପାଦକ ମଦନ ପାଣିରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ମିଶ୍ର, ଉପଦେଷ୍ଟା ହଳଧର ପଣ୍ଡା, ଆନନ୍ଦପୁର ସଂଯୋଜକ ମଦନ ମିଶ୍ର ଯୋଗଦେଇ ସଂରକ୍ଷଣ ବ୍ୟବସ୍ଥା ସାମାଜିକ ବ୍ୟବସ୍ଥାକୁ ନଷ୍ଟ କରୁଥିବାରୁ କୌଳିକ ବୃତ୍ତିର ମର୍ଯ୍ୟାଦା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଶରତଚନ୍ଦ୍ର ମିଶ୍ର, ବିଭୂତିଭୂଷଣ ଦାଶ, ଚିତ୍ତରଞ୍ଜନ ଦାଶ ବିଶ୍ୱରଂଜନ ମିଶ୍ର, କେଦାର ରଥ, ନରସିଂହ ଦାଶ ମହାସଭା ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ବୈଦିକ ସଂସ୍କୃତି, ରୀତିନୀତି, ପରମ୍ପରା, ଯଜ୍ଞ, ଅନୁଷ୍ଠାନ, ବେଦଶାସ୍ତ୍ର, ଶ୍ରୀମଦ୍ ଭାଗବତ ଉପରେ ଆଲୋଚନା କରିଥିଲେ।

# କୀର୍ତ୍ତନବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୨।୪(ସମିସ): ଘସିପୁରା ବ୍ଲକ ଶାଳଦେଇ କୀର୍ତ୍ତନ ବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କନିଷ୍ଠ କିରାଣି ନରେନ୍ଦ୍ର କୁମାର ସେଠୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଧକ୍ଷ ସରୋଜ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ ରାଉତ, ମୁଖ୍ୟବକ୍ତା କେନ୍ଦୁଝର ଓଷ୍ଟା ସଂଘ ସଂପାଦକ ରଞ୍ଜନ ଘଡ଼େଇ, ସମ୍ମାନିତ ଅତିଥି ଶାଳଦେଇ ସରପଞ୍ଚ ରିତାଞ୍ଜଳି ବୋଇତାଇ, ପଞ୍ଚସଖା ଶିକ୍ଷାସେତୁ ସଭାପତି ନବଘନ ରାଉତ, ପ୍ରଭାତ ନଳିନୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟଦେବ ସାହୁ, ବାଲିବରୁଆଁ ସିଆରସିସି ପ୍ରଶାନ୍ତ ନାଥ ଯୋଗଦାନ କରିଥିଲେ। ଦୀର୍ଘବର୍ଷ ଧରି ବିଦ୍ୟାଳୟର ସମସ୍ତ କାର୍ଯ୍ୟ ନିଷ୍ଠାର ସହ କରିବା ସହ ବିଦ୍ୟାଳୟରେ ସମସ୍ତଙ୍କର ଅତି ପ୍ରିୟ ଭାବେ ଶ୍ରୀ ସେଠୀ ନିଜ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଦୀପ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ବାସୁଦେବ ସାହୁ ସଭା ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ବରଦା ପ୍ରସନ୍ନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦେବବ୍ରତ ଗୁରୁ, ବିଷ୍ଣୁଚରଣ ନାୟକ, ଦେବବ୍ରତ ସାହୁ, ମେନକା ରାଉତ, ପ୍ରିୟଙ୍କା ମଲ୍ଲିକ, ପ୍ରମୋଦ ସାହୁ, ଗୋବର୍ଦ୍ଧନ ସାହୁ, କର୍ମଚାରୀ ନିରଞ୍ଜନ ମୁଖୀ ସହଯୋଗ କରିଥିଲେ।

# ଆନନ୍ଦପୁର ମହୋତ୍ସବରେ ସାଇବର ସଚେତନତା

ଆନନ୍ଦପୁର, ୧୨।୪ (ସମିସ): ଆନନ୍ଦପୁର ମହୋତ୍ସବରେ ଆକ୍ସିସ ବ୍ୟାଙ୍କ ଆନନ୍ଦପୁର ଦ୍ୱାରା ସାଇବର ଫ୍ରଡ଼ର ସଚେତନତା ଏବଂ ସରକାରୀ ସ୍କିମର ଉପକାରିତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାଖା ପରିଚାଳକ ଜୟନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଲୋକଙ୍କ ପାଖରେ ବ୍ୟାଙ୍କ ସୁବିଧା କିପରି ସୁରୁଖୁରୁରେ ପହଞ୍ଚିପାରିବ ଓ




ଆଲୋଚନାରେ ଜଣେ ଲୋକ କିପରି ସାଇବର ଫ୍ରଡରୁ ରକ୍ଷା ପାଇ ପାରିବ, ସରକାରଙ୍କ ଦ୍ୱାରା ଯେଉଁ ସ୍କିମ ସବୁ ଅଛି ସେଗୁଡ଼ିକର ସଠିକ ଉପଯୋଗ ସହ କୃଷକ, ମହିଳା, କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଉପଯୁକ୍ତ ଋଣ କିପରି ସହଜରେ ପାଇପାରିବେ ସେ ବିଷୟରେ ମଧ୍ୟ ଲୋକଙ୍କୁ ବୁଝାଯାଇଥିଲା। ବ୍ୟାଙ୍କ କର୍ମଚାରୀ ବିକ୍ରମ ବାରିକ, ସାର୍ଥକ ମିଶ୍ର, ମିତାଲି ଜେନା, ସତ୍ୟଜିତ ଶତପଥୀ, ରେଣୁକା ବିଶ୍ୱାଳ, ସୁମନ ପଣ୍ଡା, ବିଶ୍ୱଜିତ ନାୟକ, ଲିପୁନ ପଣ୍ଡା, ସମ୍ବିତ ମହାନ୍ତି, ସତ୍ୟମ ପରିଡା ପ୍ରମୁଖ ମହୋତ୍ସବରେ ଆସୁଥିବା ଲୋକଙ୍କୁ ସଚେତନ କରୁଛନ୍ତି।

# ପାଇପ୍‌ଲାଇନ୍ କାମ ଯୋଗୁଁ ସ୍କୁଲ କଂକ୍ରିଟ ଫାଟିଲା





ଆନନ୍ଦପୁର,୧୨।୪(ସମିସ): ଲୁହାପଥର ପରିବହନ ପାଇଁ ମାଟି ତଳେ କେନ୍ଦୁଝରରୁ ପାରାଦୀପ ପାଇପଲାଇନ ବିଛା ଯାଇଥିବା ବେଳେ ଏସଓପି ଭୁଲିଯାଉଛି କାର୍ଯ୍ୟର ଦାୟିତ୍ୱରେ ରହିଥିବା କମ୍ପାନୀ। ପାଇପ୍ କାମ ଯୋଗୁଁ ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ କାନ୍ଥ ଫାଟି ଆଁ କରିଥିବାବେଳେ ଛାତ୍ରଛାତ୍ରୀ ଭୟଭୀତ ଅବସ୍ଥାରେ ଶିକ୍ଷାଦାନ କରୁଛନ୍ତି। କିଛି ଦିନ ତଳେ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ କ୍ଲାସ୍ ରୁମ୍ ଭିତରେ ଅଣ୍ଟୁଏ ଆଣ୍ଠୁଏ କାଦୁଅରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀ ପାଠ ପଢିବାରେ ଅସୁବିଧା ହୋଇଥିଲା। ଆଇରନ ପାଇପ୍ କମ୍ପାନୀ ମନମାନି କାମ ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ପାଇପଲାଇନ ବିଛା କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ବେଳେ କେତେକ ଛକ, ବଜାର ସ୍ଥାନରେ ଗଭୀର ମାଟି ତଳେ ପାଇପ ନେବା ପାଇଁ କମ୍ପାନୀ ପକ୍ଷରୁ ମେସିନ ସାହାଯ୍ୟରେ ଗଭିର ସୁଡଙ୍ଗ କରିବା ସମୟରେ କର୍ମଚାରୀମାନେ ଏସଓପି ଭୁଲି ତ୍ରୁଟିପୂର୍ଣ୍ଣ ଭାବେ ସୁଡଙ୍ଗ କାର୍ଯ୍ୟ କରୁଥିବାରୁ ଜାତୀୟ ରାଜପଥ କଡ଼ରେ ଥିବା ସର୍ଭିସ ରୋଡଗୁଡିକ ମାଟି କାଦୁଅରେ ପରିପୂର୍ଣ୍ଣ ହୋଇଯାଉଥିବା ଦେଖିବାକୁ ମିଳୁଛି।

**ଭୟରେ ଛାତ୍ରଛାତ୍ରୀ**

# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ତୁରୁମୁଙ୍ଗା, ୧୨।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସରାସପଶି ନିକଟରେ କିଛିଦିନ ତଳେ ଘଟିଥିବା ଦୁର୍ଘଟଣାରେ ଗୁରୁତର ହୋଇଥିବା ତୁରୁମୁଙ୍ଗା ଗ୍ରାମର ଅରୁଣ ସାହୁ(୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ରାତି ମୃତ୍ୟୁ ଘଟିଛି। ଶନିବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଶୁଭାଶିଷ ସ୍ମାରକୀ କ୍ରିକେଟ ଫାଇନାଲ ମ୍ୟାଚ ଦେଖିଲେ ମୁଖ୍ୟମନ୍ତ୍ରୀ

## କଟକ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ହରାଇ ରାଉରକେଲା ଯୁଥ କ୍ରିକେଟ କ୍ଲବ ଚାମ୍ପିଅନ




କେନ୍ଦୁଝର, ୧୨।୪(ସମିସ): କେନ୍ଦୁଝର ଷ୍ଟାଡିଅମଠାରେ ଆୟୋଜିତ ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ରାଉରକେଲା ଯୁଥ କ୍ରିକେଟ କ୍ଲବ ରାଇଜିଂ ଷ୍ଟୁଡେଣ୍ଟସ କଟକକୁ ୩୪ ରନରେ ପରାସ୍ତ କରି ବିଜୟୀ ହୋଇଛି। ଏହି ଫାଇନାଲ ମ୍ୟାଚ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଏବଂ ରନର୍ସ ଅପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏଥିପାଇଁ ପ୍ରତି ପଞ୍ଚାୟତ ଏବଂ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରି ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ସରକାର ପ୍ରତିଭା ଚିହ୍ନଟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୨୦୨୮ରେ ୱାର୍ଲ୍ଡ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିଅନସିପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଆୟୋଜନ କରାଯାଉଥିବାରୁ ଏହା ଓଡ଼ିଶା ପାଇଁ ଗୌରବର କଥା। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, କେବଳ କ୍ରିକେଟ ନୁହେଁ, ଅନ୍ୟ ଖେଳରେ ମଧ୍ୟ ଆମ ଖେଳାଳି ଭାରତ ପାଇଁ ଗୌରବ ଆଣିଛନ୍ତି। ଆମ ସରକାର ଏହି ଦିଗରେ ଯତ୍ନବାନ ଅଛନ୍ତି ଏବଂ ଏହି ଦିଗରେ କାର୍ଯ୍ୟ ମଧ୍ୟ କରୁଛନ୍ତି ବୋଲି ସେ କହିଥିଲେ। କେନ୍ଦୁଝର ଷ୍ଟାଡିୟମଠାରେ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ, ଡାକ୍ତର ଫକୀର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଜିଲ୍ଲାପାଳ ବିଶାଳ ସିଂହ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ସମାଜସେବୀ ଶୁକଦେବ ମହାନ୍ତ ଏବଂ ଫେମସ କ୍ଲବର ସଭାପତି ବିଶ୍ୱଜିତ ତ୍ରିପାଠୀ ଉପସ୍ଥିତ ଥିଲେ।

# ସଚିବଙ୍କ ପ୍ରତିଶ୍ରୁତି ପରେ ବି ୪ ଗ୍ରାମ୍ୟ କୃଷି କର୍ମଚାରୀ ନିରାଶ




## ଏପ୍ରିଲ ୨୦ରେ କୃଷି ଭବନରେ ଧାରଣା ସହ ଆତ୍ମଦାହ ଚେତାବନୀ

ଆନନ୍ଦପୁର, ୧୨।୪ (ସମିସ): କେନ୍ଦୁଝର ଜିଲ୍ଲାର ୪ ଜଣ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀ ଭାବେ ନିଯୁକ୍ତି ନମିଳିବାରୁ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ସମ୍ପୃକ୍ତ ସଚିବଙ୍କ ପ୍ରତିଶ୍ରୁତି ପରେ ଆଶାୟୀମାନେ ଧାରଣା ପ୍ରତିହାର କରିଥିଲେ। ମୁଖ୍ୟ କୃଷି ସଚିବ ତାଙ୍କ ପ୍ରତିଶ୍ରୁତିରେ କହିଥିଲେ ଯେ ଏକମାସ ମଧ୍ୟରେ ନିଯୁକ୍ତି ଦେବେ। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଆସନ୍ତା ୨୦ ତାରିଖରେ ଆଶାୟୀମାନେ ଆତ୍ମଦାହ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ୨୦୦୮ରେ କେନ୍ଦୁଝର ଜିଲ୍ଲାରେ ଗ୍ରାମ୍ୟ କୃଷି କର୍ମଚାରୀ ନିଯୁକ୍ତି ପାଇଁ ୩୬ଟି ପଦ ବାହାରିଥିଲା। ଏହା ଜିଲ୍ଲା ସ୍ତରରେ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଏହି ଆଦେଶକୁ ଉଲ୍ଲଙ୍ଘନ କରି ଅନ୍ୟ ଜିଲ୍ଲାର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବାରୁ ଏହି ଆଶାୟୀ ପ୍ରାର୍ଥୀମାନେ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ନୀଳାମ୍ବର ପରିଡା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସେଠୀ ପ୍ରମୁଖ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ୨୪ ସେପ୍ଟେମ୍ବର ୨୦୨୪ରେ ନ୍ୟାୟାଳୟ ଏହି ମାମଲାର ବିଚାର କରି ୪ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ଆଦେଶ ଦେଇଥିଲେ। ତେବେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଆଶାୟୀ ପ୍ରାର୍ଥୀ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲା କୃଷି କାର୍ଯ୍ୟାଳୟରେ ୨ଥର ଆମରଣ ଅନଶନ ସହ ଆତ୍ମଦାହ ଦେବା ଭଳି ପଦକ୍ଷେପ ନେଇଥିବା ବେଳେ ଚାରିଜଣ ପ୍ରାର୍ଥୀ ଏକ ପ୍ରେସମିଟ ମାଧ୍ୟମରେ ୧୬ ମାର୍ଚ୍ଚ ୨୦୨୬ରେ କୃଷି ବିଭାଗକୁ ଆମରଣ ଅନଶନ ସହ ଆତ୍ମାହୁତି ଦେବାପାଇଁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଏକ ମାସ ଭିତରେ ବିଭାଗୀୟ ସଚିବ ଚାରି ଆଶାୟୀଙ୍କୁ ନିଯୁକ୍ତି ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଆଉ ୪ ଦିନ ଏକ ମାସକୁ ପୂରିବାକୁ ଥିଲେ ମଧ୍ୟ ଚାରି ଆଶାୟୀଙ୍କୁ ନିରାଶ ହେବାକୁପଡିଛି। ଆଜି ଘସିପୁରାଠାରେ ଚାରି ଆଶାୟୀ ଏପ୍ରିଲ ୨୦ ତାରିଖ ସୁଦ୍ଧା ସଚିବ ଏବଂ କୃଷି ନିର୍ଦ୍ଦେଶକ ଯଦି ଆମ ଦାବି ନଶୁଣନ୍ତି ୨୦.୦୪.୨୦୨୬ରେ କୃଷି ଭବନ ସମ୍ମୁଖରେ ସମୂହ ଆମରଣ ଅନଶନ ସହ ଆତ୍ମଦାହ ଦେବା ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ବାବା ବୁଦ୍ଧେଶ୍ୱର ମହାଦେବଙ୍କ ଉଡ଼ାଯାତ୍ରା



**ରାସଗୋବିନ୍ଦପୁର,୧୨।୪(ସମିସ):** ଉତ୍ତର ଓଡ଼ିଶାର ସର୍ବପୁରାତନ ସ୍ୱୟମ ଶମ୍ଭୁ ଆବିର୍ଭୂତ ବାବା ବୁଦ୍ଧେଶ୍ୱର ମହାଦେବ ଦେବଶୋଳର ଏକ ନିଛାଟିଆ ନଟାବୁଦା ଭିତରେ ଥିବା ନିମ୍ବ ଗଛମୂଳରୁ ଆଜିକୁ ପ୍ରାୟ ଦେଢ ଶହ ବର୍ଷ ପୂର୍ବରୁ ଆବିର୍ଭୂତ ହୋଇ ଥିବା ବୁଦ୍ଧେଶ୍ୱର ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା ହୋଇଆସୁଛନ୍ତି। ଯିଏ ଯେମିତି ମନ ନେଇ ବୁଦ୍ଧେଶ୍ୱରଙ୍କୁ ପୂଜାର୍ଚ୍ଚନା କରିଛି, ସିଏ ସେମିତି ମନ ମୁତାବକ ଫଳ ପାଇଥିବାବେଳେ ଅଦ୍ୟାବଧି ବଂଶାନୁକ୍ରମେ ବାବା ବୁଦ୍ଧେଶ୍ୱରଙ୍କ ଦର୍ଶନ କରି ଆଶିଷ ଭିକ୍ଷା ପାଇଁ ଚାଲି ଆସିଛି। ବୁଦ୍ଧେଶ୍ୱରଙ୍କ ପୀଠରେ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ପୂଜା ଓ ପର୍ବପର୍ବାଣୀ, ମେଳା ହୋଇଆସୁଥିବାବେଳେ ଆଜି ମଧ୍ୟ ସେଇ ରୀତିନୀତି ଅନୁସାରେ ବୁଦ୍ଧେଶ୍ୱର ମହାଦେବଙ୍କ ବିଭିନ୍ନ ପୂଜା ପର୍ବ ବହୁ ଆଡମ୍ବର ସହକାରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ମହାଦେବଙ୍କ ଉଡ଼ା ଯାତ୍ରାରେ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ତେର ଦିନର ବ୍ରତ ପାଳନ କରୁଥିବା ଭକ୍ତାଙ୍କ ଦ୍ୱାରା ପାଳିତ ହେଉଥିବାବେଳେ ଦଣ୍ଡବତୀ, ନୀଳ ପାଟ, କଣ୍ଟା ପାଟ, ଝୁଲଣ ପାଟ, ନିଆଁ ପାଟ ଓ ସେହି ରାତି ଭୋରରୁ ଦଶନଖି ପାଟ, ସର୍ବଶେଷ ପାଟ ଜିଭରେ ଧାରୁଆ ତ୍ରିଶୂଳ ଫୁଟାଇ ପାଟ ଶେଷ କରିବାପରେ ଚୈତ୍ର ମାସ ଶେଷ ନିଶା ଭୋର ରାତିରେ ପୂର୍ବରୁ ଉଠିଥିବା ନିଶାଘଟକୁ ପାତାଳୀ ଦେଇ ମହାଦେବଙ୍କ ଚୈତି ଉଡ଼ା ଯାତ୍ରାର ସେଇ ବର୍ଷପାଇଁ ପରିସମାପ୍ତି ହେବା ପରେ ପହିଲି ବୈଶାଖ ସଂକ୍ରାନ୍ତି ଦିନ ମନ୍ଦିରରୁ ନିଜ ନିଜ ଘରକୁ ଫେରିଥା'ନ୍ତି। ବୁଦ୍ଧେଶ୍ୱର ମହାଦେବଙ୍କ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରରେ ରହିବା, ପୂଜା ସମାଗ୍ରୀ, ହବିଷ୍ୟାନ୍ନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି।

## ତିରିଂ କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ



**ରାଇରଙ୍ଗପୁର,୧୨।୪(ସମିସ):** ତିରିଂ ବ୍ଲକ ଅନ୍ତର୍ଗତ ଦୁର୍ଗାମଣ୍ଡପ ନିକଟସ୍ଥ ହଲରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତିରିଂ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତିରିଂ ବ୍ଲକ କଂଗ୍ରେସ ସଭାପତି ଭାଗୀରଥି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ତଥା ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ରାଜ୍ୟ କଂଗ୍ରେସ ସମ୍ପାଦକ ଲକ୍ଷ୍ମୀଧର ସିଂହ, ଜିଲ୍ଲା ସମ୍ପାଦକ ଜାକିର ହୁସେନ, ରୁପକ ମହାନ୍ତି, ଦଳୀୟ ପର୍ଯ୍ୟବେକ୍ଷକ ଆଇନଜୀବୀ ହରି ସାହୁ, ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ଯୋଗେନ୍ଦ୍ର ବାନରା ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ନେତା ଓ କର୍ମୀଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ରଣକୌଶଳ ସମ୍ବନ୍ଧରେ ଆଲୋଚନା କରିଥିଲେ। କଂଗ୍ରେସ ନେତା ମହମ୍ମଦ ଅଲ୍ଲୀ ଖାନ, ଇଂ ଅନୁପ ସୋରେନ, ଶଙ୍କର କ୍ଷେତ୍ରୀ, ମନୋଜ ନାଏକ, ଇନ୍ତିଖାବ ଆଲାମ, ସନ୍ତୋଷ ନାଏକ, ବାଲ୍ମିକୀ କୁମ୍ଭକାର, ହରିଶ ମାର୍ଣ୍ଡି, ସୁଶୀଲ ଗିରି, ଶ୍ରୀହରି ପାତ୍ର, ମଧୁସୂଦନ ସର୍ଦ୍ଦାର, ଦୁର୍ଲଭ ମାଝୀ, ସୁଦାମ ମୁର୍ମୁ, ବିଶ୍ୱାମିତ୍ର ବାରିକ, କରୁଣା ସୋରେନ, ସାଲଖୁ ମାଝୀ, ଭାଦୁ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ତିରିଂ ବ୍ଲକ ଇଲାକାର ଦୁଇ ଆଦିବାସୀ ନେତା ରୁପାଇ ମୁର୍ମୁ ଓ ସୁନ୍ଦରମୋହନ ଟୁଡୁ କଂଗ୍ରେସ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଜେଏମଏମ ଛାଡି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ସଭାପତି ଶ୍ରୀ ସାହୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ତିରିଂ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସ୍ୱରୁପ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଭାଗୀରଥି ପାତ୍ର ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ସଫଳତା ପାଇଁ ସଭାରେ ଉପସ୍ଥିତ ନେତାଙ୍କୁ ଉଦବୋଧନ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ଅଲ୍ଲୀ ଖାନ ଧନ୍ୟବାଦ ଦେଇଥିଲେ।

## ବାୟୁସେନା ସଂଘର ଜିଲ୍ଲା ଶାଖା ଉଦ୍‌ଘାଟିତ



**ବାରିପଦା, ୧୨।୪(ସମିସ):** ରାଜ୍ୟ ବାୟୁସେନା ସଂଘର ନୂତନ ଜିଲ୍ଲା ଶାଖା ଉଦ୍‌ଘାଟିତ ହୋଇଯାଇଛି। ରାଖାଲ ଚନ୍ଦ୍ର ଆଇଟିସି ସଭାଗୃହରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ବାୟୁସେନା ଅଧିକାରୀ/କର୍ମଚାରୀ ଓ ସେମାନଙ୍କ ପରିବାରଙ୍କ କଲ୍ୟାଣ ନିମନ୍ତେ ନୂଆଦିଲ୍ଲୀ ଓ ଭୁବନେଶ୍ୱର ଶାଖା ସହାୟତାରେ ଜିଲ୍ଲା ସ୍ତରରେ କାର୍ଯ୍ୟ କରିବ। ଫ୍ଲାଇଙ୍ଗ ଅଫିସର ଜୟନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ/କର୍ମଚାରୀ ଯୋଗ ଦେଇଥିଲେ। ଶାଖାକୁ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସୂଚାରୁରୂପେ ପରିଚାଳନା ନିମନ୍ତେ କାର୍ଯ୍ୟକାରୀ କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପସଭାପତି ଭାବେ ଜୟନାରାୟଣ ବେହେରା, ସମ୍ପାଦକ ପରମେଶ୍ୱର ନାୟକ, କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର କୁମାର ମହାନ୍ତ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟାଳୟ ପ୍ରାରମ୍ଭିକ ସ୍ତରରେ ବ୍ୟାଙ୍କ କଲୋନୀ, ତୁଳସୀଚୌରାରେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି।

### ଛଉ ପଡ଼ିଆରେ ଜମୁଛି ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା

## ଗ୍ରାମାଞ୍ଚଳ ପ୍ରତିଯୋଗିତାରେ ରାଇରଙ୍ଗପୁର ବଡ଼ଦା ପ୍ରତିଷ୍ଠାନ ପ୍ରଥମ







**ବାରିପଦା,୧୨।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳାରେ କଳାକାରମାନଙ୍କ ପ୍ରତିଭା ପ୍ରଦର୍ଶନ ହୋଇଛି। ବାରିପଦା ଛଉ ପଡିଆରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ଘଟ ସ୍ଥାପନ ସହ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ପରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଛି। ଗ୍ରାମାଞ୍ଚଳରୁ ଆସିଥିବା ଛଉ ନୃତ୍ୟ ଦଳ ରାତି ୧୦ଟାରୁ ପ୍ରାତଃ ୫ଟା ପର୍ଯ୍ୟନ୍ତ ନୃତ୍ୟ ପରିବେଷଣ କରୁଛନ୍ତି। ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ ଗ୍ରାମାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବଡଦା ରାଇରଙ୍ଗପୁର ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରଥମ ଓ ଦେବଘୁନିଆଁ ବଡ଼ଦା ଛଉ ନୃତ୍ୟ ପ୍ରତିଷ୍ଠାନ ଚତୁର୍ଥ, ମନପ୍ରୀତ ମହାନ୍ତ ବଡ଼ଦା ଛଉ ନୃତ୍ୟ ପ୍ରତିଷ୍ଠାନ ୫ମ, ବଡ଼ଜାମବଣୀ ଛଉନୃତ୍ୟ ପ୍ରତିଷ୍ଠାନ ଦାନ୍ତିଆମୁହାଁ ଦ୍ୱିତୀୟ, ବାମନିପାହାଡ ଛଉ ନୃତ୍ୟ ପ୍ରତିଷ୍ଠାନ ଅଁଳାଯୋଡି ରାଇରଙ୍ଗପୁର ତୃତୀୟ ସ୍ଥାନ ଅଧିକାର କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରେଷ୍ଠ ଛଉ ନୃତ୍ୟ ପ୍ରତିଷ୍ଠାନ ଗୁଡିକୁ ଯଥାକ୍ରମେ ୧୦ହଜାର, ୭ହଜାର, ୫ହଜାର ଓ ୪ର୍ଥ ଓ ୫ମକୁ ୩ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ତୃତୀୟ ସନ୍ଧ୍ୟାରେ କୁଇଜ ପ୍ରତିଯୋଗିତା, ଡ୍ରପ ଦି ବିଟ୍, ଚିକମିକ୍ ରିମିକ୍ସ ଗୁରୁକୂଳ ଓ ଆଦ୍ୟା ବାରିପଦା ପକ୍ଷରୁ ଡ୍ୟାନ୍ସ ପ୍ରତିଯୋଗୀତା ହେବ। ପରେ ମହାରାଷ୍ଟ୍ର ରାଜ୍ୟର କଥକ ନୃତ୍ୟ ପରିବେଷଣ ହେବାକୁ ଯାଉଥିବା ବେଳେ ଏହାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରଖାଯାଇଛି। ଓଡିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଜାନଦୃତ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। କଳାକାରମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସୁଯୋଗ ଦିଆଯାଉଛି। ଜିଲ୍ଲାର କୋଣଅନୁକୋଣରୁ କଳାକାର ସମେତ ଜନସାଧାରଣଙ୍କ ଭିଡ ଜମୁଛି। ପଲିଶ୍ରୀ ମେଳାରେ ୧୫୦ ଷ୍ଟଲ ସହିତ ସ୍ୱାଦିଷ୍ଟ ଖାଦ୍ୟ ସହ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମରେ ରାତି ତମାମ ଛଉ ପଡିଆ ସରଗରମ ରହୁଛି।

## ତିନି ଅନାଥ ପିଲାଙ୍କୁ ପୂର୍ବତନ ସରପଞ୍ଚଙ୍କ ସହାୟତା

**ଗୋରୁମହିଷାଣୀ, ୧୨।୪(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ନିମନ୍ତେ ବିଭିନ୍ନ ଜନକଲ୍ୟାଣ ବିଭାଗ ଖୋଲିଛନ୍ତି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି କ୍ଷେତ୍ରରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଛି ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଲେଇଶିଳା ପଞ୍ଚାୟତ ଜାରିହିଲ ଗ୍ରାମର ସର୍ଗତ ଡମା ନାଏକଙ୍କ ତିନି ଅନାଥ ପିଲା। ବାପାମାଆ ଛେଉଣ୍ଡ ଏହି ତିନି ଛୁଆଙ୍କୁ କେହି ସାହା ଭରଷା ନ ଥିଲେ। ଖବର ପାଇ କୁଲେଇଶିଳାର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାଏକ ତାଙ୍କ ଘରକୁ ଯାଇ ତିନି ଅନାଥ ପିଲାଙ୍କୁ ସହାୟତା କରିଛନ୍ତି। ବଡଭାଇ ସମୀୟନା ନାଏକ ୯ ବର୍ଷ, ରିଙ୍କି ନାଏକ ୭ ବର୍ଷ, ପିଙ୍କି ନାଏକ ୬ ବର୍ଷ। ବାପା ଡମା ନାଏକ ଓ ମାଆ ସୁଖୀ ନାଏକ କିଛିବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ।



ଫଳରେ ସେମାନେ ନାହିଁ ନ ଥିବା ଅସୁବିଧା ମଧ୍ୟରେ ଗତି କରି ଅପପୁଷ୍ଟିର ଶିକାର ହେବା ସହିତ ବିଦ୍ୟାଳୟ ଯିବାରୁ ବଞ୍ଚିତ ହୋଇଥିଲେ। ଏହି ସମସ୍ୟାକୁ ନେଇ ଜାରିହିଲର ଆଶା ଦିଦି ବୈଶାଖୀ ମୁଣ୍ଡାରୀ ଅଙ୍ଗନବାଡ଼ି ଦିଦି ସହିତ ଯୋଗାଯୋଗ କରି ଶ୍ରୀ ନାଏକ ତାଙ୍କ ପରିବାର ଲୋକଙ୍କ ସହିତ ବୁଝାସୁଝା କରି ବିଦ୍ୟାଳୟରେ ପାଠ ପଢିବାକୁ ରାଜି କରାଇଥିଲେ। ରାଇରଙ୍ଗପୁର ବ୍ଲକ୍‌ର ମଙ୍ଗଳ ଅଧିକାରୀ ଶୁଭେନ୍ଦୁ ମୋହନ ବଳ ସହିତ ଯୋଗାଯୋଗ କରି ସହଯୋଗ କରିବାକୁ ନିବେଦନ କରିଥିଲେ। ଶ୍ରୀ ବଳ ସଙ୍ଗେ ସଙ୍ଗେ କୁକୁଡ଼ିମୁଣ୍ଡି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁରୁପ୍ରସାଦ ମହାକୁଡଙ୍କୁ ତିନି ନାବାଳକ ଛୁଆଙ୍କୁ ବିଦ୍ୟାଳୟରେ ନାମ ଲେଖିବା ବ୍ୟବସ୍ଥା କରିବାକୁ କହିଥିଲେ। ସମସ୍ତଙ୍କ ସହଯୋଗରେ ତିନି ଆଦିବାସୀ ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥା ହୋଇପାରିଥିବାରୁ ପୂର୍ବତନ ସରପଞ୍ଚ ଶ୍ରୀ ନାଏକଙ୍କ ପ୍ରଶଂସା କରାଯାଇଛି।

### ■ ୧୦୦ ବର୍ଷର ପରମ୍ପରା

## ଗାଁରେ ଶାନ୍ତି ପାଇଁ ମା' ଶୀତଳାଙ୍କ ଗ୍ରାମ ପରିକ୍ରମା

**ମୋରଡ଼ା,୧୨।୪(ସମିସ):** ପାରମ୍ପାରିକ ଧେଣ୍ଟୁରା ବାଦ୍ୟ ମାଧ୍ୟମରେ ଚିତ୍ରଡା ଅଞ୍ଚଳର ଲୋକଙ୍କୁ ମା' ଶୀତଳା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ସମ୍ପର୍କରେ ପୂର୍ବରୁ ଅବଗତ କରାଯାଇଥିବାବେଳେ ମା'ଙ୍କ ଆଗମନକୁ ନେଇ ଅଞ୍ଚଳରେ ନିଆଁ ଓ ପାଣିକୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବନ୍ଦ ରଖିଥିଲେ ଅଞ୍ଚଳବାସୀ। ଚିତ୍ରଡା ଅଞ୍ଚଳରେ ଏହି ପୂଜା ୧୦୦



ବର୍ଷର ପରମ୍ପରା। ଶନିବାର ଚିତ୍ରଡା ପଞ୍ଚାୟତ ଅଧୀନ ଚିତ୍ରଡା ବସଷ୍ଟାଣ୍ଡରେ ମା'ଙ୍କ ଅସ୍ଥାୟୀ ପୀଠକୁ କୁଟା ଓ ବିଭିନ୍ନ ପ୍ରକାରର ଫୁଲରେ ସଜାଯାଇଥିବା ଦେଖିବାକୁ ମିଳିଛି। ଚିତ୍ରଡା ସରପଞ୍ଚ ବାଲକ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ୱାର୍ଡ ସଭ୍ୟମାନେ ତିନୋଟି ପୂଜା ବାବଦକୁ ପ୍ରତି ପରିବାର ପାଖରୁ ଦୁଇ ଶହ ଟଙ୍କା ଲେଖାଏଁ ଉଠାଇ ପୂଜାରେ ଖର୍ଚ୍ଚ କରିଥିବା ଦେଖିବାକୁ ମିଳିଛି। ଶନିବାର ଦିନ ମା' ଶୀତଳା ବୁଢ଼ୀ ଠାକୁରାଣୀ ଆସି ରାତି ୧୨ଟା ପରେ ପଞ୍ଚାୟତର ବିଭିନ୍ନ ୱାର୍ଡକୁ ବାଜା ସାଙ୍ଗକୁ ବାଣ ଫୁଟାଇ ଲୋକମାନେ ରୋଗ, ବ୍ୟାଧି ଦୂର କରାଇବା ସହିତ ଗ୍ରାମଶାନ୍ତି ପାଇଁ ଗାଁ ପରିକ୍ରମା କରାଇଥିଲେ। ପରେ ଘଟ ଉତ୍ତୋଳନ କରାଯାଇଥିଲା। ତେବେ କମାରଗଡ଼ିଆ ପୀଠରୁ ମା' ଆସିଥିବାବେଳେ ପୂଜକ ଭାବେ ରବୀନ୍ଦ୍ରନାଥ ମିଶ୍ର ଓ ଅଭିଜିତ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକଙ୍କ କହିବା ମୁତାବକ ଚଳିତ ବର୍ଷ ୬ ଶହରୁ ଉର୍ଦ୍ଧ୍ୱ ମାନସିକ କରିବା ସହିତ ପୂଜା କରିବା ପାଇଁ ଆସିଥିଲେ।

## ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ, ସ୍ଥାନାନ୍ତର ଦାବି

**ଶୁକୃଳି, ୧୨।୪(ସମିସ):** ଶୁକୃଳି ବ୍ଲକ୍‌ରେ ଦୁଇଟି ମଦ ଦୋକାନକୁ ସରକାରଙ୍କ ପକ୍ଷରୁ ସ୍ୱୀକୃତି ମିଳିଛି। ତେବେ ମଦ ଦୋକାନ ଶିକ୍ଷାନୁଷ୍ଠାନ ନିକଟରେ ରହିଛି। ସରକାରୀ ନିୟମ ଅନୁସାରେ ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ କିମ୍ବା ରାସ୍ତାର ୫୦୦ ମିଟର ଦୂରରେ ମଦ ଦୋକାନ ଖୋଲିବା କଥା। କିନ୍ତୁ ଶୁକୃଳିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୋଟିଏ ମଦ ଦୋକାନ ଶୁକୃଳି ବ୍ଲକ ଅଫିସ ପାଚେରୀକୁ ଲାଗି ରହିଥିବାବେଳେ ଆଉ ଗୋଟିଏ ମଦ ଦୋକାନ ଚାରି ପାଖରେ ସ୍କୁଲ ରହିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପ୍ରକାଶ ପାଉଥିବାବେଳେ ସ୍ଥାନାନ୍ତର କରାଯିବାକୁ ଦାବି ହେଉଛି। ଏଥିସହ ମଦ ଦୋକାନରେ ଏବେ ଚଢା ଦରରେ ମଦ ବିକ୍ରି ହେଉଛି। ବୋତଲ ପିଛା କୋଡିଏରୁ ପଚାଶ ଟଙ୍କା ଅଧିକ ନେଉଥିବା ଅଭିଯୋଗ ଆସିଛି। ପଚାରିଲେ ଉତ୍ତର ମିଳୁଛି ମଦର ଦାମ ବଢିଛି। କିନ୍ତୁ ମଦର ଦାମ ବଢୁ କି ନ ବଢୁ ପ୍ରିଣ୍ଟରେ ପୁରୁଣା ଦର ଥିଲେ ବି ଚଢ଼ା ଦର ନେଉଛନ୍ତି ଦୋକାନୀ। ଅବକାରୀ ବିଭାଗ ମହୁଲି ମଦ ପଛରେ ଗଡାଉଛି। ହେଲେ ଏମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଶୂନ। ଏଥିପ୍ରତି ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ରହିଛି।

10001/39/2627

# ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0003

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

### ଭକ୍ତାଙ୍କ ନିଆଁପାଟ ନୀତି ସମ୍ପନ୍ନ

## ଜଗତ କଲ୍ୟାଣ କାମନା କରି ନିଆଁ ଝୁଲରେ ଚାଲିଲେ ଭକ୍ତା

**ବାରିପଦା, ୧୨।୪(ସମିସ):** ମୟୂରଭଞ୍ଜର ସର୍ବପୁରାତନ ପାରମ୍ପରିକ



ଉଡାପର୍ବ ନେଇ ଭକ୍ତାଙ୍କ ଦ୍ୱାରା ରବିବାର ନିଆଁପାଟ ନୀତି ଅନୁଷ୍ଠିତ ହୋଇଛି। ଉତ୍ତର ସାହି ଓ ଦକ୍ଷିଣ ସାହି ଭକ୍ତାଙ୍କ ଦ୍ୱାରା ବଡ଼ବଜାରସ୍ଥ ପୁରୁଣା ରାଜପ୍ରାସାଦ ତଥା ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ଥ ସିଂହେଶ୍ୱର ମହାଦେବ ମନ୍ଦିର ସମ୍ମୁଖରେ ନିଆଁପାଟ ନୀତି ହୋଇଛି। ଜଗତ କଲ୍ୟାଣ କାମନା କରି ନିଆଁଝୁଲ ଉପରେ ଭକ୍ତାମାନେ ଚାଲି ନିଆଁ ପାଟ ନୀତି କରିଛନ୍ତି। ସିଂହେଶ୍ୱର ମହାଦେବ ମନ୍ଦିର ଓ ମା' ଶୀତଳା ମନ୍ଦିର ସଂଲଗ୍ନ ବାବା ବଳଗଣ୍ଡେଶ୍ୱର ମନ୍ଦିର ସମ୍ମୁଖରେ ଭକ୍ତ ନୀତି ଅନୁଷ୍ଠିତ ହୋଇଥିଲା। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ନିଆଁ ଅଙ୍ଗାର ଉପରେ ଭକ୍ତାମାନେ ଚାଲିଥିଲେ। ରବିବାର ମଧ୍ୟରାତିରେ ଭକ୍ତାଙ୍କ ନିଶାଘଟ ବଡପୋଖରୀ ଆଡିରେ ପୂଜାର୍ଚ୍ଚନା କରାଯାଇ ମଧ୍ୟରାତ୍ରିରେ ଚୈତ୍ର ପର୍ବ ସ୍ଥାନ ଛଉ ପଡିଆର ମଣ୍ଡପକୁ ଅଣାଯିବ। ସୋମବାର ଉଗ୍ରତପାଟ (ନିଆଁଝୁଲା) ନୀତି ଅନୁଷ୍ଠିତ ହେବ। ମଙ୍ଗଳବାର ଅପରାହ୍ନରେ ବଡଦାଣ୍ଡରେ ଉଡ଼ା ପର୍ବ ଅନୁଷ୍ଠିତ ସହ ଚୈତ୍ର ଭକ୍ତ ପର୍ବର ସମାପ୍ତି ହେବ।

ସକାଳ
THE SAKALA

# ସମ୍ପାଦକୀୟ



ବନ୍ଧୁକ ଠାରୁ ବୁଦ୍ଧି ଅଧିକ ଶକ୍ତିଶାଳୀ।
-ଷ୍ଟାଲିନ୍

## 'ପାଗଳ ତତ୍ତ୍ୱ'

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଦିନ ଇରାନ ବିରୋଧରେ ଚାଲିଥିବା ଯୁଦ୍ଧକୁ ଦୁଇ ସପ୍ତାହ ପାଇଁ ବିରାମ ଦେଇଛନ୍ତି। ଇରାନ୍‌ର ୧୦ ସୂତ୍ରୀ ପ୍ରସ୍ତାବରେ ରାଜି ହୋଇ ଅସ୍ତ୍ରବିରତି ଘୋଷଣା କରିଛନ୍ତି। ପୂରା ବିଶ୍ୱ ପାଇଁ ଏହା ଆଶ୍ୱସ୍ତିର ବିଷୟ ନିଶ୍ଚିତ। ଆଗକୁ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଦ୍ୱାରା ଶାନ୍ତିର ମାର୍ଗ ଖୋଲିବ ଓ ପରିସ୍ଥିତି ପୂର୍ବବତ୍ ସ୍ୱାଭାବିକ ହେବ ବୋଲି ପୂରା ବିଶ୍ୱବାସୀ ଆଶାୟୀ ରହିଛନ୍ତି। କିନ୍ତୁ ଟ୍ରମ୍ପଙ୍କ 'ଯୁଦ୍ଧବିରତି' ଘୋଷଣାକୁ ଏବେ ବି ବିଶ୍ୱର ଗୋଟିଏ ମହଲ ବିଶ୍ୱାସକୁ ନେଇପାରୁନାହାନ୍ତି। ଟ୍ରମ୍ପ ଆମେରିକା ଭଳି ଶକ୍ତିଶାଳୀ ଦେଶର ନେତା ହେଲେ ମଧ୍ୟ ତାଙ୍କର ପୂର୍ବର 'ଟ୍ରାକ୍-ରେକର୍ଡ' ସେମାନଙ୍କୁ ଏମିତି ଆଶଙ୍କା କରିବାକୁ ବାଧ୍ୟ କରିଛି। କାରଣ ଇରାନ୍ ସହ ଯୁଦ୍ଧବିରତି ଘୋଷଣା ପୂର୍ବରୁ ଟ୍ରମ୍ପ ଇରାନ୍‌କୁ ଚରମବାଣୀ ଶୁଣାଇଥିଲେ। 'ସମ୍ପୂର୍ଣ୍ଣ ପାରସ୍ୟ ସଭ୍ୟତା'କୁ ସେ ସମାପ୍ତ କରିଦେବେ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ପୂରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଯାଇଥିଲା। ଇରାନ୍ ଉପରେ ଆମେରିକା ପରମାଣୁ ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଫଳରେ, ବିଶ୍ୱବ୍ୟାପୀ ପୁଞ୍ଜିବଜାରରେ ହାହାକାର ସୃଷ୍ଟି ହେବା ସହ ଅଶୋଧିତ ତୈଳଦର ଆକାଶଛୁଆଁ ହୋଇଥିଲା। ଯଦିଓ ଇରାନ୍ ଓ ତାହାର ନେତାଙ୍କ ଲଢୁଆ ମନୋବୃତ୍ତି ଉପରେ ଏହା ବିଶେଷ କୌଣସି ଫରକ୍ ପକାଇନଥିଲା। କିନ୍ତୁ, ଠିକ୍ ଏହାର ୨୪ଘଣ୍ଟା ଭିତରେ ଟ୍ରମ୍ପ ନିଜର ନିଷ୍ପତ୍ତି ପରିବର୍ତ୍ତନ କରିଦେଲେ ଏବଂ ଅପ୍ରତ୍ୟାଶିତ ଭାବେ ବିନା ଇସ୍ରାଏଲ ପରାମର୍ଶରେ ଯୁଦ୍ଧବିରତି ଘୋଷଣା କରିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ହଠାତ୍ ନିଷ୍ପତ୍ତି ପରିବର୍ତ୍ତନ (ୟୁ-ଟର୍ଣ୍ଣ) ପ୍ରଥମ ନୁହେଁ। ଏହା ପୂର୍ବରୁ ଭିନ୍ନଭିନ୍ନ ପ୍ରସଙ୍ଗରେ ଅନେକବାର ସେ ଏପରି କରି ସାଧାରଣଲୋକଙ୍କଠାରୁ ଆରମ୍ଭ କରି ବିଶ୍ୱନେତାଙ୍କୁ ଚକିତ, ଆଚମ୍ବିତ କରିଛନ୍ତି। ପ୍ରଥମ କାର୍ଯ୍ୟକାଳ ଅପେକ୍ଷା ରାଷ୍ଟ୍ରପତି ଭାବେ ଟ୍ରମ୍ପ ଦ୍ୱିତୀୟଥର ହ୍ୱାଇଟ୍ ହାଉସ୍ (ଆମେରିକା ରାଷ୍ଟ୍ରପତି ଭବନ)କୁ ଫେରିବା ପରେ ତାଙ୍କର ଏହି 'ପାଗଳାମି' ଅଧିକ ବୃଦ୍ଧି ପାଇଛି। ଏହା ଭିନ୍ନ କଥା, ଟ୍ରମ୍ପ ଜଣେ ଉଦ୍ୟୋଗପତି ହୋଇଥିବାରୁ ଏପରି କରି ସେ ପୁଞ୍ଜିବଜାରରୁ ଅଧିକ ଲାଭ କରୁଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ତାଙ୍କର ଏହି ଦୋହରା ତଥା ଦ୍ୱନ୍ଦ୍ୱାତ୍ମକ ଚରିତ୍ରକୁ ବୈଦେଶିକ ବ୍ୟାପାର ନୀତିରେ 'ପାଗଳ ତତ୍ତ୍ୱ' ବା 'ମ୍ୟାଡ୍‌ମ୍ୟାନ୍ ଥିଓରି' କୁହାଯାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ଶୀତଳ ଯୁଦ୍ଧ ସମୟରେ ଏହି ବୈଦେଶିକ ନୀତିରେ 'ପାଗଳ ତତ୍ତ୍ୱ' ଶବ୍ଦର ପ୍ରଚଳନ ଓ ଲୋକପ୍ରିୟ ହୋଇଥିଲା।

ପ୍ରତିପକ୍ଷ ନେତା ବା ଦେଶକୁ ପ୍ରଭାବିତ ତଥା ଭୟଭୀତ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାବେ କିଛି ରାଷ୍ଟ୍ରମୁଖ୍ୟମାନେ 'ପାଗଳ ତତ୍ତ୍ୱ'ର ଆଶ୍ରା ନେଇଥିଲେ। ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ଏତେ ଭିନ୍ନତା ରହୁଥିଲା ଯେ ପ୍ରତିପକ୍ଷ ତାଙ୍କୁ ସଠିକ୍ ଭାବେ ଆକଳନ କରିପାରୁନଥିଲେ। ଗତବର୍ଷ ରାଷ୍ଟ୍ରପତି ଭାବେ ଟ୍ରମ୍ପ ଦ୍ୱିତୀୟବାର



ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଏହି 'ପାଗଳ ତତ୍ତ୍ୱ'କୁ କାର୍ଯ୍ୟରେ ଲଗାଇଛନ୍ତି ବୋଲି ଅନ୍ତର୍ଜାତୀୟ ରାଜନୀତିରେ ରୁଚି ରଖୁଥିବା କିଛି ସମୀକ୍ଷକ ଯୁକ୍ତି ବାଢୁଛନ୍ତି।

ସେମାନଙ୍କ ମତରେ 'ପାଗଳାମି'ର କୌଣସି ସଠିକ୍ ସଂଜ୍ଞା ବା ପରିଭାଷା ନାହିଁ। କିନ୍ତୁ, ପ୍ରତିପକ୍ଷଙ୍କୁ ପ୍ରଭାବିତ କରିବା ପାଇଁ 'ପାଗଳାମି'ର ଆଶ୍ରା ନେଉଥିବା ନେତାମାନେ ବିଶେଷକରି ଦୁଇପ୍ରକାରର। ପ୍ରଥମଟି ହେଉଛି, କିଛି ନେତା 'ନିଜର ଚରିତ୍ରକୁ ସାଧାରଣରେ 'ଦ୍ୱନ୍ଦ୍ୱାତ୍ମକ' ତଥା 'ଅନିଶ୍ଚିତ' ଦେଖାଇବାକୁ ଚେଷ୍ଟା କରିଥା'ନ୍ତି। ନିଜକୁ ଏପରି ଦେଖାଇବାରେ ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଉଛି, ସେମାନେ ପ୍ରତିପକ୍ଷଙ୍କ ମଧ୍ୟରେ ଭୟ ସଂଚାର କରିବାକୁ ଚେଷ୍ଟା କରନ୍ତି ଯେ ସେମାନେ କିଛି ବି ଓଲଟାପାଲଟା କରିପାରନ୍ତି। ଦ୍ୱିତୀୟଟି ହେଉଛି ଉଗ୍ରବାଦ, ଯୁଦ୍ଧ, ଭୀଷଣ ନରସଂହାର। ବର୍ତ୍ତମାନର କିଛି ବିଶ୍ୱନେତାଙ୍କୁ ଏପରି ଦୁଇ ପ୍ରକାରର 'ପାଗଳାମି'ରେ ବିଭକ୍ତ କରାଯାଇପାରେ। କିନ୍ତୁ, ଟ୍ରମ୍ପ ଏହି ଦୁଇପ୍ରକାରର 'ପାଗଳାମି'ର ସମାହାର। ଇରାନ୍ ସହ ଯୁଦ୍ଧ ପୂର୍ବରୁ ଏବଂ ଯୁଦ୍ଧ ସମୟରେ ଟ୍ରମ୍ପଙ୍କ ପରସ୍ପରବିରୋଧୀ ବିଭିନ୍ନ ବକ୍ତବ୍ୟ ଓ କାର୍ଯ୍ୟରୁ ଏହାର ପ୍ରମାଣ ମିଳେ।

ସମୀକ୍ଷକଙ୍କ କହିବା କଥା, ପୂର୍ବର ଓ ବର୍ତ୍ତମାନର ବିଶ୍ୱନେତାମାନଙ୍କ ଅପେକ୍ଷା 'ପାଗଳ ତତ୍ତ୍ୱ'ର ଆଶ୍ରା ନେବାରେ ଟ୍ରମ୍ପ ସମସ୍ତଙ୍କୁ ପଛରେ ପକାଇଦେବେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କୁ କିଛି ସମାଲୋଚକ ପାଗଳ ବୋଲି କହୁଥିଲେ। କିନ୍ତୁ ତାଙ୍କର ଚରିତ୍ରରେ ଦୋହରାପଣ କିମ୍ବା ଯୁଦ୍ଧଖୋର୍ ଝଲକ ସେତେ ଦିଶୁନଥିଲା। ସେହିପରି ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ପାଗଳାମି ଯୁଦ୍ଧଖୋର୍, କିନ୍ତୁ ବିନାଶବାଦୀ ନୁହେଁ। ୟୁକ୍ରେନ୍ ଉପରେ ଆକ୍ରମଣ କରି ଅନ୍ତର୍ଜାତୀୟସ୍ତରରେ ସେ ଏହାକୁ ବହୁମାତ୍ରାରେ ପ୍ରମାଣିତ କରିଛନ୍ତି। ୟୁକ୍ରେନ୍ ସହ ଦୀର୍ଘ ଦିନ ଧରି ଯୁଦ୍ଧ ଜାରି ରଖିବା ସତ୍ତ୍ୱେ ସେ ପରମାଣୁ ଅସ୍ତ୍ରର ବ୍ୟବହାର କରିନାହାନ୍ତି। ସେହିପରି ଉତ୍ତରକୋରିଆର ରାଷ୍ଟ୍ରପତି ତଥା ଏକଛତ୍ରବାଦ ନେତା କିମ୍ ଜଙ୍ଗ ଉନ୍ 'ପାଗଳ ତତ୍ତ୍ୱ'ର ଅନ୍ୟତମ ବଡ଼ ଉଦାହରଣ। ବାରମ୍ବାର ବିଶ୍ୱକୁ ପରମାଣୁ ଅସ୍ତ୍ରର ଧମକ ଏବଂ ତାଙ୍କର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସହ ସେ ନାଟକୀୟ ଢଙ୍ଗରେ ଯେପରି ନିଜ କାକା ଏବଂ ଭାଇଙ୍କୁ ହତ୍ୟା କଲେ, ତାହା ତାଙ୍କୁ ଏହି ଅପଖ୍ୟାତି ଆଣିଦେଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ତାଙ୍କର ଅନେକ ସାମଞ୍ଜସ୍ୟତା ରହିଛି। ସଂକଟକାଳୀନ ରଣନୀତିରେ 'ପାଗଳ ତତ୍ତ୍ୱ'ର ଆଶ୍ରା କୌଣସି ରାଷ୍ଟ୍ର ବା ରାଷ୍ଟ୍ରମୁଖ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଓ ଲାଭପ୍ରଦ ହୋଇପାରେ। କିନ୍ତୁ ଏହାର ଖରାପ ଦିଗଟି ଅତ୍ୟନ୍ତ ଭୟଙ୍କର ଓ ବିଧ୍ୱଂସୀ। ●

## ଆମ ରାଜଧାନୀର କଥା ଓ ବ୍ୟଥା

ପ୍ରଦୋଷ ପଟ୍ଟନାୟକ

ଐତିହାସିକ ନଗରୀ ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠାକୁ ଆଜି ପୂରିଛି ୭୮ ବର୍ଷ। ୧୯୪୮ ମସିହାର ଠିକ୍ ଏହି ଦିନରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲତାଗୁଳ୍ମ ପରିପୂର୍ଣ୍ଣ କଙ୍କରିଳ ମାଟିରେ ନୂଆ ରାଜଧାନୀର ଶିଳାନ୍ୟାସ କରିଥିଲେ। ଭୁବନେଶ୍ୱରରେ ନୂତନ ରାଜଧାନୀ ପ୍ରତିଷ୍ଠା ପୂର୍ବରୁ କଟକ ଥିଲା ଓଡ଼ିଶାର ରାଜଧାନୀ। ୧୯୩୩ ମସିହାରେ ଓଡ଼ିଶା ପ୍ରଶାସନିକ କମିଟି ରାଜଧାନୀ ସ୍ଥାପନ ପାଇଁ କଟକସ୍ଥିତ ଚାଉଳିଆଗଞ୍ଜ ଓ ତୁଳସୀପୁର ଅଞ୍ଚଳକୁ ବାଛି ପ୍ରସ୍ତାବିତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। କିନ୍ତୁ କଟକର ଉଭୟ ପାର୍ଶ୍ୱରେ ମହାନଦୀ ଓ କାଠଯୋଡ଼ି ନଦୀ ପ୍ରବାହିତ ହେଉଥିବାରୁ ଏଠାରେ ରାଜଧାନୀ ସ୍ଥାପନ ସୁବିଧାଜନକ ହେବନାହିଁ ବୋଲି ସ୍ଥିର ହୋଇଥିଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ପରେ ପୁନଶ୍ଚ ରାଜ୍ୟର ନୂତନ ରାଜଧାନୀ ପ୍ରତିଷ୍ଠା ନେଇ ତତ୍ପରତା ପ୍ରକାଶ ପାଇଥିଲା। ଏଥିପାଇଁ ଗଠିତ ଜୋନ୍‌ସ କମିଟି ବ୍ରହ୍ମପୁର ଓ ଗୋପାଳପୁର ମଧ୍ୟବର୍ତ୍ତୀ ରଙ୍ଗେଇଲୁଣ୍ଡାକୁ ରାଜଧାନୀ ସ୍ଥାପନ ନିମନ୍ତେ ଉପଯୁକ୍ତ ସ୍ଥାନ ଭାବରେ ଚିହ୍ନଟ କରିଥିଲେ। ରଙ୍ଗେଇଲୁଣ୍ଡା ସମ୍ପର୍କରେ ବିଭିନ୍ନ ଗୋଷ୍ଠୀଙ୍କ ସହ ବିଶଦ୍ ଆଲୋଚନା ପରେ ୧୯୩୭ ମସିହାରେ ଅନ୍ୟ ଏକ କମିଟି ଓ ଉପଦେଷ୍ଟାମଣ୍ଡଳୀ ଗଠନ କରାଯାଇ ଏଥିନେଇ ଅନୁଧ୍ୟାନ କରାଯାଇଥିଲା। ଏହି ନୂତନ କମିଟି ଜୋନ୍‌ସ କମିଟିର ରଙ୍ଗେଇଲୁଣ୍ଡାରେ ରାଜଧାନୀ ସ୍ଥାପନ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଦେଇଥିଲା। ଏହାପରେ ସରକାର ପୁଣି ସ୍ଥାନ ନିରୂପଣ ପାଇଁ ଡ୍ୟାନ୍ କମିଟି ଗଠନ କରିଥିଲେ। ଏହି ନୂତନ କମିଟିର ପ୍ରସ୍ତାବରେ ଅନେକ ବାଧା ଓ ପ୍ରତିବନ୍ଧକ ଦେଖାଯିବାରୁ ତାକୁ ମଧ୍ୟ ବାତିଲ୍ କରିଦିଆଯାଇଥିଲା। ବିଭିନ୍ନ ସମୟରେ କଟକ ଜିଲ୍ଲାର ବାରଙ୍ଗ ଓ ଚୌଦ୍ୱାର ସମେତ ଅନୁଗୁଳ ଓ ଖୋର୍ଦ୍ଧାରେ ରାଜ୍ୟର ନୂତନ ରାଜଧାନୀ ପ୍ରତିଷ୍ଠା ପ୍ରସ୍ତାବ ଉଠିଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ଯୋଜନା ବିଭାଗ ଏବଂ ଉକ୍ତ ବିଭାଗର ଉପଦେଷ୍ଟା ବୋର୍ଡର ମିଳିତ ଉଦ୍ୟମରେ ଭୁବନେଶ୍ୱର ଓ ମଞ୍ଚେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନକୁ ରାଜଧାନୀ ସ୍ଥାପନ ପାଇଁ ବଛାଗଲା। ପରିଶେଷରେ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ (ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) ଥିବା ବେଳେ ଭୁବନେଶ୍ୱରର ଗୌରବମୟ ଐତିହ୍ୟ ଓ ପରମ୍ପରାକୁ ଦୃଷ୍ଟିରେ ରଖି ପୁନର୍ବାର ଏଠାରେ ରାଜଧାନୀ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଉକ୍ତ ପ୍ରସ୍ତାବଟି ତାଙ୍କ ମନ୍ତ୍ରୀମଣ୍ଡଳ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ରାଜଧାନୀ ନିର୍ମାଣ ପାଇଁ ସମସ୍ତ ପ୍ରକାର ସୁବ୍ୟବସ୍ଥା ଯଥା-ସ୍ୱାସ୍ଥ୍ୟକର ପରିବେଶ ଓ ଜଳବାୟୁ, ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ କୀର୍ତ୍ତିରାଜି, କଳା ସ୍ଥାପତ୍ୟ, ଗମନାଗମନ ଓ କୋଠାବାଡ଼ି ନିର୍ମାଣ କରିବାର ସୁବିଧା, ପର୍ଯ୍ୟଟନସ୍ଥଳୀ ଏବଂ ଭବିଷ୍ୟତରେ ସମ୍ପ୍ରସାରଣ ନିମନ୍ତେ ଯଥେଷ୍ଟ ସ୍ଥାନ ରହିଥିବା ଦୃଷ୍ଟିରୁ ରାଜଧାନୀ ନିର୍ମାଣ ପାଇଁ ଭୁବନେଶ୍ୱର ହିଁ ଉପଯୁକ୍ତ ସ୍ଥାନ ବୋଲି ବିବେଚିତ ହେଲା। ସ୍ୱାଧୀନତାପ୍ରାପ୍ତିର ମାତ୍ର ସାତ ମାସ ପରେ ପଣ୍ଡିତ ନେହେରୁ ୧୯୪୮ ଏପ୍ରିଲ ୧୩ ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱରକୁ ଆସି ନୂତନ ରାଜଧାନୀର ଶିଳାନ୍ୟାସ କରିଥିଲେ। ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ନୂଆ ରାଜଧାନୀର ନକ୍ସାଟିକୁ ଚିଫ୍ ଇଞ୍ଜିନିୟର ମିଃ. ହଣ୍ଡାଙ୍କଠାରୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝି ମୁଖ୍ୟ ସ୍ଥାନଗୁଡ଼ିକୁ ବୁଲି ଦେଖିଥିଲେ। ମହୀଶୂରର ଟାଉନ୍ ପ୍ଲାନିଂ ଇଞ୍ଜିନିୟର ଡକ୍ଟର ଅଟୋକୋନିସ୍‌ବର୍ଗ



ଏହାର ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ବାର ବର୍ଗମାଇଲ୍ ପରିମିତ ଅଞ୍ଚଳକୁ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ମାଷ୍ଟରପ୍ଲାନରେ ୧୫୦୦ଟି କୋଠାବାଡ଼ି ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ଏହି କୋଠାବାଡ଼ି ମଧ୍ୟରେ ରାଜଭବନ, ମନ୍ତ୍ରୀମାନଙ୍କ ପାଇଁ ବାସଭବନ, ବିଧାନସଭା ଗୃହ, ବିଧାୟକଙ୍କ ପାଇଁ ବାସଗୃହ, ରାଜ୍ୟ ସଚିବାଳୟ, ବିଭାଗୀୟ ମୁଖ୍ୟ ଦପ୍ତର, ଡାକଘର, ଡାକ୍ତରଖାନା, ଏନ୍.ଏ.ସି. କାର୍ଯ୍ୟାଳୟ, ଥାନା, ସ୍କୁଲ୍ ଗୃହ, ସରକାରୀ କର୍ମ.ଚାରୀଙ୍କ ନିମନ୍ତେ କ୍ୱାର୍ଟର, ଅନ୍ୟାନ୍ୟ କାର୍ଯ୍ୟାଳୟ ସମେତ ଦୋକାନ ଗୃହ ଓ ହାଟବଜାର ପାଇଁ ମଧ୍ୟ ଗୃହ ନିର୍ମାଣ ବ୍ୟବସ୍ଥା ରହିଥିଲା। ଏ ସମସ୍ତ ନିର୍ମାଣ ବାବଦରେ ୨ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାରମ୍ଭିକ ଅଟକଳ କରାଯାଇଥିଲା। ୧୯୫୧ ମସିହାର ଜନଗଣନା ଅନୁଯାୟୀ ଭୁବନେଶ୍ୱର ଲୋକସଂଖ୍ୟା ୧୬ ହଜାର ୫୧୨ ରହିଥିଲା। ଏଣୁ ଆନୁମାନିକ ୧୫ ହଜାର ଲୋକଙ୍କର ବସବାସ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ରାଜଧାନୀକୁ ଛ'ଟି ୟୁନିଟ୍ ବା ବସତିରେ ବିଭକ୍ତ କରାଯାଇଥିଲା।

ନୂତନ ରାଜଧାନୀର ନକ୍ସାଟିକୁ ଦେଖି ପ୍ରଧାନମନ୍ତ୍ରୀ ନେହେରୁ ବିଶେଷ ଆନନ୍ଦ ପ୍ରକାଶ କରି କହିଥିଲେ- 'ମୁଁ ବର୍ତ୍ତମାନ ଯେଉଁ ରାଜଧାନୀର ଶୁଭ ଦେଲି, ତା'ର ଯୋଜନା ପଛରେ ଯେଉଁ ବହୁମୁଖୀ ଚିନ୍ତାଧାରା ରହିଛି, ତାହା ଦେଖିବା ଉଚିତ।' ଶିଳାନ୍ୟାସ କରିବା ଅବସରରେ ପଣ୍ଡିତ ନେହେରୁ ତାଙ୍କ ବକ୍ତବ୍ୟରେ କହିଥିଲେ-'ଗୌରବମଣ୍ଡିତ ପୁରାତନ ମନ୍ଦିରମାଳିନୀ ସହରର ଏହି ଭୂମି ଉପରେ ଉତ୍କଳୀୟମାନଙ୍କର ଅତୀତ ଗୌରବର ଇତିହାସକୁ ପୁନର୍ଜୀବିତ କରି ପୁଣି ଏକ ନୂତନ ନଗର ନିର୍ମାଣ କରାଯାଉଛି।' ସୀମିତ ବ୍ୟୟ ଅଟକଳ ମଧ୍ୟରେ ଭୁବନେଶ୍ୱରକୁ ସାରା ଭାରତରେ ଏକ ଆଦର୍ଶ ନଗରୀ ଭାବରେ ଠିଆ କରାଇବା ତାଙ୍କର ଲକ୍ଷ୍ୟ ଥିଲା। ଏହି ପରିପ୍ରେକ୍ଷୀରେ ସେ କହିଥିଲେ- 'କେବଳ ଅତି ଉଚ୍ଚ ଅଟ୍ଟାଳିକା କିମ୍ବା କୋଠାବାଡ଼ି ଅଥବା ବଡ଼ବଡ଼ କାର୍ଯ୍ୟାଳୟ ରହିଲେ କୌଣସି ନଗର ବା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇନଥାଏ। ସେଠାକାର ପ୍ରାକୃତିକ ପରିବେଶ, ଜନସାଧାରଣଙ୍କ ସରଳ ଆମାୟିକ ଆଚାରବ୍ୟବହାର, ସୁନ୍ଦର ଚାଲିଚଳନ ଓ ଉନ୍ନତମାନ ସମ୍ପନ୍ନ କାର୍ଯ୍ୟକଳାପର ଅଭିବୃଦ୍ଧି ଘଟିଲେ, ଅଳଙ୍କାରମଣ୍ଡିତ କଳେବର ସଦୃଶ ତାହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ।' ଏଥିରୁ ନେହେରୁଙ୍କର ବୌଦ୍ଧିକ ଚିନ୍ତାଧାରାର ମୌଳିକତା ସ୍ପଷ୍ଟ ପ୍ରମାଣିତ ହୁଏ। ସେ ପୁଣି କହିଥିଲେ ଯେ, ଭୁବନେଶ୍ୱରରେ ଯେଉଁ ଶାନ୍ତି ମିଳୁଛି, ସେଥିରୁ ସେ ବିଶେଷ ଆନନ୍ଦିତ। ଓଡ଼ିଶାର ପରମ୍ପରାଗତ ସଂସ୍କୃତି ଏବଂ ଐତିହ୍ୟ ପ୍ରତି ନେହେରୁଙ୍କ ଯଥେଷ୍ଟ ଅନୁରାଗ ରହିଥିଲା। ଭୁବନେଶ୍ୱରରେ ନୂତନ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ନକ୍ସାରେ ଛୋଟ ପିଲାମାନଙ୍କ ନିମନ୍ତେ ପ୍ରମୋଦ ଉଦ୍ୟାନ, ସ୍କୁଲ ଗୃହ, ମହିଳାମାନେ ହାଟବଜାର କରିବା ପାଇଁ ଦୋକାନ ଗୃହ, ସ୍କୁଲ୍, ବେତନଭୋଗୀ କର୍ମଚାରୀଙ୍କ ପାଇଁ ବାସଗୃହ ଆଦିର ବ୍ୟବସ୍ଥା ରହିଥିବାରୁ ସେ ବିଶେଷ ଆନନ୍ଦିତ ହୋଇଥିଲେ।

ସେଦିନ ମାତ୍ର ୧୫ହଜାର ଲୋକ ରହିବା ପାଇଁ ନକ୍ସା ପ୍ରସ୍ତୁତ ହୋଇଥିବା ରାଜଧାନୀ ଆଜି କାୟାବିସ୍ତାର କରି ମାଡ଼ିଚାଲିଛି। ଏବେ ପ୍ରାୟ ୧୫ଲକ୍ଷ ଲୋକଙ୍କର ଏହା ଏକ ମହାନଗରୀରେ ପରିଣତ ହୋଇଛି। ମୂଳ ମାଷ୍ଟରପ୍ଲାନ୍‌ଠାରୁ ଦୂରେଇ ଯାଇ ବହୁବିଧ ସମସ୍ୟା ଜର୍ଜରିତ ନଗରୀ ହୋଇଛି ଭୁବନେଶ୍ୱର। ଆନୁଷଙ୍ଗିକ ଭିତ୍ତିଭୂମି ନଥାଇ ମଧ୍ୟ ଅସ୍ୱାଭାବିକ ଭାବରେ ଦ୍ରୁତ ଅଭିବୃଦ୍ଧି ସାଧିତ ହେଉଥିବା ଏହି ସହରର ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜଧାନୀ ପ୍ରତିଷ୍ଠା ପରେ ସ୍ୱଳ୍ପ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ସହର କେବଳ ଏକ ଛୋଟ ଏନ୍.ଏ.ସି. ରୂପେ ଦୀର୍ଘଦିନ ଧରି ରହି ଆସିଥିଲା। ମାତ୍ର ପରବର୍ତ୍ତୀ ସମୟରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ସହରର ଦ୍ରୁତ ବିକାଶର ଧାରା ଅବ୍ୟାହତ ରହିବାରୁ ଏହାକୁ ମ୍ୟୁନିସିପାଲିଟିରେ ପରିଣତ କରାଗଲା। ମାତ୍ର ୩୦ଜଣ କାଉନସିଲରଙ୍କୁ ନେଇ ପୌରସଭା କାର୍ଯ୍ୟ ପରିଚାଳିତ ହେଉଥିଲା। କିନ୍ତୁ ଏହା ସତ୍ତ୍ୱେ ରାଜଧାନୀର ଅଭିବୃଦ୍ଧି କ୍ରମଶଃ ଏଭଳି ଦ୍ରୁତତର ହୋଇଉଠିଲା ଯେ, ଗତ କିଛି ବର୍ଷ ହେଲା ଏହା ମହାନଗର ନିଗମ ବା ମ୍ୟୁନିସିପାଲ କର୍ପୋରେସନ ଅଧୀନକୁ ଆସିଛି। ଏବେ ଏଠାରେ ୬୭ଜଣ ନିର୍ବାଚିତ କର୍ପୋରେଟର୍ ଏବଂ ଏହାର ମୁଖ୍ୟ ମେୟରଙ୍କ ତତ୍ତ୍ୱାବଧାନରେ ପରିଷ୍କାର ପରିଚ୍ଛନ୍ନତାଠାରୁ ଆରମ୍ଭ କରି ସହରର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଚାଳିତ ହେଉଛି। ସେହିଭଳି ୧୯୮୨ ମସିହାରେ ରାଜ୍ୟ ବିଧାନସଭାରେ ଗୃହୀତ ସ୍ୱତନ୍ତ୍ର ଆଇନ ବଳରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବା ବିଡିଏ ନାମକ ଏକ ସରକାରୀ ସ୍ୱୟଂଶାସିତ ସଂସ୍ଥା ଗଠିତ ହୋଇଛି। ବର୍ତ୍ତମାନ ବିଏମ୍‌ସି ଓ ବିଡିଏ ଭଳି ଦୁଇଟି ସଂସ୍ଥା ରାଜଧାନୀର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରତି ଦୃଷ୍ଟି ରଖିଥିବା ବେଳେ ଏହାର ସମସ୍ୟା କିନ୍ତୁ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜଧାନୀ ସ୍ଥାପନ ପୂର୍ବରୁ ଏଠାରେ ପ୍ରବାହିତ ହେଉଥିବା ୧୦/୧୧ଟି ପ୍ରାକୃତିକ ଝରଣାକୁ ଅଟକାଇ ଜୋରଜବରଦସ୍ତ ସେଠାରେ ଘରବାଡ଼ି ନିର୍ମାଣ କରାଯାଇଥିବାରୁ ସହରରେ ଜଳ ନିଷ୍କାସନ ସବୁଠାରୁ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଛି। ସହରର ଜଳ ନିଷ୍କାସନର ସମସ୍ତ ପଥ ଆଜି ଅବରୁଦ୍ଧ। ଦେଶର ପ୍ରାୟ ସମସ୍ତ ରାଜ୍ୟର ରାଜଧାନୀ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ହାସଲ କରିଥିବା ବେଳେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଜି ମଧ୍ୟ ଏହି ସୁବିଧାରୁ ବଞ୍ଚିତ ହୋଇଛି। ଅତୀତରେ, ଦୀର୍ଘ ବର୍ଷ ଧରି ଏହା ଅବିଭକ୍ତ ପୁରୀ ଜିଲ୍ଲାର ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ବିଗତ ଶତାବ୍ଦୀର ନବମ ଦଶକରୁ ଖୋର୍ଦ୍ଧା ଜିଲ୍ଲାର ଏକ ଅଞ୍ଚଳରେ ପରିଣତ ହୋଇଛି। ରାଜଧାନୀର ଗୁରୁତ୍ୱ ଏବଂ ଐତିହ୍ୟକୁ ଦୃଷ୍ଟିରେ ରଖି ଏହାକୁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ କରାଗଲେ, ୭୮ ବର୍ଷ ପୂର୍ତ୍ତି ଅବସରରେ ଗୋଟିଏ ବଡ଼ ସଫଳତା ମିଳିପାରିବ।

ସ୍ୱାଧୀନତାପ୍ରାପ୍ତି ପରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଏବଂ ଅବିଭକ୍ତ ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼କୁ ଦୁଇଟି ଯୋଜନାବଦ୍ଧ ସହରରେ ଗଢ଼ିତୋଳିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। କିନ୍ତୁ ଆଜି ଚଣ୍ଡୀଗଡ଼ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ତଥା ଯୋଜନାବଦ୍ଧ ବିକଶିତ ସହର ରୂପେ ମୁଣ୍ଡ ଟେକିଥିବା ବେଳେ ୭୮ ବର୍ଷ ପରେ ଭୁବନେଶ୍ୱରର ସ୍ଥାନ କେଉଁଠି ତାହା ବିଚାର କରିବାର ବେଳ ଆସିଛି। ଅନେକ ସ୍ୱପ୍ନ ଓ ସମ୍ଭାବନାର ଦୋଛକିରେ ଠିଆ ହୋଇଥିବା ଆମ ରାଜଧାନୀର ଅଭିବୃଦ୍ଧି ଆଶାତୀତ ହେଲେ ବି ସାଧାରଣ ନାଗରିକଙ୍କ ଜୀବନଯାତ୍ରା ଯେ କ୍ରମଶଃ ଦୁର୍ବିସହ ହେଉଛି ଏଥିରେ ସନ୍ଦେହ ନାହିଁ। ●

ସଭାପତି,
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

## ବୃଦ୍ଧାବସ୍ଥାର ଭାବ, ବୃଦ୍ଧାବସ୍ଥାରେ ଅଭାବ

ଡ. ସୀତାକାନ୍ତ ତ୍ରିପାଠୀ

ଖବରକାଗଜରେ ପ୍ରକାଶିତ ଗୋଟିଏ ଖବରକୁ ନେଇ ଆମ ବନ୍ଧୁ ମହଲରେ ଅନେକ ଚର୍ଚ୍ଚା। ଉକ୍ତ ଖବର ଅନୁଯାୟୀ ଜଣେ ବୃଦ୍ଧ ତାଙ୍କର ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିକୁ ନିଜର ସାହାଯ୍ୟକାରୀ ଏବଂ ବିଭିନ୍ନ ଦାତବ୍ୟ ଅନୁଷ୍ଠାନମାନଙ୍କୁ ଦାନ କରି ଦେଇଛନ୍ତି। ତା'ଛଡ଼ା ମୃତ୍ୟୁ ପୂର୍ବରୁ ତାଙ୍କର ଅଙ୍ଗଦାନ କରିବା ପାଇଁ ମଧ୍ୟ ଘୋଷଣା କରି ସାରିଛନ୍ତି। ନିଜର ପାଞ୍ଚଜଣ ପୁଅ ଝିଅଙ୍କ ସହ ନାତି ନାତୁଣୀମାନେ ଥିବା ସତ୍ତ୍ୱେ ତାଙ୍କର ଏ ପ୍ରକାର ନିଷ୍ପତ୍ତି ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିବା ସ୍ୱାଭାବିକ। କିଏ କହୁଥାଏ 'ବୁଢ଼ାର ପିଲାମାନେ ବୋଧହୁଏ ତାଙ୍କୁ ସଠିକ୍ ଭାବେ ଦେଖାଶୁଣା କରୁନାହାନ୍ତି। ସେଥିପାଇଁ ରାଗରେ ସିଏ ଏ ପ୍ରକାର ନିଷ୍ପତ୍ତି ନେଇଥିବେ। ଆଉ କିଏ କିଏ କହୁଥାଏ ଏ ପ୍ରକାର ତ୍ୟାଗୀ ଏବଂ ବୈରାଗୀ ବ୍ୟକ୍ତିତ୍ୱ ସଂସାରରେ ବିରଳ। ପ୍ରକୃତରେ ପ୍ରକାଶିତ ଖବର କ'ଣ ଘଟଣାର ସତ୍ୟାସତ୍ୟ କଥା କହି ପାରିବ! ପିଲା ବେଳରୁ ମଣିଷର ମାୟା ବିଜଡ଼ିତ ମନ ଅନେକ ଆସକ୍ତି ଦେଇ ଗତି କରିଥାଏ। ଏହି ଆସକ୍ତି, ମାନ-ସମ୍ମାନ, ବଂଶ ବୁନିଆଦି, ଘର-ସଂସାର, ପିଲାଛୁଆ ଆଦି ବିଭିନ୍ନ ପ୍ରସଙ୍ଗ ତା'ର ଜୀବନକୁ ଜଞ୍ଜାଳମୟ କରିଦିଏ। ପଛକୁ ଫେରି ଚାହିଁବା ବେଳକୁ ଅନେକ ପଥ ଅତିକ୍ରାନ୍ତ ହୋଇ ସାରିଥାଏ। କେହି କେହି ନିଜର ଉତ୍ତର ଜୀବନରେ ଏହାକୁ ନେଇ ପଶ୍ଚାତାପ କରୁଥିବା ବେଳେ ଆଉ କେହି ଏହାକୁ ସମୟର ଖେଳ ବୋଲି ବିଚାର କରିଥାଆନ୍ତି। କାହା ପାଇଁ ମୃତ୍ୟୁର ଭୟ ଆଉ ପୁନର୍ଜନ୍ମର ବିଶ୍ୱାସ ଥିବା ବେଳେ ଆଉ କିଏ ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା ଭାବେ ଗ୍ରହଣ କରି ତାକୁ ସଠିକ ଭାବେ ସାମ୍ନା କରିବା ପାଇଁ ନିଜକୁ ପ୍ରସ୍ତୁତ କରାଇବା ସହିତ ପୁନର୍ଜନ୍ମକୁ ତତ୍ତ୍ୱ ଏବଂ ତଥ୍ୟହୀନ ବିଚାର ବୋଲି ତାଚ୍ଛଲ୍ୟ କରିଥାଆନ୍ତି। ଏସବୁ ଭିତରେ ବାର୍ଦ୍ଧକ୍ୟରେ ଶାରୀରିକ ଓ ମାନସିକ ଭାରସାମ୍ୟ ସନ୍ତୁଳିତ ହୋଇଥାଏ। ବାର୍ଦ୍ଧକ୍ୟ ଶରୀର ପାଇଁ ପୀଡ଼ାଦାୟକ ହୋଇପାରେ କିମ୍ବା ମନ ପାଇଁ ଭାରାକ୍ରାନ୍ତ ହୋଇପାରେ, ଏଥିପାଇଁ କାହାକୁ ଦାୟୀ କରାଯିବ ? ନିଜକୁ, ପରିବାରକୁ, ସମାଜକୁ ନା ସରକାରଙ୍କୁ ? ନିଜ ଯୁବାବସ୍ଥାର କର୍ମ ଉପରେ ଯେ ବୃଦ୍ଧାବସ୍ଥାର ସ୍ଥିତି ନିର୍ଭର କରିବ ସେ କଥା ସବୁବେଳେ ସମ୍ଭବ କିମ୍ବା ସତ୍ୟ ହୋଇନଥାଏ। ଯାହା ଅଛି ତାକୁ ନେଇ ଖୁସି ହେବାର ଅଛି। କାହା ଉପରେ ଦୋଷାରୋପ କରି ନିଜର ସମସ୍ୟାକୁ ବହୁଗୁଣିତ କରିବାରେ କି ଲାଭ! ବରଂ ସମାଧାନର ପନ୍ଥାକୁ ଆପଣେଇବାର ଅଛି। ଶରୀର ଦୁର୍ବଳ ହେବା ଯୋଗୁଁ ମାନସିକ ଭାରସାମ୍ୟ ହରାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ତା' ପ୍ରତି ମୂଳରୁ ସତର୍କ ନ ହେବା, ତାହେଲେ ଅଜାଣତରେ ଦୁଃଖ ଯନ୍ତ୍ରଣାକୁ ନିମନ୍ତ୍ରଣ କରିବା ସାର ହେବ। ଏହା ହିଁ ବୃଦ୍ଧାବସ୍ଥାର ଭାବ।

ଯଦି ବୃଦ୍ଧାବସ୍ଥାରେ ଅଭାବ କଥା ଚିନ୍ତା କରାଯାଏ, ତାହେଲେ ଆମ ସମସ୍ତଙ୍କର ସମ୍ବେଦନଶୀଳତାର ଅଭାବକୁ ଦର୍ଶାଇଥାଏ। ଏହା କେବଳ ଧନସମ୍ପତ୍ତିକୁ ନ ବୁଝାଇ ସ୍ନେହ ସଦିଚ୍ଛା କଥାକୁ ସୂଚାଇଥାଏ। ଥରେ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ବୋହୂକୁ ପଚାରିଲେ ଆରେ ମା' କହିଲୁ ଦେଖି ମୋ ଦେହ ଓ ମୋ ସମୁଦିଙ୍କ ଦେହ ଏକା ସାଙ୍ଗରେ ଖରାପ ହେଲେ ତୁ କ'ଣ କରିବୁ? ବୋହୂଟି କହିଲା, ଆପଣ ଦୁଇଜଣ ତ ଆମ ପରିବାରର ସଦସ୍ୟ ତେଣୁ ଅସୁବିଧା କେଉଁଠି ? ଦୁଇଜଣ ସାଥି ହୋଇ ରହିବେ ଆଉ ଆମ ଦୁଇଜଣଙ୍କୁ ଆପଣମାନଙ୍କ ସେବା କରିବାର ସୁଯୋଗ ମିଳିଯିବ। କିନ୍ତୁ, ଏ ପ୍ରକାର ଉତ୍ତରଟିକୁ ହଜମ କରିବାର ସାମର୍ଥ୍ୟ ଉକ୍ତ ଶ୍ୱଶୁରଙ୍କର ପ୍ରାୟତଃ ନଥିଲା ବୋଲି ମନେହୁଏ। କାରଣ ସିଏ ସବୁବେଳେ ନିଜ ଯୁବକ ବୟସରେ ଦେଖିଥିବା ଘଟଣାଟିକୁ ଉଲ୍ଲେଖ କରୁଥିଲେ। ଜଣେ ବୁଢ଼ୀ ଲୋକର ଆଖି ଖରାପ ହୋଇଯିବାରୁ ତାଙ୍କୁ ଡାକ୍ତରଖାନାକୁ ନେବାକୁ ପଡ଼ିଲା। ସାନ ବୋହୂଟି କହିଲା ବୃଢ଼ୀ କ'ଣ ଆଉ ପାଠ ପଢ଼ିବ ନା ଘର କାମ କରିବ? ତାଙ୍କ ଆଖିର ଚିକିତ୍ସା କରି ପଇସା ଖର୍ଚ୍ଚ କରିବାରେ କି ଲାଭ! ବଡ଼ବୋହୂଟି କହିଲା ଆମେ ତ ଗରିବ ବୁଢ଼ୀକୁ ଗଣ୍ଡାଏ ଖାଇବାକୁ ଦେବା ବଡ଼କଥା। ସିଏ ଆମ ପାଇଁ କ'ଣ ରଖି ଦେଇଥିଲା ଯେ ଏତେ ଶରଧା। ଏ କଥା ଶୁଣି ସବୁଠୁ ସ୍ୱଚ୍ଛଳ ଥିବା ମଝିଆଁ ପୁଅ କହିଲା କାହାରିକୁ କିଛି ଦେବା ପାଇଁ ପଡିବ ନାହିଁ। ମୁଁ ସବୁ ଖର୍ଚ୍ଚ ବହନ କରିବି। ଏ କଥା ଶୁଣୁଶୁଣୁ ମଝିଆ ବୋହୂ କହିଲା, କାହିଁ ମୁଁ ତ' କେତେ ଦିନ ହେଲା କହିଲିଣି ମୋ କାନଫୁଲଟି ଭାଙ୍ଗି ଗଲାଣି, ଚାଲ ଗୋଟିଏ ନୂଆ କାନଫୁଲ କିଣିବା। ସେତେବେଳକୁ ସିଧାସିଧା ମନା କରିଦେଲ। ଏବେ ପୁଣି କେମିତି ନିଜ ପକେଟ୍‌ରୁ ପଇସା ଖର୍ଚ୍ଚ କରିବା ପାଇଁ ଖିଅ ଖୋଜୁଛ ?

ଏକଥା କହି ଉକ୍ତ ଶ୍ୱଶୁର ଜଣକ ନିଜ ଭାଗ୍ୟ ଭବିଷ୍ୟତ ପାଇଁ ନିଜ ରୋଜଗାର ବା ସଞ୍ଚୟ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କ ମତରେ ପଇସା ନାହିଁ ତ ଭଲ ପାଇବା ନାହିଁ। କିନ୍ତୁ, ଏସବୁ କଥାକୁ ଭାବି ସବୁବେଳେ ପରିବାର କିମ୍ବା ସମ୍ପର୍କୀୟଙ୍କ ସାଙ୍ଗରେ ଏ ପ୍ରକାର ଆଲୋଚନା କରିବା ଦ୍ୱାରା ଏହା ମଧୁର ହେବା ବଦଳରେ ତିକ୍ତ ହେବାର ଆଶଙ୍କା ରହିଛି। ସମ୍ପର୍କ ସବୁକୁ ତଉଲିବା ଅପେକ୍ଷା ତାହାକୁ କେମିତି ସରସସୁନ୍ଦର କରିହେବ, ସେ ସମ୍ପର୍କରେ ବିଚାର ଆଲୋଚନା କରିବା ଆବଶ୍ୟକ। କାରଣ ଏହା ଉଧାରକୁ ବଦଳ ନୀତିରେ ଚାଲେ ନାହିଁ। କିମ୍ବା ଅଯଥା ଅନ୍ୟମାନଙ୍କୁ ସନ୍ଦେହୀ ଆଖିରେ ଦେଖିବାର ଆବଶ୍ୟକତା ନାହିଁ ବରଂ ତ୍ୟାଗରେ ଆନନ୍ଦ ଏବଂ ଅନ୍ୟମାନଙ୍କୁ ବୁଝିବାର ଆଦବ କାଇଦାକୁ ହାସଲ କରିବାର ଅଛି। ନିଜର ଶାରୀରିକ ଓ ମାନସିକ ଦୁର୍ବଳତା ପାଇଁ ଅନ୍ୟମାନେ ସେମାନଙ୍କୁ ହତାଦର କରୁଛନ୍ତି ଭାବିବା ସବୁବେଳେ ଠିକ୍ ନୁହେଁ। ବରଂ ନିଜର ସ୍ଥାନ ଓ ସ୍ଥିତିକୁ ପରପିଢ଼ି ପାଇଁ କେମିତି ସଠିକ୍ ଭାବେ ହସ୍ତାନ୍ତର କରାଯାଇପାରିବ, ସେ କଥାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ଉତ୍ତରପିଢ଼ି ମଧ୍ୟ ବୟସ୍କ ଲୋକଙ୍କ ପ୍ରତି ଦୋଷାରୋପ କିମ୍ବା ପିଢ଼ି ବ୍ୟବଧାନର ପ୍ରସଙ୍ଗ ପ୍ରତି ଅଙ୍ଗୁଠି ଟେକିବା ଅସମୀଚିନ। ଚୁମ୍ବକ ଲୁହାକୁ ଆକର୍ଷିତ କରେ କିମ୍ବା ଲୁହା ଚୁମ୍ବକକୁ ଆକର୍ଷିତ କରେ; ସେ କଥା ଚିନ୍ତା କରିବା ଯେମିତି କଷ୍ଟ, ସେହିଭଳି ସମମେରୁ ପରସ୍ପରକୁ ବିକର୍ଷଣ କରିବା ନ୍ୟାୟରେ ବୃଦ୍ଧାବସ୍ଥାରେ ଆସୁଥିବା ବିଯୁକ୍ତାତ୍ମକ ଚିନ୍ତାଧାରାଗୁଡ଼ିକୁ ପରିବାର, ସଜନ ପରିଜନ, ସମାଜ ଯୁକ୍ତାତ୍ମକ ଚିନ୍ତାଧାର ସହ ଆକର୍ଷିତ କରିବାର ଆବଶ୍ୟକତା ରହିଛି। ଫଳରେ ଏକ ସୁସ୍ଥ, ସୁନ୍ଦର ପରିବେଶ ସୃଷ୍ଟି ହେବ, ଯାହା ଉତ୍ତରପିଢ଼ି ପାଇଁ ଉଦାହରଣ ହୋଇପାରିବ। ମନେ ରଖିବାକୁ ହେବ ଭାବକୁ ହିଁ ଅଭାବ ଆଉ ଅଭାବକୁ ଭାବ ହିଁ ଆକର୍ଷିତ କରିଥାଏ। ●

ଅର୍ଣ୍ଣପାଳ, ଭଦ୍ରକ
୯୭୭୮୭୬୪୩୯୪

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତେଲ ଦର ବୃଦ୍ଧି ଭୟରେ ବଢ଼ିଲା ଇଭି ବିକ୍ରି

■ ଯୁଦ୍ଧ ଯୋଗୁ ଲକ୍ଜ୍ୟୁରୀ କାରକୁ ନା
■ ୨୦୨୫-୨୬ରେ ବିକ୍ରି ହେଲା ୪୭ ଲକ୍ଷ କାର



ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ଅଟୋ ମୋବାଇଲ ବଜାରରେ ମଧ୍ୟ ଦେଖିବାକୁ ମିଳିଛି ପଶ୍ଚିମ ଏସିଆ ଯୁଦ୍ଧର ପ୍ରଭାବ। ଯୁଦ୍ଧ ଯୋଗୁ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଆଶଙ୍କା ଗ୍ରାହକଙ୍କ ମନ ପରିବର୍ତ୍ତନ କରିଛି। ଭାରତରେ ଇଭି ସେଗମେଣ୍ଟର ବିକ୍ରି ଏଥର ଜବରଦସ୍ତ ରହିଛି। ପଶ୍ଚିମ ଏସିଆ ସଙ୍କଟ କ୍ରେତାଙ୍କ ଭାବନାକୁ ପ୍ରଭାବିତ କରିଛି, ଯାହା ଫଳରେ ସେମାନେ ଦାମୀ କାର କ୍ରୟ ସ୍ଥଗିତ ରଖିଛନ୍ତି। ହେଲେ ଇରାନ୍ ଯୁଦ୍ଧରେ ତେଲ ଦର ବୃଦ୍ଧି ଭୟରେ ଗ୍ରାହକମାନେ ଇଲେକ୍ଟ୍ରିକ୍ ଯାନ (ଇଭି) ଆଡକୁ ମୁହାଁଇଛନ୍ତି। ଯାହାଫଳରେ ଇଭି ସେଗମେଣ୍ଟରେ ବିକ୍ରି ୨୦୨୫-୨୬ ଆର୍ଥିକବର୍ଷରେ ୮୪% ବୃଦ୍ଧି ହୋଇଛି। ଅପରପକ୍ଷେ ଏହି ଉତ୍ତେଜନାରେ ଯୋଗୁ ବିଳାସପୂର୍ଣ୍ଣ ବା ଲକ୍ଜ୍ୟୁରୀ କାର କିଣୁନାହାନ୍ତି ଗ୍ରାହକ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛିଳ ୨୦୨୫-୨୬ ଆର୍ଥିକବର୍ଷ। ଗତ ଆର୍ଥିକବର୍ଷରେ ଯେତେ ବି କାର୍ ବିକ୍ରି ହୋଇଛି ତା'ର ମାତ୍ର ୧% ହେଉଛି ଲକ୍ଜ୍ୟୁରୀ କାର। ୨୦୨୫-୨୬ ଆର୍ଥିକବର୍ଷରେ ଭାରତରେ କାର୍ ବିକ୍ରି ୧୩% ବୃଦ୍ଧି ପାଇ ୪୭ ଲକ୍ଷରେ ପହଞ୍ଚିଛି, ଯାହା ଏକ ରେକର୍ଡ। ପଶ୍ଚିମ ଏସିଆରେ ଏମିତିକି ସରକାର ସବ୍‌ସିଡି ଦେବା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ସତ୍ତ୍ୱେ ଇଭି ବିକ୍ରି ସେତେଟା ବଢୁ ନ ଥିଲା। ହେଲେ ପଶ୍ଚିମ ଏସିଆ ଯୁଦ୍ଧ କ୍ରେତାଙ୍କ ମନ ପରିବର୍ତ୍ତନ କରିବାରେ ସଫଳ ହୋଇଛି। ଆର୍ଥିକ ବର୍ଷ ୨୦୨୬ରେ ଇଭି ବିକ୍ରି ୨୦ ଲକ୍ଷ ୟୁନିଟ ଅତିକ୍ରମ କରିଛି। ଦୁଇ ଚକିଆ, ତିନି ଚକିଆ ଓ ଇ-କାରର ଅଧିକ ଉତ୍ପାଦନ ଇଭି ବିକ୍ରି ବୃଦ୍ଧିରେ ସହାୟକ ହୋଇଛି। ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ନୂଆ ଆକର୍ଷଣୀୟ ମଡେଲ ଏବଂ ମୂଲ୍ୟ ହ୍ରାସ ଇଭି ବିକ୍ରିକୁ ବଳ ଦେଇଛି। ଏ ନେଇ ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା) କହିଛି ଯେ ଆର୍ଥିକବର୍ଷ ୨୦୨୬ରେ ମୋଟ ଇଭି ବିକ୍ରି ପ୍ରାୟ ୨ ଲକ୍ଷ ୟୁନିଟ୍ ଛୁଇଁଛି, ଯାହା ଆର୍ଥିକ ବର୍ଷ ୨୦୨୫ରେ ପ୍ରାୟ ୧.୧ ଲକ୍ଷ ୟୁନିଟ୍ ବିକ୍ରି ରହିଥିଲା। ବାଣିଜ୍ୟିକ ଯାନବାହନରେ ଇଭି ବିକ୍ରି ୧୯,୪୫୪ ୟୁନିଟ୍ ବଢ଼ିଛି। ୨୦୨୫ରେ ଏହା ୮,୮୨୦ ୟୁନିଟ ଥିଲା। ସେହି ତୁଳନାରେ ଏଥିରେ ୧୨୧%ବୃଦ୍ଧି ହୋଇଛି। ଜାନୁଆରୀ-ମାର୍ଚ୍ଚରେ ବିଏମ୍‌ଡବ୍ଲ୍ୟୁର ଇଲେକ୍ଟ୍ରିକ୍ କାର୍ ବିକ୍ରିରେ ୮୩% ବୃଦ୍ଧି ପାଇ ୧୧୮୫ ରେ ପହଞ୍ଚିଛି ଏବଂ ଇଭି ବର୍ତ୍ତମାନ କମ୍ପାନୀର ମୋଟ ବିକ୍ରିର ୨୬%। ୧.୪ କୋଟିରୁ ଅଧିକ ଟଙ୍କା ମୂଲ୍ୟର ମର୍ସିଡିଜ୍ ଇଲେକ୍ଟ୍ରିକ୍ କାର୍ ଚାହିଦା ମଧ ୮୫% ବୃଦ୍ଧି ପାଇଛି। ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆର ସଭାପତି ହରଦୀପ ସିଂହ ବ୍ରାରଙ୍କ ଅନୁଯାୟୀ, ପଶ୍ଚିମ ଏସିଆରେ ଉତ୍ତେଜନା ଗ୍ରାହକଙ୍କ ଭାବନାକୁ ପ୍ରଭାବିତ କରିଛି, ଯାହା ଫଳରେ ସେମାନେ ବିଳାସୟ କାର୍ କ୍ରୟରେ ପଛଘୁଞ୍ଚା ଦେଉଛନ୍ତି। ମର୍ସିଡିଜ୍-ବେଞ୍ଜ୍ ଇଣ୍ଡିଆର ଏମ୍‌ଡି ଏବଂ ସିଇଓ ସନ୍ତୋଷ ଆୟର କହିଛନ୍ତି ଯେ ବିଶ୍ୱ ପରିସ୍ଥିତି ଯୋଗୁ ଚଳିତବର୍ଷ ଲକ୍ଜ୍ୟୁରୀ କାର ବଜାର ସ୍ଥିର ରହିପାରେ। ତଥାପି, ମର୍ସିଡିଜ୍-ବେଞ୍ଜ୍ ଇଣ୍ଡିଆ ୨୦୨୫-୨୬ ଆର୍ଥିକ ବର୍ଷରେ ୧୯,୩୬୩ ୟୁନିଟ୍ ବିକ୍ରି କରିଥିଲା, ଯାହା ଗୋଟିଏ ଆର୍ଥିକ ବର୍ଷରେ ଏହାର ସର୍ବାଧିକ ପ୍ରଦର୍ଶନ ରହିଛି। ପୂର୍ବ ବର୍ଷ ୧୮,୯୨୮ ୟୁନିଟ୍ ବିକ୍ରି ହୋଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

## ମଧ୍ୟ ପ୍ରାଚ୍ୟ ଶାନ୍ତି ଆଲୋଚନା ବିଫଳ

# ଅଶୋଧିତ ତୈଳ ୧୦୦ ଡଲାର ଟପିଲା

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହୋଇଛି। ଏହାପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପୁଣି ଥରେ ୧୦୦ ଡଲାର ଅତିକ୍ରମ କରିଛି। ଏଭଳି ସ୍ଥିତି ଏବେ ସୌରା ଦୁନିଆରେ ତୈଳ ଆମଦାନୀକାରୀଙ୍କ ଚିନ୍ତା ବଢ଼ାଇଦେଇଛି।

■ ଆଲୋଚନା ପୂର୍ବରୁ ବିଶ୍ୱ ବଜାର ଭୟଭୀତ
■ ତେଲ କିଣା ବଢ଼ିଲା

ପୂର୍ବରୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ଘୋଷଣା ପରେ ଅଶୋଧିତ ତୈଳ ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିଥିଲା, ଯାହା ବିଶ୍ୱକୁ ଆଶ୍ୱସ୍ତି ଦେଇଥିଲା। ଦୁଇ ସପ୍ତାହର ଯୁଦ୍ଧବିରତି ଘୋଷଣା ଅଶୋଧିତ ତୈଳ ମୂଲ୍ୟ ଉପରେ ପ୍ରଭାବ ପକାଇଥିଲା। ଏହା ଫଳରେ ଏପ୍ରିଲ ୮ ରେ ଅଶୋଧିତ ତେଲ ଦରରେ ୧୫% ରୁ ଅଧିକ ହ୍ରାସ ଘଟିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ଜାରି ରହିବା ନେଇ ସନ୍ଦେହ ବୃଦ୍ଧି ପାଇଛି, ଯାହା ଅଶୋଧିତ ତେଲ ମୂଲ୍ୟକୁ ପ୍ରଭାବିତ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବିରତି ଘୋଷଣା କରିଥିଲେ। ତଥାପି, ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ପୁଣି ଉତ୍ତେଜନାକୁ ବୃଦ୍ଧି କରିଛି, ଯାହା ଦୁଇ ସପ୍ତାହ ପାଇଁ ଯୁଦ୍ଧବିରତି ଜାରି ରଖିବା ଉପରେ ସନ୍ଦେହ ସୃଷ୍ଟି କରିଛି। ଇରାନୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଲେବାନନ ଉପରେ ଆକ୍ରମଣ ପରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହୋଇଯାଇଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବାର ଅର୍ଥ ହେଉଛି ଅଶୋଧିତ ତେଲ ଏବଂ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ରହିବ। ଏହା




ବିଶ୍ୱବ୍ୟାପୀ ଇନ୍ଧନ ମୂଲ୍ୟକୁ ଉଚ୍ଚ ରଖିବ। ଅଶୋଧିତ ତେଲ ମୂଲ୍ୟ ବୃଦ୍ଧି ଭାରତ ପାଇଁ ବିଶେଷ ଭାବରେ ଖରାପ ଖବର। ଭାରତ ଏହାର ୯୦% ଅଶୋଧିତ ତେଲ ଏବଂ ପ୍ରାୟ ୫୦% ଗ୍ୟାସ ଆବଶ୍ୟକତା ଆମଦାନୀ ମାଧ୍ୟମରେ ପୂରଣ କରେ। ଅଶୋଧିତ ତେଲ ଦର ବୃଦ୍ଧି ସରକାରଙ୍କ ଆମଦାନୀ ବିଲ୍ ବୃଦ୍ଧି କରିଥାଏ। ଭାରତରେ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ଏପର୍ଯ୍ୟନ୍ତ ନିୟମିତ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିନାହାଁନ୍ତି। ତଥାପି, ଯଦି ଅଶୋଧିତ ତେଲର ମୂଲ୍ୟ ଦୀର୍ଘ ସମୟ ପାଇଁ ଅଧିକ ରହେ, ତେବେ ଏହି କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାକୁ ବାଧ ହୋଇପାରନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରଲୋକରେ ଆଶା...

କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତଠାରୁ ଆରମ୍ଭ କରି ସେ ପପ୍, ଗଜଲ୍, ଭଜନ ଏବଂ କ୍ୟାବରେଟ୍ ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗରେ ସେ ନିଜର ପାରଦର୍ଶିତା ପ୍ରମାଣିତ କରିଥିଲେ। ଓପି ନାୟାର, ଆରଡି ବର୍ମନ, ଲକ୍ଷ୍ମୀକାନ୍ତ ପ୍ୟାରିଲାଲ, ଖୟାମଙ୍କଠାରୁ ଆରମ୍ଭ କରି ଏଆର ରହମାନଙ୍କ ଭଳି ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ସେ କାମ କରି ହଜାର ହଜାର କାଳଜୟୀ ସଙ୍ଗୀତ ଭେଟି ଦେଇଛନ୍ତି। ସଙ୍ଗୀତ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲେକ' ଏବ 'ପଦ୍ମ ବିଭୂଷଣ'ରେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଶା ଭୋସଲେ କେବଳ ଜଣେ ଗାୟିକା ନଥିଲେ, ବରଂ ସେ ଜଣେ ଥିଲେ ଅନୁଷ୍ଠାନ। ଆଧୁନିକ ସଙ୍ଗୀତ ସହ ଖାପ ଖୁଆଇ ଚାଲିବାର ଅଦ୍ଭୁତ କ୍ଷମତା ତାଙ୍କ ପାଖରେ ଥିଲା, ତାହା ଅତ୍ୟନ୍ତ ବିରଳ। ଯଦିଓ ସେ ଶାରୀରିକ ଭାବେ ଆମ ଗହଣରେ ନହାନ୍ତି, କିନ୍ତୁ ତାଙ୍କର ସେହି ଅମର ସ୍ୱର ମାଧ୍ୟମରେ ସେ ପ୍ରତିଟି ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ଚିରକାଳ ଜୀବିତ ରହିବେ। ଭାରତୀୟ ସଙ୍ଗୀତ ଆକାଶରୁ ଏକ ଯୁଗର ଅନ୍ତ ଘଟିଲା, ଯାହାର ଶୂନ୍ୟସ୍ଥାନ କେବେ ପୂରଣ ହେବନାହିଁ। ସେ ତାଙ୍କ ଉଜ୍ଜ୍ୱଳମୟ ସଂଗୀତ ଜୀବନରେ ଏକାଧିକ ହିଟ୍ ଗୀତ ପ୍ରଶଂସକଙ୍କୁ ଭେଟି ଦେଇଛନ୍ତି। ତାଙ୍କର କିଛି ସର୍ବକାଳୀନ ଲୋକପ୍ରିୟ ହିଟ୍ ଗୀତଗୁଡ଼ିକ ହେଲା, ଦମ୍ ମାରୋ ଦମ୍ (ହରେ ରାମା ହରେ କ୍ରିଷ୍ଣା), ପିୟା ତୁ ଅବତୋ ଆଜା (କାରୱାଁ), ଦିଲ୍ ଚିଜ୍ କ୍ୟା ହେ (ଉମରାଓ ଜାନ), ଚୁରାଲିଆ ହେ ତୁମ୍‌ନେ ଯୋ ଦିଲ୍‌କୋ (ୟାଦୋଁ କି ବାରାତ), ମେରା କୁଛ ସାମାନ (ଇଜାଜତ), ତନହା ତନହା (ରଙ୍ଗିଲା)। ୨୦ଟି ଅଧିକ ଭାଷାରେ ସେ ପାଖା ପାଖି ୧୨, ୦୦୦ରୁ ଅଧିକ ଗୀତ ଗାଇଛନ୍ତି। ଏଥିରେ ଭାରତୀୟ ଭାଷାଗୁଡ଼ିକ ସହ ଇଂରାଜୀ, ରୁଷୀୟ ଭାଷାର ଗୀତ ମଧ୍ୟ ସାମିଲ ରହିଛି।

### ଇସଲାମାବାଦ ଆଲୋଚନା...

ଦେଶର ନୌସେନା ଅବରୋଧ କରିବ। କୌଣସି ଦେଶର ଜାହାଜକୁ ହର୍ମୁଜ ଦେଇ ଯିବାଆସିବାକୁ ଅନୁମତି ଦେବନାହିଁ। ଯେଉଁମାନେ ଇରାନକୁ ହର୍ମୁଜ ଟୋଲ୍ ଦେଉଛନ୍ତି ସେମାନଙ୍କୁ ଆଦୌ ଛଡ଼ାଯିବ ନାହିଁ। ସମୁଦ୍ର ଭିତରେ ମାଇନ୍ସ ବିଛାଇଥିବା କହି ଇରାନ ବଟି ଆଦାୟ କରୁଛି ଏବଂ ଏହା ଗ୍ରହଣଯୋଗ୍ୟ ନୁହେଁ। ସମୁଦ୍ରରେ ଯଦି କୌଣସି ମାଇନ୍ସ ଅଛି, ତାହାକୁ ଆମେରିକାର ନୌସେନା ସଫା କରିଦେବ। ଆମେରିକାର କୌଣସି ଜାହାଜ ଉପରେ ଇରାନ ଆକ୍ରମଣ କଲେ ସେମାନଙ୍କୁ ଧ୍ୱଂସ କରିଦିଆଯିବ। ଆଲୋଚନା ବିଫଳତା ପାଇଁ ଇରାନକୁ ଦାୟୀ କରି ସେ କହିଛନ୍ତି ଯେ ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ। ଇରାନକୁ ପରମାଣୁ ଅସ୍ତ୍ର ତିଆରି କରିବାକୁ ଦିଆଯିବ ନାହିଁ। ସେ କହିଲେ ଯେ ଆକ୍ରମଣରେ ଇରାନର ସାମରିକ ଶକ୍ତି ଧ୍ୱସ୍ତ ହୋଇଯାଇଛି। ଆଉ ଯାହା ବାକି ଅଛି, ତାହାକୁ ମଧ୍ୟ ଆମେରିକା ଧ୍ୱସ୍ତ କରିଦେବ।

ସୂଚନାଯୋଗ୍ୟ ଯେ ଇସଲାମାବାଦରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହେବା ପଛରେ ପାଞ୍ଚଟି କାରଣ ରହିଛି। ଏଗୁଡ଼ିକ ହେଲା ଇରାନର ପରମାଣୁ କାର୍ଯ୍ୟକ୍ରମ, ହର୍ମୁଜ ଉପରେ ଇରାନର କର୍ତ୍ତୃତ୍ୱ, ଇରାନ ଉପରୁ କଟକଣା ହଟାଇବା, ଲେବାନନ ଉପରେ ଆକ୍ରମଣ ବନ୍ଦ ଏବଂ ଇରାନର ବାଜ୍ୟାପ୍ତ ସଂପତ୍ତିକୁ ହସ୍ତାନ୍ତର କରିବା। ଅନ୍ୟାନ୍ୟ ସର୍ତ୍ତ ଉପରେ କିଛି ପରିମାଣର ବୁଝାମଣା ହୋଇଥିଲେ ମଧ୍ୟ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଅଚଳାବସ୍ଥା ଜାରି ରହିଥିଲା। ଇରାନକୁ ଏହାର ପରମାଣୁ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ଲାଗି ଆମେରିକା ସର୍ତ୍ତ ଆରୋପ କରିଥିବା ବେଳେ ଇରାନ ଏଥିରେ ରାଜି ହୋଇନଥିଲା। ତେବେ ଏହା ଉପରେ ଅଧିକ ଆଲୋଚନା ହେବାର ସମ୍ଭାବନା ରହିଛି। ଉଭୟ ପକ୍ଷ ଏବେ ବି ଆଶାବାଦୀ ଥିବା କହିଛନ୍ତି।

ଆମେରିକା ପକ୍ଷରୁ ଦୁଇଟି ଶକ୍ତିଶାଳୀ ଯୁଦ୍ଧ ଜାହାଜ ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରି ସେଠାରେ ଇରାନ ଦ୍ୱାରା ବିଛାଯାଇଥିବା ସାମୁଦ୍ରିକ ବୋମା ବା ମାଇନ୍ସ ନିଷ୍କ୍ରିୟ ପ୍ରକ୍ରିୟା ଆରମ୍ଭ କରିଥିବା ଦାବି କରାଯାଇଥିବା ବେଳେ ଇରାନ ଏହାକୁ ଖଣ୍ଡନ କରିଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁସାରେ, 'ୟୁଏସ୍‌ଏସ୍ ଫ୍ରାଙ୍କ ଇ ପିଟରସନ' ଓ 'ୟୁଏସ୍‌ଏସ୍ ମାଇକେଲ ମର୍ଫି' ନାମକ ଦୁଇଟି କ୍ଷେପଣାସ୍ତ୍ରବାହୀ ଯୁଦ୍ଧଜାହାଜ ଏହି ମିସନରେ ନିୟୋଜିତ ଅଛନ୍ତି। ବିଶ୍ୱ ବାଣିଜ୍ୟ ପାଇଁ ଏକ ନିରାପଦ ପଥ ପ୍ରସ୍ତୁତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଆମେରିକା କହିଛି। ଅନ୍ୟପଟେ ଇରାନର ରିଭୋଲ୍ୟୁସନାରୀ ଗାର୍ଡ୍ସ (ଆଇଆରଜିସି) ଆମେରିକାର ଏହି ଦାବିକୁ ଅସ୍ୱୀକାର କରିଛି। ଇରାନ ପକ୍ଷରୁ କୁହାଯାଇଛି ଯେ, ହର୍ମୁଜ ପ୍ରଣାଳୀ ଦେଇ କୌଣସି ଜାହାଜର ଚଳାଚଳ ଇରାନ ସଶସ୍ତ୍ର ବାହିନୀର ଅନୁମତି କ୍ରମେ ହିଁ ହୋଇପାରିବ। ଯଦି ଆମେରିକାର କୌଣସି ସାମରିକ ଜାହାଜ ଏହି ସୀମା ଦେଇ ଅତିକ୍ରମ କରିବାକୁ ଚେଷ୍ଟାକରେ, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇରାନ ଧମକ ଦେଇଛି।

### ଚୀନକୁ ଧମକ...

ପୁନର୍ଜୀବିତ କରିବା ପାଇଁ ଚୀନଠାରୁ ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ହାସଲ କରିବାକୁ ପ୍ରୟାସ କରୁଛି। ସୂଚନା ମିଳିଛି ଯେ, ଚୀନ ତୃତୀୟ ପକ୍ଷ କିମ୍ବା ଅନ୍ୟ କୌଣସି ଦେଶ ମାଧ୍ୟମରେ ଗୁପ୍ତରେ ଅସ୍ତ୍ର ପଠାଇବାକୁ ଯୋଜନା କରୁଛି। ବିଶେଷ କରି କାନ୍ଧରେ ରଖି ଚଳାଯାଉଥିବା କ୍ଷେପଣାସ୍ତ୍ର (ଏମ୍‌ଏଏନ୍‌ପିଏଡିଏସ୍) ଯୋଗାଇ ଦିଆଯିବାର ସମ୍ଭାବନା ରହିଛି, ଯାହା ଆମେରିକୀୟ ଯୁଦ୍ଧ ବିମାନ ପାଇଁ ବିପଦ ସୃଷ୍ଟି କରିପାରେ। ହ୍ୱାଇଟ୍ ହାଉସ୍‌ରୁ ମିଆମି ଅଭିମୁଖେ ଯିବା ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ଆଗକୁ ଜାରି ରହିବାକୁ ଥିଲେ ମଧ୍ୟ ଏହାର ଅର୍ଥ ନୁହେଁ ଯେ, ଆମେରିକା କୌଣସି ପ୍ରକାର ବାହ୍ୟ ହସ୍ତକ୍ଷେପକୁ ସହ୍ୟ କରିବ। ତେବେ ଚୀନ୍ ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କହିବା ସହ କୌଣସି ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଉ ନଥିବା ସ୍ପଷ୍ଟ କରିଛି। ଟ୍ରମ୍ପଙ୍କ ଏହି ଚେତାବନୀ ଆସନ୍ତା ମାସରେ ତାଙ୍କର ପ୍ରସ୍ତାବିତ ଚୀନ ଗସ୍ତ ଓ ସି ଜିନପିଙ୍ଗ୍‌ଙ୍କ ସହ ହେବାକୁ ଥିବା ଆଲୋଚନା ଉପରେ କଳା ବାଦଲ ସଦୃଶ ଉଭା ହୋଇଛି। ଇରାନ ସହ ଚୁକ୍ତି ହେଉ କି ନହେଉ, ଆମେରିକା ନିଜର ସ୍ଥିତିରେ ସର୍ବଦା ବଜାୟ ରହିବ। ମାତ୍ର ଚୀନର ସମ୍ଭାବ୍ୟ ସାମରିକ ହସ୍ତକ୍ଷେପ ଏହି ବିବାଦକୁ ଏକ ବଡ଼ ଯୁଦ୍ଧ ଆଡ଼କୁ ଠେଲି ଦେଇପାରେ ବୋଲି ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି।

### ଓଡ଼ିଆ ପରୀକ୍ଷାର୍ଥୀଙ୍କ...

ସର୍ବାଧିକ ୪ଟି ସହରର ନାମ ଦେଇଥିଲେ। ମାତ୍ର ସେମାନଙ୍କ ପରୀକ୍ଷା କେନ୍ଦ୍ର ନିଜ ପସନ୍ଦର ସହରରେ ହୋଇନାହିଁ। ଏପରିକି ବହୁ ଛାତ୍ରଛାତ୍ରୀଙ୍କ ପରୀକ୍ଷା କେନ୍ଦ୍ର ରାଜ୍ୟ ବାହାରେ ଅର୍ଥାତ୍ ପଶ୍ଚିମବଙ୍ଗ ସମେତ ଆନ୍ଧ୍ରପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼, ରାଜସ୍ଥାନ ଆଦି ରାଜ୍ୟରେ ରହିଛି। ପ୍ରବେଶିକା ନିମନ୍ତେ ଫର୍ମ ପୂରଣ ସମୟରେ ଛାତ୍ରଛାତ୍ରୀମାନଙ୍କୁ ଏକାଧିକ ସହରର ନାମ ଦେବାକୁ ପଡ଼ିଥାଏ । ନିଜ ରାଜ୍ୟର ବିଭିନ୍ନ ସହର ନାମ ଦେବା ପରେ ଛାତ୍ରଛାତ୍ରୀମାନେ ଫର୍ମରେ ଥିବା ଆବଶ୍ୟକତା ଦୃଷ୍ଟିରୁ ଅନ୍ୟ ରାଜ୍ୟର ପରୀକ୍ଷାକେନ୍ଦ୍ର ନାମ ଦେଇଥାଆନ୍ତି । ମାତ୍ର ପ୍ରଥମ ଓ ଦ୍ୱିତୀୟ ପସନ୍ଦ ପରୀକ୍ଷାକେନ୍ଦ୍ରକୁ ବାଦ ଦେଇ ଶେଷଆଡୁ ପିଲାଙ୍କ ପସନ୍ଦର ପରୀକ୍ଷାକେନ୍ଦ୍ରକୁ ପ୍ରାଥମିକତା ଦିଆଯାଇଛି ଓ ଅତ୍ୟନ୍ତ ଖାମଖିଆଲ୍ ଭାବେ ଭୌଗୋଳିକ ସୀମା ସମ୍ପର୍କରେ ଅବଗତ ନ ହୋଇ ଏନ୍‌ଟିଏ ପରୀକ୍ଷା କେନ୍ଦ୍ର ଆଲର୍ଟ କରିଥିବା ଅଭିଯୋଗ ହୋଇଛି। ଆସନ୍ତାକାଲି ଅର୍ଥାତ୍ ୧୩ ତାରିଖରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ। ୧୭ ତାରିଖରେ ପରୀକ୍ଷା ହେବ। ଏହି ସ୍ୱଳ୍ପ ସମୟରେ ପରୀକ୍ଷାର୍ଥୀମାନେ ଏତେ ଦୂରକୁ କିପରି ଯିବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟ୍ରେନ୍‌ରେ ଟିକେଟ୍ ମିଳୁ ନ ଥିବାବେଳେ କିଛି ସ୍ଥାନକୁ ବସ୍ ଯୋଗେ ଯିବା ମଧ୍ୟ ସମ୍ଭବପର ହେଉନାହିଁ। ଏଣୁ ପରୀକ୍ଷାରୁ ବଞ୍ଚିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଭୟ ଘାରିଛି। ରାଜ୍ୟରେ ବହୁ ପରୀକ୍ଷା କେନ୍ଦ୍ର ରହିଛି। ଆବେଦନ ସମୟରେ ମଧ ୪ ଟି ସହରକୁ ପ୍ରିଫରେନ୍ସ ଦିଆଯାଇଥିଲା। ମାତ୍ର ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରୁ ବଞ୍ଚିତ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରାଯାଇଛି ବୋଲି ଅଭିଭାବକଙ୍କ ଅଭିଯୋଗ ହେଲା, ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତ୍ୱରିତ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ଦାବି ଅଭିଭାବକଙ୍କ ସମେତ ଶିକ୍ଷାବିତମାନେ ଦାବି କରିଛନ୍ତି।

### ପଣା ସଂକ୍ରାନ୍ତିରୁ...

ହେବାକୁ ଥିବାବେଳେ ଏହି ୨ ଜିଲ୍ଲା ପାଇଁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପାଗ ଉଷ୍ମ ଏବଂ ଆର୍ଦ୍ର ରହିପାରେ। ସେହିପରି ୧୬ ତାରିଖରେ ତାତିର ପରିମାଣ ବଢ଼ିବା ସହ ପଶ୍ଚିମ ଓଡ଼ିଶା ବିଶେଷକରି ବରଗଡ଼, ବଲାଙ୍ଗୀର, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ହେବ। ସେଥିପାଇଁ ଉକ୍ତ ୪ ଜିଲ୍ଲାକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ୧୧ଟି ଜିଲ୍ଲାରେ ଜଳବାୟୁ ଉଷ୍ମ ଓ ଆର୍ଦ୍ର ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ପ୍ରଦାନ କରିଛି।

ରବିବାର ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୦.୭ ଡିଗ୍ରୀ ସଲସିୟସ୍ ରେକର୍ଡ କରାଯାଇଛି। ସମ୍ବଲପୁରରେ ତାପମାତ୍ରା ୪୦.୧ ଡିଗ୍ରୀ ରହିଥିବା ବେଳେ ହୀରାକୁଦର ତାପମାତ୍ରା ୪୦ ଡିଗ୍ରୀ ରହିଛି। ଏହାବ୍ୟତୀତ ରାଉରକେଲାରେ ପାରଦ ୩୮.୭ ଡିଗ୍ରୀ, ଚାନ୍ଦବାଲିରେ ୩୮.୨ ଡିଗ୍ରୀ, ଭୁବନେଶ୍ୱରରେ ୩୭.୭ ଡିଗ୍ରୀ ଓ କେନ୍ଦୁଝରରେ ୩୭.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ଉଗାଣ୍ଡା ସେନାମୁଖ୍ୟଙ୍କ ଅଦ୍ଭୁତ ଜିଦ୍

# ତୁର୍କୀରୁ ମାଗିଲେ ସବୁଠୁ ସୁନ୍ଦରୀ ମହିଳା, ୯୦୦୦କୋଟି

କାମ୍ପାଲା, ୧୨।୪(ଏଜେନ୍ସି): ଉଗାଣ୍ଡାର ସେନା ମୁଖ୍ୟ ତଥା ରାଷ୍ଟ୍ରପତିଙ୍କ ପୁତ୍ର ଲେଫ୍ଟନାଣ୍ଟ ଜେନେରାଲ ମୁହୁଜି କୈନେରୁଗାବା ପୁଣି ଥରେ ନିଜର ଅଜବ ତଥା ବିବାଦୀୟ ମନ୍ତବ୍ୟ ପାଇଁ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ମାଧ୍ୟମରେ ସେ ତୁର୍କୀ ସରକାରଙ୍କ ନିକଟରେ ଏକ ଅଜବ ଦାବି ରଖିଛନ୍ତି। ସେ ତୁର୍କୀଠାରୁ ୧ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ୯, ୦୦୦ କୋଟି ଟଙ୍କା ସହିତ ଦେଶର ସବୁଠାରୁ ସୁନ୍ଦରୀ ମହିଳାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। କୈନେରୁଗାବା ଚେତାବନୀ ଦେଇ କହିଛନ୍ତି ଯେ, ଯଦି ୩୦ ଦିନ ମଧ୍ୟରେ ତୁର୍କୀ ତାଙ୍କର ଏହି ଦାବି ପୂରଣ ନକରେ, ତେବେ ଉଗାଣ୍ଡା ତୁର୍କୀ ସହିତ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କରିବ ଏବଂ ତୁର୍କିସ ଏୟାରଲାଇନ୍ସ ଉପରେ କଟକଣା ଲଗାଇବ। ସୋମାଲିଆ ମିଶନର ଦୋହାଇ ଦେଇ ସେ କହିଛନ୍ତି ଯେ, ସୋମାଲିଆରେ ଆତଙ୍କବାଦ ବିରୋଧରେ ଉଗାଣ୍ଡା ସେନା ଯୁଦ୍ଧ କରୁଥିବା ବେଳେ ତୁର୍କୀ ସେଠାକାର ଭିତ୍ତିଭୂମି ଓ ବନ୍ଦରରୁ ବ୍ୟବସାୟିକ ଫାଇଦା ଉଠାଉଛି। ତେଣୁ ଏହି କ୍ଷତିପୂରଣ ବାବଦରେ ସେ ୯, ୦୦୦ କୋଟି ଟଙ୍କା ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, କୈନେରୁଗାବା ପୂର୍ବରୁ ମଧ୍ୟ ଏଭଳି ଅନେକ ବିବାଦୀୟ ମନ୍ତବ୍ୟ ଦେଇ ସରକାରଙ୍କୁ ଅଡୁଆରେ ପକାଇଛନ୍ତି। ପୂର୍ବରୁ ସେ ୨୦୨୨ରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ ବିବାହ ବଦଳରେ ୧୦୦ ଗାଇ ଉପହାର ଦେବାକୁ କହିଥିଲେ। ସେହିପରି ସେ କେନିଆର ରାଜଧାନୀ ନାଇରୋବିକୁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ଦଖଲ କରିବାକୁ ଧମକ ଦେଇଥିଲେ, ଯେଉଁଥିପାଇଁ ତାଙ୍କ ପିତା ରାଷ୍ଟ୍ରପତି ମୁସେଭେନିଙ୍କୁ କେନିଆ ନିକଟରେ କ୍ଷମା ମାଗିବାକୁ ପଡ଼ିଥିଲା। ସେହିପରି ରୁଷ-ୟୁକ୍ରେନ ଯୁଦ୍ଧରେ ସେ ଖୋଲାଖୋଲି ଭାବେ ଭ୍ଲାଦିମିର ପୁଟିନଙ୍କୁ ସମର୍ଥନ ଜଣାଇଥିଲେ। ୫୦ ବର୍ଷୀୟ କୈନେରୁଗାବାଙ୍କୁ ଉଗାଣ୍ଡାର ଭାବି ରାଷ୍ଟ୍ରପତି ବୋଲି ବିବେଚନା କରାଯାଉଥିବା ବେଳେ ତାଙ୍କର ଏଭଳି ଅପରିପକ୍ୱ ଓ ବିସ୍ଫୋରକ ମନ୍ତବ୍ୟ ଦେଶର ଅନ୍ତର୍ଜାତୀୟ ଛବିକୁ କ୍ଷତି ପହଞ୍ଚାଉଛି। ତୁର୍କୀ ସରକାର ଏପର୍ଯ୍ୟନ୍ତ ଏ ନେଇ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ରଖିନାହାନ୍ତି। ଜଣେ ସେନାମୁଖ୍ୟଙ୍କ ଏପରି ଅସ୍ୱାଭାବିକ ଆଚରଣ କୂଟନୈତିକ ସ୍ତରରେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି।

# କାର୍ ବିକ୍ରି ଆଳରେ ନାଏବ ସୁବେଦାରଙ୍କୁ ଚୂନ

■ ୫ ବର୍ଷ ପରେ ଧରାପଡ଼ିଲା ଧୂର୍ତ୍ତ
■ ଠକି ନେଇଛି ୨୦ ଲକ୍ଷ ଟଙ୍କା
■ ଫସିଛନ୍ତି ୭ ସେନା ଅଧିକାରୀ

ଭୁବନେଶ୍ୱର, ୧୨।୪ (ସମିସ): କାର୍ କିଣିବାକୁ ଯାଇ ଫସିଛନ୍ତି ନାଏବ ସୁବେଦାର। ଗାଡ଼ି ବିକ୍ରି ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଛି ଧୂର୍ତ୍ତ। ଅଭିଯୋଗର ୫ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଚୌଦ୍ୱାର ଥାନା ନୂଆ ସାହିର ଦୀପକ ରଞ୍ଜନ ଗହନ (୪୪)।

ପୁଲିସ ସୂଚନାନୁସାରେ, ନାଏବ ସୁବେଦାର ଦୁର୍ଯ୍ୟୋଧନ ରାଓ ପିନ୍ନିତି ଗୋପାଳପୁର ଗୋଲାବନ୍ଧ ସ୍ଥିତ ୨୮ ଏଡି ରେଜିମେଣ୍ଟରେ କାର୍ଯ୍ୟରତ ଥିବାବେଳେ ଦୀପକ ସୂର୍ଯ୍ୟନଗର ସ୍ଥିତ ନେକ୍ସା ସୋରୁମର ଜଣେ ଗ୍ରାହକ ସମ୍ପର୍କ ପରିଚାଳକ ଭାବେ କାମ କରୁଥିଲା। ଦୀପକ ୨୦୨୦ ଅକ୍ଟୋବର ମାସରେ ସେନା କ୍ୟାଣ୍ଟିନ୍ ସୁବିଧା ମାଧ୍ୟମରେ ରିହାତି ମୂଲ୍ୟରେ ଗାଡ଼ି ଯୋଗାଇଦେବ ବୋଲି ଦୁର୍ଯ୍ୟୋଧନଙ୍କୁ ପ୍ରଲୋଭିତ କରିଥିଲା। ତା'ର କଥାରେ ବିଶ୍ୱାସ କରି ଦୁର୍ଯ୍ୟୋଧନ ଗାଡ଼ି କିଣିବାକୁ ୨ ଲକ୍ଷ ୫ ହଜାର ଟଙ୍କା ଦେଇଥିଲେ ଓ ବାକି ୪ ଲକ୍ଷ ୧୫ ହଜାର ଗାଡ଼ି ନେବା ସମୟରେ ଦେବାକୁ କଥାବାର୍ତ୍ତା ହୋଇଥିଲା। କିନ୍ତୁ ଦୀପକ ଟଙ୍କା ନେବାପରେ ମଧ୍ୟ ଗାଡ଼ି ଦେଇନଥିଲା କି ଟଙ୍କା ମଧ୍ୟ ଫେରାଇ ନଥିଲା। ପରବର୍ତ୍ତୀ ସମୟରେ ଯୋଗାଯୋଗ ବନ୍ଦ କରି ଦେଇଥିଲା। ତେବେ ଦୀପକ କେବଳ ଦୁର୍ଯ୍ୟୋଧନଙ୍କୁ ନୁହେଁ, ବରଂ ତାଙ୍କ ସହକର୍ମୀ ବା ଅନ୍ୟ ସେନା ଅଧିକାରୀଙ୍କ ଠାରୁ ମଧ୍ୟ ସମାନ ଢଙ୍ଗରେ ଟଙ୍କା ଠକିଥିବା ଜଣାପଡ଼ିଥିଲା। ଏହାପରେ ଦୁର୍ଯ୍ୟୋଧନ ସୂର୍ଯ୍ୟନଗର ସ୍ଥିତ ଶୋ ରୁମକୁ ଯାଇଥିଲେ, ହେଲେ ସେତେବେଳକୁ ଦୀପକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇ ସାରିଥିଲା। ସବୁ ଦିଗରୁ ନିରାଶ ହେବାପରେ ଦୁର୍ଯ୍ୟୋଧନ ୨୦୨୧ ମସିହା ଫେବୃଆରୀ ମାସରେ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଦୀପକର ଟେର୍ ପାଇନଥିଲା। ତେବେ ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଦୀପକ ୨୮ ଏଡି ରେଜିମେଣ୍ଟରେ ଅନେକ ସେନା ଅଧିକାରୀଙ୍କୁ ଠକିଥିବା ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା। ସେ ନକଲି ନମ୍ବର ପ୍ଲେଟ୍ ଓ ବିନା କୌଣସି କାଗଜପତ୍ରରେ ଗାଡ଼ି ବିକ୍ରି କରିବା ଠାରୁ ଆରମ୍ଭ କରି ବ୍ୟାଙ୍କ ଋଣ ଯୋଗାଇବା ଯାଏଁ, ବିଭିନ୍ନ ଉପାୟରେ ଟଙ୍କା ଠକି ନେଇଥିବା କଥା ଜଣାପଡ଼ିଥିଲା। ପ୍ରାୟ ୭ ଜଣ ସେନା କର୍ମଚାରୀ ଠକେଇ ଜାଲରେ ପଡ଼ିଥିବା ବେଳେ ଦୀପକ ସେମାନଙ୍କ ଠାରୁ ୨୦ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ରବିବାର ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# ୭ ଦିନରେ ଆଇସିସି କମିଟି ଗଠନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୪ (ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଅଭିଯୋଗ ବଢ଼ିବାରେ ଲାଗିଛି। ଖୋଦ୍ ରାଜଧାନୀର ଛାତି ଉପରେ ଠିଆ ହୋଇଥିବା ବିଜେବି କଲେଜ ଓଡ଼ିଆ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ନିର୍ଯାତନା ଅଭିଯୋଗ ଆସିବାର ବର୍ଷେ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ଫଳରେ ଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏପରି ସ୍ଥିତିରେ, ସମସ୍ତ ଶିକ୍ଷାନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ସରକାର ବାଧ୍ୟତାମୂଳକ କରିଥିଲେ ମଧ୍ୟ ବହୁ ଉଚ୍ଚ ଶିକ୍ଷାନୁଷ୍ଠାନ ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି। ତେଣୁ, ତୁରନ୍ତ ଆଇସିସି କମିଟି ଗଠନ କରି ରିପୋର୍ଟ ଦେବାକୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆର୍‌ଡିଇ) ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ କଲେଜରେ ଆଇସିସି ନାହିଁ, ସେହି କଲେଜଗୁଡ଼ିକ ୭ ଦିନ ମଧ୍ୟରେ କମିଟି ଗଠନ କରିବେ। ଆଇସିସି ଗଠନ ହୋଇଥିବା କଲେଜ ମଧ୍ୟ କମିଟି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି କଲେଜ ନିର୍ଦ୍ଦେଶ ଅନୁପାଳନ ନ କରନ୍ତି, ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରେ ନାମଲେଖା ଉପରେ କଣକଣା ଲଗାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଇସ୍କନକୁ ଗଜପତିଙ୍କ ଚେତାବନୀ

# ଅମାନିଆ ହେଲେ ଆଇନର ଆଶ୍ରୟ ନିଆଯିବ

■ ଅଦିନିଆ ରଥଯାତ୍ରା ରୋକିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି
■ ସମସ୍ତ ସନାତନପ୍ରେମୀ ସଚେତନ ହେବାକୁ ଗଜପତି ମହାରାଜାଙ୍କ ନିବେଦନ

ପୁରୀ, ୧୨।୪ (ସମିସ): ବିଶ୍ୱର ବିଭିନ୍ନ ରାଷ୍ଟ୍ର ସମେତ ଭାରତର ବିଭିନ୍ନ ରାଜ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ରହିଛି। ସେଠାରେ ରଥଯାତ୍ରା ସହ ମହାପ୍ରଭୁଙ୍କ ଅନ୍ୟାନ୍ୟ ପର୍ବପର୍ବାଣି ପାଳନ କରାଯାଉଛି। କିନ୍ତୁ ମୂଳପୀଠ ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ କରାଯାଉଛି, ଅଧିକାଂଶ ସ୍ଥାନରେ ହେଉନାହିଁ। ଏମିତିକି, ବର୍ଷର ବିଭିନ୍ନ ସମୟରେ ରଥଯାତ୍ରା କରାଯାଉଛି। ଏହା ମହାପ୍ରଭୁ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା। ଅଦିନିଆ ରଥଯାତ୍ରାକୁ କିପରି ବନ୍ଦ କରାଯିବ, ସେନେଇ ବିଭିନ୍ନ ସମୟରେ ଉଦ୍ୟମ ହେଉଥିଲେ ହେଁ ସେଥିରେ ସମ୍ପୂର୍ଣ୍ଣ ଭାବେ ସଫଳତା ମିଳିନାହିଁ। ତେଣୁ ଦେଶରେ ଓ ଦେଶ ବାହାରେ ମହାପ୍ରଭୁଙ୍କ ପର୍ବପର୍ବାଣି ପାଳନ, ଇସ୍କନ ସଂସ୍ଥା ଦ୍ୱାରା ଅଦିନିଆ ରଥଯାତ୍ରା ପାଳନ ସଂକ୍ରାନ୍ତରେ ଆଲୋଚନା ପାଇଁ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ "ଐକ୍ୟ ସ୍ଥାପନା ମଣ୍ଡଳୀ' ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକ ଶେଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ମହାରାଜା କହିଥିଲେ ଯେ ଇସ୍କନ ସଂସ୍ଥା ଶ୍ରୀକ୍ଷେତ୍ର ବା ମୂଳପୀଠ ପରମ୍ପରାର ବ୍ୟତିକ୍ରମ କରୁଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ୍ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ




ଆଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି।

ଇସ୍କନ୍‌ର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ଗଜପତି ମହାରାଜା ମଧ୍ୟ ବ୍ୟକ୍ତିଗତ ଭାବେ ଦୁଇଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଇସ୍କନ୍‌ର ଅଦିନିଆ ରଥଯାତ୍ରା ନେଇ ରାଜ୍ୟବ୍ୟାପୀ ଜନସଚେତନତା ସୃଷ୍ଟି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସହ ଆଲୋଚନା କରିବ। ଇସ୍କନ୍ ମାୟାପୁର କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଚିଠି ଲେଖାଯିବ। ସବୁପ୍ରକାର ପଦକ୍ଷେପ ନେବା ସତ୍ତ୍ୱେ ଇସ୍କନ୍ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା କଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତି ଦିବ୍ୟସିଂହ ଦେବ ଚେତାବନୀ ଦେଇଛନ୍ତି। ଇସ୍କନ୍ ଭାରତ ଭିତରେ ଅଦିନିଆ ସ୍ନାନପୂର୍ଣ୍ଣିମା ଏବଂ ରଥଯାତ୍ରା ନ କରିବା ପାଇଁ ଲିଖିତ ଭାବେ ଜଣାଇଛି। ୨୦୨୫ ପରଠାରୁ ଇସ୍କନ ଭାରତ ଭିତରେ ଅଦିନିଆ ସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା କରିବା ଦୃଷ୍ଟିଗୋଚର ହୋଇନାହିଁ। କିନ୍ତୁ, ଇଣ୍ଟରନେଟ୍ ତଥ୍ୟ ଅନୁଯାୟୀ, ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଓ ୧୦ଟି ସ୍ଥାନରେ ଅଦିନିଆ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହା ବିରୋଧରେ ସମସ୍ତ ସନାତନପ୍ରେମୀ ସଚେତନ ହେବାକୁ ଗଜପତି ନିବେଦନ କରିଛନ୍ତି। ଆସନ୍ତା ପଣାସଂକ୍ରାନ୍ତିରୁ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଚଳିତ ହେବାକୁ ଯାଉଛି। କ୍ୟାଲେଣ୍ଡରରେ ଉଲ୍ଲେଖ ହୋଇଥିବା ତାରା ଚିହ୍ନ ଅନୁସାରେ ଭାରତରେ ଥିବା ସବୁ ଜଗନ୍ନାଥ ମନ୍ଦିର ଏହା ପାଳନ କରିବା ବାଧ୍ୟତାମୂଳକ। ସେହିପରି ଭାରତ ଭିତରେ ସବୁ ଜଗନ୍ନାଥ ମନ୍ଦିର ମୂଳପୀଠ ବା ଶ୍ରୀମନ୍ଦିର କ୍ୟାଲେଣ୍ଡର ଅନୁସାରେ ପର୍ବପର୍ବାଣି ଓ ନୀତିକାନ୍ତି ପାଳନ କରିବାକୁ ଗଜପତି ପରାମର୍ଶ ଦେଇଛନ୍ତି। 'ଐକ୍ୟ ସ୍ଥାପନା ମଣ୍ଡଳୀ'ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ସବୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଗ୍ରୀଷ୍ମପ୍ରବାହରେ ଜଳ ସଙ୍କଟ

# ଛାତ୍ରୀ ନିବାସ ନଳକୂପ ଅଚଳ, ସମସ୍ୟାର ସମ୍ମୁଖୀନ ଛାତ୍ରଛାତ୍ରୀ

ରାଇରଙ୍ଗପୁର,୧୨।୪(ସମିସ):





ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାବେଳେ ବହଳଦା ବ୍ଲକ୍ ଅନ୍ତର୍ଗତ ଝରାଡିହି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ୩ଟି ଛାତ୍ରୀ ନିବାସରେ ଜଳ ସମସ୍ୟା ପରିଲକ୍ଷିତ ହୋଇଛି। ବିଦ୍ୟାଳୟ ପରିସରରେ ଥିବା ଅଧିକାଂଶ ନଳକୂପ ଅଚଳ ଅବସ୍ଥାରେ ରହିଥିବାବେଳେ ଛାତ୍ରଛାତ୍ରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ଛାତ୍ରୀ ନିବାସର ପାଣି ମୋଟର ଦୀର୍ଘ ମାସରୁ ଅଚଳ ହୋଇପଡିଛି। ଅନ୍ତେବାସୀ ଛାତ୍ରୀ ମୋଟର ପମ୍ପ ଲାଗିଥିବା ଉକ୍ତ ନଳକୂପରୁ ବାଲ୍‌ଟି ଯୋଗେ ପାଣି ବୋହି ନେଇ ଗାଧୁଆ, ପାଧୁଆ, ଲୁଗା ସଫା କରିବା ଭଳି ନିତ୍ୟକର୍ମ ସମ୍ପାଦନ କରୁଥିବା ଦେଖିବାକୁ ମିଳିଛି। କେଜିବିଭି ସମ୍ମୁଖରେ ଥିବା ନଳକୂପରୁ ଅନେକ ସମୟ ପ୍ରଚେଷ୍ଟା କଲେ ପାଣି ବାହାରିଥାଏ। ଅଙ୍ଗନବାଡି ସମ୍ମୁଖ ନଳକୂପଟି ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି। ଭୋର ୪ଟାରୁ ଛାତ୍ରୀ ପାଣି ବୋହି ନେଇ ନିଜ ଆବଶ୍ୟକତା ପୂରଣ କରିଥା'ନ୍ତି। ଫଳରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ମଧ ଭୋର ୪ ଘଟିକା ସମୟରୁ ଛାତ୍ରୀଙ୍କ ସହ ଉପସ୍ଥିତ ରହିଥା'ନ୍ତି। ତେବେ ଉକ୍ତ ଅଚଳ ମୋଟର ପମ୍ପର ମରାମତି ଦାୟିତ୍ୱ ରାଇରଙ୍ଗପୁର ଆଇଟିଡିଏ ଅଧୀନରେ ରହିଥିବା ବେଳେ ଦୀର୍ଘ ମାସ ଧରି ମରାମତି ହେଉନାହିଁ। ଆଦିବାସୀ ଛାତ୍ରଛାତ୍ରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ସୁଦ୍ଧା ରାଇରଙ୍ଗପୁର ଆଇଟିଡିଏ ଆଖି ବନ୍ଦ କରି ଦେଇଛି। ଏହାର ତୁରନ୍ତ ସମାଧାନ କରିବାର ଆବଶ୍ୟକତା ରହିଛି।

# ଆସାମ ମୁଖ୍ୟମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟକୁ କଂଗ୍ରେସର ବିରୋଧ



ରାଇରଙ୍ଗପୁର,୧୨।୪(ସମିସ): ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ ବିବାଦୀୟ ମନ୍ତବ୍ୟକୁ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ତିରିଂରେ କୁଶ ପୁତ୍ତଳିକା ଦାହ କରାଯାଇଛି। କଂଗ୍ରେସ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ଅସଭ୍ୟ ମନ୍ତବ୍ୟ ଦେଇଛନ୍ତି। ଯାହାକୁ କଂଗ୍ରେସ କର୍ମୀ ନିନ୍ଦା କରିଛନ୍ତି। ପ୍ରତିବାଦ କରି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ଆଦିବାସୀ କଂଗ୍ରେସ ରାଜ୍ୟ ଉପାଧ୍ୟକ୍ଷ ଲକ୍ଷ୍ମଣ ମାଝୀ, ଜିଲ୍ଲା ଉପସଭାପତି ମହମ୍ମଦ ଅଲ୍ଲି ଖାନ, ହରିହର ସାହୁ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, ଜିଲ୍ଲା କୋଷାଧ୍ୟକ୍ଷ ଜାକିର ହୁସେନ, ଜିଲ୍ଲା ସମ୍ପାଦକ ଶଙ୍କରାଲାଲ କ୍ଷେତ୍ରୀ ଓ ବ୍ଲକ ସଭାପତି ଭାଗୀରଥି ପାତ୍ରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କୁଶପୁତ୍ତଳିକା ଦାହ କରିଥିଲେ।

# ନୂଆସାହି ଡିଗ୍ରୀ କଲେଜରେ ରକ୍ତଦାନ ଶିବିର



ନୂଆସାହି,୧୨।୪ (ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ନୂଆସାହି ଡିଗ୍ରୀ କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଶକ୍ତିଶ୍ରୀ ପରିଚାଳନା କମିଟି ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଲମ୍ବୋଦର ବାରିକ ଉଦଘାଟନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ମଞ୍ଜନା ମହାପାତ୍ର, ଯୁବ ରେଡକ୍ରସର କାଉନସିଲର ଚନ୍ଦ୍ରମୋହନ ପରିଡା ଓ ଶକ୍ତିଶ୍ରୀ ପରିଚାଳନା କମିଟି ମୁଖ୍ୟ ଶ୍ରୀମତୀ ରଞ୍ଜିତା ବିଶ୍ୱାଳଙ୍କ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଉଦଳା ଉପଖଣ୍ଡ ଚିକିତ୍ସାକେନ୍ଦ୍ର ବ୍ଲଡ୍ ବ୍ୟାଙ୍କ ବିଭାଗ ପକ୍ଷରୁ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଶିବିର ସଫଳତାର ସହିତ ସମ୍ପାଦିତ ହୋଇଥିଲା। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ପୁସ୍ତକ କିଣିବା, ପଢିବା ଓ ଉପହାର ଦେବା ଉପରେ ବିଶେଷ ଆଲୋକପାତ କରାଯାଇଥିଲା।

# ସରିଲା ବ୍ଲକ୍‌ସ୍ତରୀୟ ଶିକ୍ଷା ସଚେତନତା ରଥ ପରିକ୍ରମା



କପ୍ତିପଦା,୧୨।୪ (ସମିସ): କପ୍ତିପଦା ବ୍ଲକ୍‌ରେ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ସଚେତନତା ରଥ ପରିକ୍ରମାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟରେ ପିଲାଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ପ୍ରକାର ସାଜସଜ୍ଜା ସହିତ ଅଭିଭାବକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରି ନବାଗତଙ୍କୁ ନାମଲେଖା କରାଇଥିଲେ। ଏଥିପାଇଁ ବ୍ଲକ୍‌ସ୍ତରୀୟ ସଚେତନତା ରଥକୁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ଉଦଘାଟନ କରିଥିଲେ। ବ୍ଲକର ପ୍ରମୁଖ ଶୈବ ପୀଠ ଝିଙ୍କେଶ୍ୱର ମନ୍ଦିର ନିକଟରୁ ଏହି ରଥ ବାହାରି ୨୬ଟି ଗ୍ରାମ ପଞ୍ଚାୟତ ପରିକ୍ରମା କରିଥିଲା। ଉଦ୍‌ଯାପନୀ ଉତ୍ସବ ପିଙ୍ଗୁ ନୁଦୁଡିହା ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ ପଞ୍ଚାୟତର ସରପଞ୍ଚ ନାରାୟଣ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାତଦିନ ଧରି ଏହି ରଥ ୨୬ଟି ପଞ୍ଚାୟତରେ ୫୨୬ କିଲୋମିଟର ରାସ୍ତା ପରିକ୍ରମା କରିଥିଲା। ୨୩ ଜଣ ଆଞ୍ଚଳିକ ସାଧନ ସଂଯୋଜକ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସଚେତନତା ସୃଷ୍ଟି କରିବା ପାଇଁ ନାଚ, ଗୀତ ଓ ସ୍ଲୋଗାନ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ରଥ ପରିକ୍ରମା ସମୟରେ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିଥିଲେ।

## ● ପାଞ୍ଚପିଢ଼ ଠିକାଦାର ସଂଘ ପୁନର୍ଗଠିତ

# ପ୍ରମୋଦ ନାଏକ ସଭାପତି, ବିମଲ ସେନାପତି ସମ୍ପାଦକ



କରଞ୍ଜିଆ,୧୨।୪(ସମିସ): ପାଞ୍ଚପିଢ ଠିକାଦାର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ କରଞ୍ଜିଆସ୍ଥ ଏନଏସି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାଞ୍ଚପିଢ ଠିକାଦାର ସଂଗ ପୁନର୍ଗଠନ ନିମନ୍ତେ ଆଲୋଚନା ହେବା ପରେ ସର୍ବସମ୍ମତି କ୍ରମେ ନୂତନ ସଭାପତି ଭାବେ ପ୍ରମୋଦ କୁମାର ନାଏକ, ସାଧାରଣ ସମ୍ପାଦକ ଭାବେ ବିମଲ ସେନାପତି, କୋଷାଧ୍ୟକ୍ଷ ଭାବେ ନଗେନ୍ଦ୍ର ସିଂ, ଉପସଭାପତି ଭାବେ ଚନ୍ଦନ ମହାନ୍ତ(କ), ବିନୋଦ ମେହେଟା, ଜୟଦ୍ରଥ ଗିରି, କ୍ଷୀରୋଦ ମହାନ୍ତ, ସମ୍ପାଦକ ଭାବେ ଜଗଦାନନ୍ଦ ରାଉଳ, ଆଲୋକ କୁମାର ବେହେରା, ବିକ୍ରମ ନାଏକ, ତାରାକାନ୍ତ ପଟ୍ଟନାୟକ, ଚନ୍ଦନ କୁମାର ମହାନ୍ତ(ଖ)ଙ୍କୁ ନିର୍ବାଚିତ କରାଯାଇଛି। ବୈଠକରେ ପୁନର୍ବାର ନିଜ ନିଜ ଭିତରେ ପ୍ରତିଯୋଗିତା ନ କରି ସମସ୍ତ ଠିକାଦାର ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ମୂଲ୍ୟରେ କୌଣସି ଟେଣ୍ଡର ନ ପକାଇବା, ଉପଖଣ୍ଡ ଭିତରେ ବାହାର ବା ଉପଖଣ୍ଡ ଛାଡି ଅନ୍ୟ ସ୍ଥାନର ଠିକାଦାରଙ୍କୁ କୌଣସି ଟେଣ୍ଡର ପକାଇବାକୁ ଦିଆଯିବନାହିଁ, ଠିକାଦାରଙ୍କ ଏକ କାର୍ଯ୍ୟାଳୟ ନିର୍ମାଣ ଓ ସଂଘକୁ ରେଜିଷ୍ଟ୍ରେସନ କରିବା ନିମନ୍ତେ ପ୍ରସ୍ତାବ ଓ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ମୟୂରଭଞ୍ଜ ଅବସରପ୍ରାପ୍ତ ସାନ୍ତାଳ କର୍ମଚାରୀ ସଂଗଠନର ବାର୍ଷିକ ଅଧିବେଶନ



ବାରିପଦା, ୧୨।୪(ସମିସ): ମୟୂରଭଞ୍ଜ ଅବସରପ୍ରାପ୍ତ ସାନ୍ତାଳ କର୍ମଚାରୀ ସଂଗଠନର ବାର୍ଷିକ ଅଧିବେସନ ସ୍ଥାନୀୟ ଜୁବୁଲି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସାଂଗଠନିକ ସମ୍ପାଦକ ଦୁର୍ଗାଚରଣ ମୁର୍ମୁ ଉପସ୍ଥିତ ସଦସ୍ୟଙ୍କୁ ସମ୍ବୋଦିତ କରିବା ସହିତ ସଂଗଠନର କର୍ମକର୍ତ୍ତା ତଥା ସଭାପତି ଗୁର୍ବା ସୋରେନ, ଉପସଭାପତି ଲକ୍ଷ୍ମଣ ସୋରେନ ଓ ନୁନାରମ ମାଝୀ, ସାଧାରଣ ସମ୍ପାଦକ ସନ୍ତୋଷ ମାରାଣ୍ଡି, କୋଷାଧ୍ୟକ୍ଷ ଦୁଃଖୀରାମ ହେମ୍ବ୍ରମଙ୍କୁ ସଭା ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଶ୍ରୀ ସୋରେନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନିମନ୍ତ୍ରିତ ଅତିଥି ଭାବେ ଭଞ୍ଜ ଦିଶମ୍ ପର୍ଗଣା ମହଲ, ଭଞ୍ଜବୀର ସୁନାରାମ ଟ୍ରଷ୍ଟ, ଜାଓଗେ ଜିଓୱେନ ଭଞ୍ଜ ଗାଉଁତା, ଆଦିମ ଖେରୱାଲ ଘୁମିଦ ଗାଉଁତା ମୁଣ୍ଡକାଟି, ଖେଲୱାଲ ଜାରପା ସମିତି ଖୁଣ୍ଟା, ବାବା ଧୁଦେଶ୍ୱର୍ ତୁପୁନାଇଁ ଘାଟ, ଘାଟଶିଳା, ଲୁଗୁବୁରୁ ଜୁଆନ ଗାଉଁତା କେନ୍ଦୁଆଖୁଣ୍ଟା ଓ ସଂଗଠନର କର୍ମକର୍ତ୍ତା ଯୋଗଦାନ କରି ସଂଗଠନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସଂଗଠନର ସ୍ମାରକ ଚିତ୍ରିତ ପତାକା ସଭାସ୍ଥଳ ପ୍ରାଗଣରେ ଉପଦେଷ୍ଟା ମଣ୍ଡଳର ସଦସ୍ୟ ଭୀମ ଚରଣ କିସ୍କୁ ଏବଂ ଶଙ୍କର ଚରଣ ମାଝୀଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା। ସଭାପତି ଶ୍ରୀ ସୋରେନ ଅତିଥି ଓ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ସଂଗଠନରେ ସଭ୍ୟ ବୃଦ୍ଧି ଓ ସଂଗଠନ ସୁଦୃଢ ଉପରେ ଉପସଭାପତି ଲକ୍ଷ୍ମଣ ସୋରେନ ଗୁରୁତ୍ୱାରୋପ କରିଥିଲେ। ସଂଗଠନର ସାଧାରଣ ସମ୍ପାଦକ ସନ୍ତୋଷ ମାର୍ଣ୍ଡି ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଦୁଃଶ୍ୟାମ ହେମ୍ବ୍ରମ ବାର୍ଷିକ ପାଣ୍ଠିର ବର୍ତ୍ତମାନ ସ୍ଥିତି ଉପସ୍ଥାପନା କରିଥିଲେ। ମୁଖ୍ୟ ଆକର୍ଷଣ ଲବ ମୁର୍ମୁ, ପଶ୍ଚିମବଙ୍ଗର ନିମନ୍ତ୍ରିତ ବିତ୍ତି ଗୁରୁ ଲାୟ ଲୋକାଚାର ଓ ସଂହତି ମାଧ୍ୟମରେ ସାନ୍ତାଳ ସମାଜର ପୂଜା ପଦ୍ଧତି ବିହିତ ବିଧାନ ପର୍ବପର୍ବାଣୀ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରି ସଦସ୍ୟଙ୍କ ସନ୍ଦେହ ମୋଚନ କରିଥିଲେ। ସଂଗଠନର ସକ୍ରିୟ ସଦସ୍ୟ ରାମଚନ୍ଦ୍ର ହାଁସଦା, ଲଛମୋହନ ସୋରେନ, ଲେପା ମାଣ୍ଡି, ମାନସିଂ ମୁର୍ମୁ, ସୁନାରାମ ମୁର୍ମୁ ଓ ବୁଧୁରାୟ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ଲକ୍ଷ୍ମଣ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ପଶୁଦା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'ବାପାମାଆ ଓ ଶିକ୍ଷକ ଆମର ସୁଚିନ୍ତକ'



କୁଆମରା,୧୨।୪(ସମିସ): ଗୋପବନ୍ଧୁନଗର ବ୍ଲକ ପଶୁଦା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଅତୀତର ସ୍ମୃତିଚାରଣ କରିଥିଲେ। ପ୍ରଥମ ଅଧିବେଶନରେ ମନୋରଞ୍ଜନ କଟୁଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ଶିକ୍ଷକ ଚିତ୍ତରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀମଣି ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଜେନ୍ଦ୍ର କଟୁଆଳ ପ୍ରମୁଖ ଯୋଗ ଦେଇ ବାପାମାଆ ଓ ଶିକ୍ଷକ ଆମର ସୁଚିନ୍ତକ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ବଙ୍କିମ ବାରିକ ଓ ଜନାର୍ଦ୍ଦନ ମହଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

ସେହିପରି ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ର ସଂସଦ ସଭାପତି ଶ୍ରୀକାନ୍ତ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଆଇନଜୀବୀ ରସାନନ୍ଦ ଲେଙ୍କା, ମୁଖ୍ୟବକ୍ତା ପ୍ରଫେସର କୁମରବର ଦାସ, ସମ୍ମାନିତ ଅତିଥି ବିଡିଓ ପୃଥୀରାଜ ପରିଡା, ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରୀ ସଭାପତି ମନୋଜ ରାୟସିଂହ, ପ୍ରଧାନଶିକ୍ଷକ କାର୍ତ୍ତିକ ଜନା ପ୍ରମୁଖ ଯୋଗ ଦେଇ କଠିନ ପରିଶ୍ରମ ଓ ଅଧ୍ୟବସାୟୀ ବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଛାତ୍ରଛାତ୍ରୀଙ୍କ କରଞ୍ଜିଆ ଥାନା ପରିଦର୍ଶନ



କରଞ୍ଜିଆ, ୧୨।୪(ସମିସ): କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ପାଟବିଲ ପଞ୍ଚାୟତର କଳାକାଦରେ ଅବସ୍ଥିତ ଶକୁନ୍ତଳା ସୁଦର୍ଶନ ବୈଷୟିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ କରଞ୍ଜିଆ ଥାନା ପରିଦର୍ଶନ କରି ଆଇନ ଓ ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ପ୍ରାୟୋଗିକ ଶୈକ୍ଷିକ ଜ୍ଞାନ ଅର୍ଜନ କରିଛନ୍ତି। ଏହି ପରିଦର୍ଶନ କାର୍ଯ୍ୟକ୍ରମ କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ଥାନାର ଅଧିକାରୀ ଶିକ୍ଷାର୍ଥୀମାନଙ୍କୁ ଆଇନଶୃଙ୍ଖଳା ସମ୍ପର୍କିତ ବିଭିନ୍ନ ରେଜିଷ୍ଟର ଓ ରେକର୍ଡର ପ୍ରଚଳନ, ଥାନାର କାର୍ଯ୍ୟ ପ୍ରଣାଳୀ, ତଦନ୍ତ ପ୍ରକ୍ରିୟା ଓ ଦୈନିକ କାର୍ଯ୍ୟକଳାପ ବିଷୟରେ ବିସ୍ତାର ଭାବେ ଅବଗତ କରାଇଥିଲେ। ସେଥିପାଇଁ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କ କେମିତି ଗଢ଼ିଉଠେ, ଏ ସମ୍ପର୍କରେ ମଧ ଶିକ୍ଷାର୍ଥୀମାନଙ୍କୁ ବୁଝାଇ ଦିଆଯାଇଥିଲା। ନୂତନ ଆଇନ ଓ ନିୟମାବଳୀ ସମ୍ପର୍କରେ ମଧ ପିଲାମାନେ ମୂଲ୍ୟବାନ ଜ୍ଞାନ ଅର୍ଜନ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା ଶିକ୍ଷାର୍ଥୀମାନଙ୍କ ମନରୁ ପୁଲିସ ପ୍ରତି ଥିବା ଭୟ ଦୂର କରିବା ସହିତ ଆଇନକାନୁନ ପ୍ରତି ସଚେତନତା ବୃଦ୍ଧି କରାଇବା। ଏହି ପରିଦର୍ଶନ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଶିକ୍ଷାପ୍ରଦ ଓ ସ୍ମୃତିମୟ ଅନୁଭବ ହୋଇଥିବା ବୋଲି ଜଣାପଡ଼ିଛି।

# ରାଜନୀତି ବିଜ୍ଞାନ ବିଭାଗର ସେମିନାର



କପ୍ତିପଦା,୧୨।୪ (ସମିସ): ନୂଆସାହି ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ବିଭାଗର ସେମିନାର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ମୁଖ୍ୟ ଆଧ୍ୟାପକ ଲମ୍ବୋଦର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। "ମାନବିକ ଅଧିକାର ଉଲ୍ଲଙ୍ଘନ ଓ ପ୍ରତିକାର' ଶୀର୍ଷକ ଆଲୋଚନାଚକ୍ରରେ ବିଷୟ ବିଶାରଦ ଭାବରେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ଉଦଳା ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ବିବେକାନନ୍ଦ ଦାସବାବୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଡଃ ଶାନ୍ତସୁନ୍ଦର ଆଚାର୍ଯ୍ୟ ଯୋଗଦେଇ ସେମିନାର ଗୁରୁତ୍ୱ ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ଅଧ୍ୟାପିକା ମଞ୍ଜନା ମହାପାତ୍ର ମଧ ନିଜର ମତାମତ ପ୍ରଦାନ କରିଥିଲେ। ବିଭାଗୀୟ ଛାତ୍ରୀ ଅଙ୍କିତା ଆରୁଖ, ମୋନାଲିସା ମହାରଣା, ବିଜୟଲକ୍ଷ୍ମୀ ବେହେରା, ସୁଶ୍ରୀ ସଂଗୀତା ବେହୁରିଆ, ଗୌତମୀ ବେହେରା, ପ୍ରୀତିପ୍ରଭା ସାମଲ, ଦିବ୍ୟାଭାରତୀ ହାଁସଦା ଓ ଛାତ୍ର ଓମ୍‌ପ୍ରକାଶ ନାୟକ ନିଜ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଦିବ୍ୟ ଭାରତୀ ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଝିଲ୍ଲୀ ସିଂ ପ୍ରାରମ୍ଭିକ ସଂଗୀତ ଓ ସସ୍ମିତା ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ରଂଜିତା ବିଶ୍ୱାଳ ନିଜର ସନ୍ଦର୍ଭ ପାଠ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# କହ୍ନେଇବନ୍ଧ ମଣ୍ଡଳ ବିଜେପି ପ୍ରଶିକ୍ଷଣ ଶିବିର

କୁଆମରା,୧୨।୪(ସମିସ): ଖୁଣ୍ଟା ବ୍ଲକ କହ୍ନେଇବନ୍ଧ ମଣ୍ଡଳର ବିଜେପି ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ନିହାର ରଞ୍ଜନ ମୋଦି ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଭାରତ ମାତା, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନିହାର ରଞ୍ଜନ ମୋଦି, ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବରିଷ୍ଠ ନେତା କମଳ ଧଳ, ପ୍ରମିଳା ପଣ୍ଡା, ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ସୁଜାତା ମୁର୍ମୁ, ସାଧାରଣ ସମ୍ପାଦକ ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇ ଦଳର ବିକାଶ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ଦଳର କାର୍ଯ୍ୟ ପଦ୍ଧତି, ସଂଗଠନ ବିସ୍ତାର ଓ ସୁଦୃଢିକରଣ ଆଦର୍ଶ ଓ କର୍ତ୍ତବ୍ୟବୋଧ ଉପରେ ପ୍ରଶିକ୍ଷଣ ଦେଇଥିଲେ। ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷ ଓ ପୂର୍ବ ମୟୂରଭଞ୍ଜ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମଢୁଆଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରକାଶ ସୋରେନଙ୍କ ଉପସ୍ଥିତି ରେ ଦଳୀୟ ପତାକା ଅବତରଣ କରାଯାଇଥିଲା। ଭବାନୀ ଶଙ୍କର ଲେଙ୍କା, ପଦ୍ମଲୋଚନ ନାୟକ, ଅଞ୍ଜ କିଶୋର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## କରଞ୍ଜିଆ ମହୋତ୍ସବ

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

କରଞ୍ଜିଆ, ୧୨।୪ (ସମିସ):






କରଞ୍ଜିଆ ମହୋତ୍ସବକୁ ନେଇ ଏବେ ସାରା କରଞ୍ଜିଆ ଅଞ୍ଚଳରେ ଏବେ ଉତ୍ସବମୁଖର ପରିବେଶ। ଚାରିପାଖରେ ଦେଖିବାକୁ ମିଳୁଛି ଆନନ୍ଦ, ଉଲ୍ଲାସ ଓ ସାଂସ୍କୃତିକ ରଙ୍ଗର ଅଦ୍ଭୁତ ମିଶ୍ରଣ। କରଞ୍ଜିଆ ମହୋତ୍ସବ ଅବସରରେ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ବିଭିନ୍ନ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୋହିତ କରୁଛି। ଦୂରଦୂରାନ୍ତରୁ ଆସୁଥିବା ଅତିଥିଙ୍କ ଉପସ୍ଥିତି ଏହି ଉତ୍ସବକୁ ଆହୁରି ରୋମାଞ୍ଚକର କରୁଛି।

ଦ୍ୱିତୀୟ ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ସୁମନ୍ତ ନାୟକ ଯୋଗ ଦେଇଥିଲେ। ସେହିପରି କମିଟିର ଚେୟାରମ୍ୟାନ ଓ ପାଞ୍ଚପିଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, କମିଟିର ଉପଦେଷ୍ଟା ତଥା କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଓ ପୂର୍ବତନ ନଗରପାଳ ଭୁବନ ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତୃତୀୟ ସନ୍ଧ୍ୟା ମଧ ଉତ୍ସବର ଆକର୍ଷଣକୁ ଆହୁରି ବଢ଼ାଇଥିଲା। ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ବାଞ୍ଛାନିଧି ପୃଷ୍ଟି, କରଞ୍ଜିଆ ଅଞ୍ଚଳର ଶ୍ରମିକ ସଭାପତି ଓ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସର ସାଙ୍ଗଠନିକ ସଭାପତି ଭୁବନ ବିହାରୀ ସାହୁ, କରଞ୍ଜିଆ ଏନଏସି ଉପନଗରପାଳ ସ୍ୱରୂପ କୁମାର ପରିଜା, ଭାରତ ଶରୀର ଅଙ୍ଗଦାନ ସମିତିର ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ, କରଞ୍ଜିଆ ଓକିଲ ସଂଘ ସଭାପତି ବିଶ୍ୱଜିତ ଚୌଧୁରୀ, ପୂର୍ବତନ ଓଡିଶା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ରାଇରଙ୍ଗପୁରର ପୁଲିସ ଅଧିକାରୀ ଜୟଦେବ ଜେନା ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ କର୍ଣ୍ଣାର୍ଜୁନ ସାହା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କରଞ୍ଜିଆ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଦଳ ଡିଏମ ପବ୍ଲିକ ସ୍କୁଲ, ଶୋଭନୀୟ ଶିକ୍ଷାଶ୍ରମ, କରଞ୍ଜିଆ ସ୍ପୋର୍ଟ୍ସ କରାଟେ ଏକାଡେମୀ, କବିତା ଡ୍ୟାନ୍ସ ଗ୍ରୁପ, ଚାରୁସ୍ ଏକାଡେମୀ, ନୃତ୍ୟଶ୍ରୀ ଅନୁଷ୍ଠାନ, ଡେଭିଡ ଡ୍ୟାନ୍ସ ଗ୍ରୁପ ଆଦି ଅନେକ ସଂଗଠନର ପିଲାମାନେ ନିଜ ନିଜ ଦକ୍ଷତା ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେମାନଙ୍କର ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ଓ ଅଭିନୟ ସମଗ୍ର ପରିବେଶକୁ ଉତ୍ସାହରେ ଭରିଦେଇଥିଲା। ତୃତୀୟ ସନ୍ଧ୍ୟାରେ କୋରେଇ ବିଧାୟକ ଆକାଶ ଦାସନାୟକ ଓ ଟେଲିଭିଜନର ପ୍ରସିଦ୍ଧ ଖଳନାୟିକା ରାଗିନୀ ଯୋଗ ଦେଇଥିଲେ। ଏଥିସହ ଭୁବନେଶ୍ୱରରୁ ଆସିଥିବା ସାଇନିଂ ଷ୍ଟାର ଏକାଡେମୀ କଳାକାର ଚମତ୍କାର ପ୍ରଦର୍ଶନ ଦ୍ୱାରା ଲୋକଙ୍କୁ ମନମୁଗ୍ଧ କରିଥିଲେ। ସମଗ୍ର କରଞ୍ଜିଆ ଏବେ ମହୋତ୍ସବର ରଙ୍ଗରେ ରଙ୍ଗାଇଯାଇଛି। ଜନସାଧାରଣଙ୍କର ବିପୁଳ ଭିଡ଼ ଓ ଉତ୍ସାହ ଦେଖିଲେ ଏହାର ସଫଳତା ସ୍ପଷ୍ଟ ହେଉଛି।

## ବଡ଼ବିଲ ଆଲୋକୀକରଣ ପାଇଁ ଜଳିଲା ୮୦ ଲାଇଟ୍



ବଡ଼ବିଲ, ୧୨।୪(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌର ପରିଷଦ ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟରେ ୮୦ଟି ଲାଇଟ୍‌କୁ ଆଜି ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଉଦଘାଟନ କରିଛନ୍ତି। ଥାନା ଛକରୁ ପୁରୁଣା ବସଷ୍ଟାଣ୍ଡ, ମଧୁସୂଦନ ଛକ ଯାଏ ୮୦ରୁ ଅଧିକ ଡେକୋରେଟିଭ ଆଲୁଅ ପୁରା ମେନ ରୋଡର ସୁନ୍ଦରତାକୁ ଦ୍ୱିଗୁଣିତ କରିଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ପୌର ଉପାଧ୍ୟକ୍ଷା ସରସ୍ୱତୀ ନାଏକ, କାଉନସିଲର ରଶ୍ମିତା ମହାନ୍ତି, ଶୁଭଶ୍ରୀ ଦେବସ୍ମିତା ପାତ୍ର, ଧରିତ୍ରୀ ହେମ୍ବ୍ରମ, ପ୍ରଶାନ୍ତ ଦାସ, ଦେବଶ୍ରୀ ଗିରି, ମୁଖ୍ୟ କିରାଣି ରାଜେନ୍ଦ୍ର ସିଂ, ପୌରଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସହକାରୀ ଯନ୍ତ୍ରୀ ମାନସ ମାଝୀ, କନିଷ୍ଠ ଯନ୍ତ୍ରୀ ରାକେଶରଶ୍ମି ସାହୁ, ଆକାଉଣ୍ଟାଟ୍ ହରିଶଚନ୍ଦ୍ର ସ୍ୱାଇଁ, ବିଦ୍ୟୁତ୍ ବିଭାଗ ମୁଖ୍ୟ ବିଜୟ ବେହୁରିଆ, ରାଜେନ୍ଦ୍ର ଦାସ, ଅଭିଷେକ ନାୟକ, ଆଶିଷ ମହାନ୍ତି, ତୁଷାରକାନ୍ତ ନାଏକ, ବିଭୂତି ଭୂଷଣ ନାଏକ, ସୁନିଲ ଗୁପ୍ତା, ଜଗବନ୍ଧୁ ମହନ୍ତ, କାଳୀପ୍ରସାଦ ମହାନ୍ତ, ବିନୋଦ ରାୟ, ବିକାଶ ରାୟ, ଅନନ୍ତ ନାଏକ, ପ୍ରକାଶଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଢ଼ୋ ହନୁମାନ କମିଟିର ତୃତୀୟ ବାର୍ଷିକ ଉତ୍ସବ



ଉଦଳା,୧୨।୪(ସମିସ): ରାଢ଼ୋ ହନୁମାନ କମିଟିର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଆରମ୍ଭରେ ଆଚାର୍ଯ୍ୟଙ୍କ ଦ୍ୱାରା ବେଦ ପାଠ ସହ ଏହି ପୁଣ୍ୟ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମୟୂରଭଞ୍ଜ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ ଉପସ୍ଥିତ ହୋଇ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଭଗବତ୍ ଚିନ୍ତା କଲେ ଜୀବନରେ ଶାନ୍ତି ଜରୁରି ବୋଲି ସେ ପ୍ରକାଶ କରିଥିଲେ। କମିଟିର ସଭାପତି ସ୍ମୃତିରଞ୍ଜନ ତ୍ରିପାଠୀ ଓ ସମ୍ପାଦକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କମିଟି ର ସଦସ୍ୟ ବ୍ରିଜେଶ ଦାଶ, ଦିଲ୍ଲିପ ବେହେରା, ସରୋଜ ଦାସ, ରାଜେନ୍ଦ୍ର ଦାସ, ଗୌରୀ ଶଙ୍କର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସଭାପତି ସୂଚନା ପ୍ରଦାନ କରିଥିଲେ। ୧୩ ତାରିଖରେ ଘଟ ଉତ୍ତୋଳନ ଓ ଭଜନ ସନ୍ଧ୍ୟା, ବିଶ୍ୱଶାନ୍ତି ଯଜ୍ଞ, ୧୪ ତାରିଖରେ ହନୁମାନ ଜୟନ୍ତୀ ଓ ଅଷ୍ଟପ୍ରହର ନାମ ଯଜ୍ଞ ଅୟୋଜନ କରାଯିବାର ସୂଚନା ପ୍ରଦାନ କରାଯାଇଛି।

## ନଗରପାଳଙ୍କ ମାତୃ ବିୟୋଗ

ବାରିପଦା,୧୨।୪(ସମିସ): ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ମାତୃ ବିୟୋଗ ଘଟିଛି। ରବିବାର ସକାଳ ୮ଟା ୩୦ରେ ନିଜ ବାସଭବନରେ ମାଆ ସ୍ୱର୍ଗତ ମନୋରମା ମହାନ୍ତି(୯୩) ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ପରୋପକାରୀ, ଧର୍ମପରାୟଣା ଓ ମାତୃବତ୍ସଳ ମହିଳା ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ସଚ୍ଚିଦାନନ୍ଦ, ବଡବୋହୂ ନିବେଦିତା, ସାନପୁଅ କୃଷ୍ଣାନନ୍ଦ, ସାନବୋହୂ ଅରୁଣିମା, ନାତି ଅର୍ଣ୍ଣବ, ଅନବେଶ, ନାତୁଣୀ ନେହା ମହାନ୍ତି ଉପସ୍ଥିତ ଥିଲେ। ବାରିପଦାର ବାରୁଣୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ମହୁଲଡିହାରେ ଅଷ୍ଟପ୍ରହର ନାମଯଜ୍ଞ

ମହୁଲଡିହା,୧୨।୪(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହାରେ ଶ୍ରୀଶ୍ରୀ ନିତାଇ ଗୌରଙ୍କ ୭ମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏହି ନାମଯଜ୍ଞ ଶାସ୍ତ୍ରମତ ଅନୁଯାୟୀ ୧୨ ତାରିଖ ଅଙ୍କୁରାରୋପଣ କରି ସ୍ଥାନୀୟ ବିଶେଶ୍ୱର ମନ୍ଦିରର ପୂଜକ ପ୍ରଶାନ୍ତ ପତି ଓ କଣ୍ଟିପାଳ ଗ୍ରାମର ବାବା ଧନେଶ୍ୱର ଦାସଙ୍କ ପୌରୋହିତ୍ୟରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ୧୩ ତାରିଖ ସୋମବାର ନଗର ଭ୍ରମଣ କରି ସମାପନ ହେବ। ଏହି ନାମଯଜ୍ଞରେ କଣ୍ଟିପାଳ, ଖୁଦିଶିଳା ଓ ବାଲିଘାଟ ଗ୍ରାମର ତିନୋଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଛନ୍ତି। ମୁରଲୀଧର ନାୟକଙ୍କ ବଡ଼ପୁଅ ସତ୍ୟବାନ କର୍ତ୍ତା ଭାବେ ନିଜ ପରିବାର ଓ ଗ୍ରାମବାସୀଙ୍କ କଲ୍ୟାଣ ପାଇଁ ନାମଯଜ୍ଞର ଆୟୋଜନ କରିଛନ୍ତି।



### ବାଲି ମାଫିଆଙ୍କ ହବ୍ ପାଲଟିଛି ଶାମାଖୁଣ୍ଟା ତହସିଲ ଅଞ୍ଚଳ

# ୮ଟି ବେଆଇନ ଘାଟରୁ ଦୈନନ୍ଦିନ ଉଠୁଛି ୪୦୦ ଟ୍ରିପ୍ ବାଲି

ବାରିପଦା,୧୨।୪(ସମିସ)

ବାରିପଦା ସହର ସନ୍ନିକଟ ଶାମାଖୁଣ୍ଟା ତହସିଲ ଅଞ୍ଚଳ ସମ୍ପ୍ରତି ବାଲିମାଫିଆଙ୍କ ହବ୍ ପାଲଟିଛି। ଏନଜିଟି କଟକଣା ପାଇଁ ଜିଲ୍ଲାରେ ସମସ୍ତ ବାଲି ସଇରାତ ସରକାରୀ ଭାବେ ବନ୍ଦ ପଡ଼ିଥିବାରୁ ଚୋରା ବାଲିରେ ବର୍ତ୍ତମାନ ମୁନାଫା ଅଧିକ। ବାରିପଦା ସହର ଓ ଆଖପାଖ ଅଞ୍ଚଳର ନିର୍ମାଣ କାର୍ଯ୍ୟ ପାଇଁ ଶାମାଖୁଣ୍ଟା ତହସିଲ କାର୍ଯ୍ୟାଳୟ ଅଧୀନ ବୁଢ଼ାବଳଙ୍ଗ ନଦୀର ୮ଟି ବେଆଇନ ଘାଟରୁ ଦିନରାତି ବାଲି ଉତ୍ତୋଳନ ସହିତ ଚୋରାଚାଲାଣ ହେଉଛି। ଶାମାଖୁଣ୍ଟା ବ୍ଲକ୍‌ରେ ଥାନା କିମ୍ବା ଫାଣ୍ଡି ନ ଥିବାବେଳେ ତହସିଲ କାର୍ଯ୍ୟାଳୟର ସମୟ ସୀମା ଛାଡିଦେଲେ ଖୁଲମଖୁଲା ଚାଲିଛି ବାଲି ଚୋରାଚାଲାଣ। ଖାଲି ଯେ ଚୋରା ଚାଲାଣ ଚାଲିଛି ତାହା ନୁହେଁ, ରାତିରେ ଜେସିବି ବାଲି ଗଦା କରୁଥିବାବେଳେ ରାତି ସାରା ଟ୍ରାକ୍ଟରରେ ବୋହି ନେଉଛନ୍ତି ବାଲି ମାଫିଆ। କାଳେ ପୁଲିସ, ରାଜସ୍ୱ ବିଭାଗ ଓ ଖଣି ବିଭାଗ ଦେଖିଦେବେ ସେଥିପାଇଁ ଏହି ଅଞ୍ଚଳକୁ ଲାଗି ରହିଥିବା ଅଞ୍ଚଳରେ ବେଆଇନ ଭାବେ ଗଚ୍ଛିତ ହୋଇ ରହିଛି ଶହ ଶହ ବର୍ଗଫୁଟର ବାଲି। ସବୁ ଦେଖି, ସବୁ ଜାଣି ଜିଲ୍ଲା ଖଣି ବିଭାଗ, ତହସିଲ କାର୍ଯ୍ୟାଳୟ ଓ ପୁଲିସ ଜାଣି ଅଜଣା ରହିଛି।

ଗୋଟିଏ ସଇରାତରୁ ଦୈନିକ ୪ ଲକ୍ଷରୁ ୫ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଥିବାବେଳେ ଜାଣି ଅଜଣା ରହିଛି ପ୍ରଶାସନ। ତେବେ ପୁଲିସ ପକ୍ଷରୁ ଜିଲ୍ଲାର ଅନ୍ୟ ସ୍ଥାନରେ ନିୟମିତ ଭାବେ ବେଆଇନ ବାଲିଘାଟ, ଚାଲାଣ ଓ ମହଜୁଦ ବାଲି ଗଦା ଉପରେ ଚଢ଼ଉ କରାଯାଉଥିବାବେଳେ ଶାମାଖୁଣ୍ଟା ତହସିଲ ଅଞ୍ଚଳ ପ୍ରତି କାହାର ନଜର ନାହିଁ। କାରଣ ସରକାରୀ ଭାବେ ଆମ୍ବତୁବି, ଝିଙ୍କପାଳ, ବଜ୍ରତୁଣ୍ଡି, ପାଇକବସା, ପାଣ୍ଡୁରା, ଟିକରପଡା, ମହୁଲିଆ ଓ ଇଟାମୁଣ୍ଡିଆ ୮ଟି ବାଲିଘାଟ ଜିଲ୍ଲା ସର୍ଭେ ରିପୋର୍ଟର ତାଲିକାରେ ନାହିଁ।



**ଗୋଟିଏ ସଇରାତରୁ ରାଜସ୍ୱ କ୍ଷତି ୪ ଲକ୍ଷ**

**ବୁଢ଼ାବଳଙ୍ଗରେ ଗର୍ଜୁଛି ଜେସିବି, ଦୌଡୁଛି ଟ୍ରାକ୍ଟର**

ନୂଆ କରି ଏଠାରୁ ବାଲି ଉଠାଣ ହେଉଥିବାବେଳେ ପ୍ରତିଦିନ ୪୦୦ ଟ୍ରିପରୁ ଅଧିକ ବାଲି ଟ୍ରାକ୍ଟରରେ ନିଆଯାଇ ନିକଟସ୍ଥ ଗାଁରେ ଗଚ୍ଛିତ କରାଯାଉଛି। ବାରିପଦା ସଦର ଓ କୁଳିଅଣା ପୁଲିସ, ଶାମାଖୁଣ୍ଟା ତହସିଲଦାର ଏ ନେଇ ଅବଗତ ରହିଥିବାବେଳେ ଜାଣି କିପରି ଅଜଣା ରହିଛି ତାହାକୁ ନେଇ ନାନା ପ୍ରଶ୍ନ ଉଠିଛି।

ସବୁଠୁ ବଡ଼ କଥା ହେଲା ଗାଁ ମୁରବୀ, ସାହି କମିଟି ଓ ମନ୍ଦିର କମିଟିକୁ ପଇସା ଦେଇ ଏହି ଲୁଟତରାଜ ଚାଲିଛି। ଏହି କମିଟିଗୁଡିକୁ ମାସିକିଆ ଓ ବର୍ଷିକିଆ ଭାବେ ଲକ୍ଷାଧିକ ଟଙ୍କା ଦେଇ ବାଲି ଚୋରା ଚାଲାଣ କରାଯାଉଥିବାବେଳେ ଏହା ଦେଖି ସ୍ଥାନୀୟ ରାଜସ୍ୱ କର୍ମଚାରୀ ଚୁପ ବସିଛନ୍ତି। ବାଲି ମାଫିଆଙ୍କ ୱାଟସଆପ ଗ୍ରୁପ, ସ୍ୱିପର ସେଲ ଓ ଥାନା ଜଗୁଆଳ ପ୍ରମୁଖ ଭୂମିକା ନେଉଛନ୍ତି। ପ୍ରତି ସରକାରୀ କାର୍ଯ୍ୟାଳୟ ବାହାରେ ମାଫିଆଙ୍କ ଲୋକ ବସି ରହୁଥିବାବେଳେ ଗତିବିଧିର ସବିଶେଷ ତଥ୍ୟ ନିମିଷକ ମଧ୍ୟରେ ୱାଟସଆପ୍ ଗ୍ରୁପରେ ପହଞ୍ଚିଯାଉଛି। ଖବର ପାଉ ପାଉ ଘଟଣାସ୍ଥଳରୁ ଚମ୍ପଟ ମାରୁଛନ୍ତି ମାଫିଆ। ୮ଟି ବାଲି ଖାଦାନରୁ ଦୈନିକ ୪/୫ ଲକ୍ଷ ଟଙ୍କା ହିସାବରେ ମାସିକ ୧ କୋଟି ଟଙ୍କାରୁ ଅଧିକ ରାଜସ୍ୱ ସରକାର ହରାଉଛନ୍ତି।

ଅପରପକ୍ଷରେ ବୁଢ଼ାବଳଙ୍ଗ ନଦୀର ଉପର ମୁଣ୍ଡରେ ନଦୀଶଯ୍ୟା ଖନନ ପାଇଁ ତଳମୁଣ୍ଡକୁ ନଦୀପାଣି ପ୍ରବାହ ବନ୍ଦ ଆଶଙ୍କା ସୃଷ୍ଟି କରିଛି। ଜିଲ୍ଲା ପୁଲିସ ପକ୍ଷରୁ ବିଶେଷ ଚଢ଼ଉ ଅଭିଯାନରେ ଦେଢମାସ ମଧ୍ୟରେ ୧୭୮ଟି ମାମଲା ପଞ୍ଜିକୃତ ହୋଇଛି। ଏହି ଅଭିଯାନରେ ବିଭିନ୍ନ ଥାନା ଅଧୀନରେ ୬୦ଟି ଟ୍ରାକ୍ଟର, ୧୮ଟି ହାଇୱା-ଡମ୍ପର ଓ ୧୬ଟି ଟିପର-ମିନି ଟ୍ରକ୍ ଜବତ କରାଯାଇଛି। କିନ୍ତୁ ଶାମାଖୁଣ୍ଟାର ବାଲିଖାଦାନ ଉପରେ ଅଙ୍କୁଶ ଲାଗୁନି। ଏ ନେଇ ଜିଲ୍ଲାପାଳ ହେମକାନ୍ତ ସେଏ କହିଛନ୍ତି, ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ରୋକିବାକୁ ଖଣି ବିଭାଗ, ଏଡିଏମ (ରାଜସ୍ୱ) ଓ ସ୍ଥାନୀୟ ପୁଲିସକୁ ସ୍ୱତନ୍ତ୍ର ଦାୟିତ୍ୱ ଦେଇଛୁ। ଆମେ ଏ ନେଇ ଶୂନ୍ୟ ସହନଶୀଳ ନୀତି ଆପଣେଇଛୁ। ପୁଲିସ ସହଯୋଗରେ କାର୍ଯ୍ୟାନୁଷ୍ଠାନ ନେଉଛୁ ବୋଲି କହିଛନ୍ତି।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଓଡ଼ିଆ ପକ୍ଷ



ଉଦଳା,୧୨।୪(ସମିସ): ଉଦଳା ବ୍ଲକ ଅଧୀନସ୍ଥ କୁଣ୍ଡାବାଇସ୍ଥ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଓଡ଼ିଶାର ବରପୁତ୍ର "କ୍ରାନ୍ତିକାରୀ ସାରସ୍ୱତ ସ୍ରଷ୍ଟା ଫକୀର ମୋହନ ସେନାପତି' ଶୀର୍ଷକରେ ଏକ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନ୍ତଳା କୁମାରୀ ସାବତ ସରକାରୀ ମହିଳା ମହାବିଦ୍ୟାଳୟ ବାଲେଶ୍ୱରର ସହକାରୀ ପ୍ରଫେସର ରାଜକିଶୋର ପଣ୍ଡିତ ଯୋଗଦେଇ ଓଡିଆ ଭାଷା ନିମନ୍ତେ ଫକୀରମୋହନ ସେନାପତିଙ୍କ ନିରନ୍ତର ଉଦ୍ୟମ ସହ ତାଙ୍କ ଦ୍ୱାରା ରଚିତ ବିଭିନ୍ନ କାଳଜୟୀ ଲେଖା କିଭଳି ଜନମାନସକୁ ବୁଦ୍ଧିମନ୍ତ କରିଥିଲା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ କପ୍ତିପଦା ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପିକା ଅବନ୍ତୀ ଷଡଙ୍ଗୀ ଯୋଗ ଦେଇ କିଭଳି ଆମ ଛାତ୍ରଛାତ୍ରୀ ତଥା ଯୁବପିଢ଼ି ଓଡ଼ିଆ ଭାଷାକୁ ଆଦର କରିବେ ଓ ଯେଉଁ ସମସ୍ତ ବରପୁତ୍ରଙ୍କ ପ୍ରଚେଷ୍ଟାରେ ଓଡିଶା ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ହୋଇଥିଲା, ତାହା ଯେଭଳି ଅକ୍ଷୁଣ୍ଣ ରହିବ ତାହା ଆଜିର ଯୁବପିଢ଼ି ତଥା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ନିଜ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅକ୍ଷୟ କୁମାର ଗିରି ସଭାପତିତ୍ୱ କରି ଫକୀରମୋହନ ସେନାପତିଙ୍କ ବିଭିନ୍ନ ପ୍ରକାର ଲୋକପ୍ରିୟ ପୁସ୍ତକ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଉକ୍ତ ଆଲୋଚନା ଚକ୍ର ରେ ଯୋଗଦେଇ ଫକୀରମୋହନ ସେନାପତି କିଭଳି ନିଜର କଲମ ଚାଳନା କରି ଓଡିଶାର ନିଛକ ପ୍ରତିଛବି ଅବତାରଣା କରିଥିଲେ। ଏଥିସହିତ ଭାଷାଭିତ୍ତିକ ରାଜ୍ୟ ଗଠନରେ ତାଙ୍କର ଅବଦାନ ଅତୁଳନୀୟ ସେ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଡ. ଅଜିତ କୁମାର ମହାପାତ୍ର ବିଷୟ ବସ୍ତୁର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ମିନାକ୍ଷୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ନାତକୋତ୍ତର ଛାତ୍ର ଅନୁପମ ପ୍ରଧାନ ଫକୀରମୋହନ ସେନାପତିଙ୍କ ଉପରେ ନିଜର ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ।

## ମୁଣ୍ଡାରୀ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ଗ୍ରାମବାସୀଙ୍କ ବୈଠକ



ବାରିପଦା/ସାନକେରକୋ, ୧୨।୪ (ସମିସ): ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ଓ ମୁଣ୍ଡାରୀ ଭାଷାର ସମ୍ମାନର ସୁରକ୍ଷା ନିମନ୍ତେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ମୁଣ୍ଡାରୀ ବିଦ୍ୟାଳୟ ଖୋଲାଯାଇ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷାରେ ଶିକ୍ଷାଦାନ କରାଯାଉଛି। ବଡ଼ସାହି ବ୍ଲକ ଅନ୍ତର୍ଗତ ଯଦୁନାଥପୁର ପଞ୍ଚାୟତର ଚନ୍ଦନଚଟୁରିସ୍ଥ ଉଲଗୁଲାନ୍ ମୁଣ୍ଡାରୀ ବିଦ୍ୟାଳୟରେ ଗ୍ରାମବାସୀଙ୍କୁ ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ପର୍ଯ୍ୟବେକ୍ଷକ ଶଶୀଧର ସିଂ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ମୁଣ୍ଡାରୀ ବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ଗ୍ରାମବାସୀଙ୍କ ସହଯୋଗ ଆବଶ୍ୟକ। ଗ୍ରାମର ସମସ୍ତ ପିଲାଙ୍କୁ ଉକ୍ତ ମୁଣ୍ଡାରୀ ବିଦ୍ୟାଳୟରେ ନାମ ଲେଖାଇ ପ୍ରତ୍ୟେକ ରବିବାର ପାଠ ପଢିବା ପାଇଁ ପଠାଇବା, ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ମୁଣ୍ଡାରୀ ଭାଷାର ବାର୍ଷିକ ପରୀକ୍ଷାରେ ଅଂଶଗ୍ରହଣ କରି ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦିଆଯାଇଛି। ଏହି ମୁଣ୍ଡାରୀ ବାନି ବିଦ୍ୟାଳୟରେ ପଢା ଯାଉଥିବା ପାଠ୍ୟକ୍ରମରେ ମୁଣ୍ଡା ସମ୍ପ୍ରଦାୟର ସଂସ୍କୃତି, ପରମ୍ପରାକୁ ଗୁରୁତ୍ୱ ଦିଆଯାଇଛି। ଏଣୁ ଏହା ସମସ୍ତଙ୍କ ପଢିବା ଓ ଶିଖିବା ଅତ୍ୟନ୍ତ ଜରୁରୀ ବୋଲି ସମସ୍ତେ ମତ ଦେଇଥିଲେ। ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା, ଚଳିତବର୍ଷ ହେବାକୁ ଥିବା ଜନଗଣନାରେ ଜାତି, ମାତୃଭାଷା ଓ ଧର୍ମ ସମ୍ବନ୍ଧରେ ସଠିକ ତଥ୍ୟ ପ୍ରଦାନ କରିବା, ଗଣନାକାରୀଙ୍କୁ ମାତୃଭାଷା ମୁଣ୍ଡାରୀ ବୋଲି ଲିପିବଦ୍ଧ କରାଇବା, ମୁଣ୍ଡାରୀ ବିଦ୍ୟାଳୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଗ୍ରାମବାସୀଙ୍କ ସର୍ବସମ୍ମତିକ୍ରମେ କୁଞ୍ଜଲତା ସିଂଙ୍କୁ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ଚୟନ କରି ଦାୟିତ୍ୱ ଅର୍ପଣ କରାଗଲା। ଏ ଅବସରରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ଶ୍ୟାମାଖୁଣ୍ଟା ବ୍ଲକ ୪୯ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଇଂ ସୋମନାଥ ସିଂ, ଯଦୁନାଥପୁର ନାଏବ ସରପଞ୍ଚ ଶ୍ରୀକାନ୍ତ ସିଂ, ଗଣେଶ୍ୱର ସିଂ, ଶୁଭମଣି ସିଂ, ବୁଧୁନି ସିଂ ଓ ସିବିଏଲ ଯୁବକ ସଙ୍ଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଗହଣ୍ଡିଆ ଗ୍ରାମରେ ୧୬ ପ୍ରହର ନାମଯଜ୍ଞ

ଠାକୁରମୁଣ୍ଡା,୧୨।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତାଳପଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗହଣ୍ଡିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ମାସ ୨୫ ଦିନ ଇଂରାଜୀ ୮ ତାରିଖ ବୁଧବାର ଦିନ ଆରମ୍ଭ ହୋଇ ଶନିବାର ଦିନ ନାମଶେଷ ହୋଇଛି। ଏଥିରେ ପାଞ୍ଚଟି ନାମ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ମୟୁରଭଞ୍ଜ ଜିଲ୍ଲାର ଡକେଇପାଳ, ଲକ୍ଷ୍ମୀପୋଷି ଓ ଗହଣ୍ଡିଆ ଦଳ ଯୋଗ ଦେଇଥିବାବେଳେ କେନ୍ଦୁଝର ଜିଲ୍ଲାର କୋଳିପୋଷି ଓ ନେଲୁନ ଦଳ ସାମିଲ ହୋଇଥିଲେ। ଗହଣ୍ଡିଆ ଗ୍ରାମବାସୀଙ୍କ ସହଯୋଗରେ ଏହି ନାମ ସଂକୀର୍ତ୍ତନ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ ହୋଇଥିଲା।



### ସୁହୁରିଆ-ବରୁଆଁ ରାସ୍ତା ଅଧପନ୍ତରିଆ।

# ରାସ୍ତାରେ ଯିବାକୁ ଭୟ କରୁଛନ୍ତି ଅଞ୍ଚଳବାସୀ

ଶରତ/ଆନନ୍ଦପୁର, ୧୨।୪(ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତଥା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ ପଞ୍ଚାୟତରେ ସୁହୁରିଆଠାରୁ ବରୁଆଁ ୭ କି.ମି ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଶୀଘ୍ର ଉକ୍ତ ରାସ୍ତା କାମ ଶେଷ କରିବାକୁ ଦାବି ହେଉଛି।

ସୂଚନା ମୁତାବକ, ୨୦୨୪ ଫେବୃଆରୀ ୨୮ ତାରିଖରେ ତତ୍କାଳୀନ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ କରକମଳରେ ଏହି ରାସ୍ତା ପ୍ରକଳ୍ପ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ଉଦଘାଟନ କରାଯିବାର ୧୯ ମାସ ପରେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା କାରଣରୁ ବାଉଁଶଗଡ ପଞ୍ଚାୟତବାସୀ ତାଙ୍କ ଗ୍ରାମର ଉଚ୍ଚଶିକ୍ଷିତ ଯୁବକ ପିଣ୍ଟୁ ହେମ୍ବ୍ରମଙ୍କ ନେତୃତ୍ୱରେ ୨୦୨୫ ସେପ୍ଟେମ୍ବର ୨୬ ତାରିଖ ଦିନ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ଦାବି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ୧୫ ଦିନ ମଧ୍ୟରେ ହିଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗ ୩ ମାସ ରାସ୍ତା ନିର୍ମାଣ କାର୍ଯ୍ୟ କରିବା ପରେ ଏବେ ପୁଣି ଥରେ ଶୋଇ ପଡିଛନ୍ତି। ବର୍ତ୍ତମାନ, ଏହି ରାସ୍ତାଟି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବାରୁ ସାଧାରଣ ଜନତା ଯାତାୟାତରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କାଳବୈଶାଖୀ ବର୍ଷା ଦ୍ୱାରା ଏହି ଅଧାପନ୍ତରିଆ ରାସ୍ତା କାଦୁଅ ହୋଇଯାଉଛି। ରାସ୍ତା କାଦୁଅ ହେବା କାରଣରୁ ଗ୍ରାମକୁ ଆମ୍ବୁଲାନ୍ସ ପଶିପାରୁନାହିଁ। ଗର୍ଭବତୀ ମହିଳା ଘରେ ପ୍ରସବ କରୁଛନ୍ତି। ଗମନାଗମନର ଅସୁବିଧା ଉପୁଜିଥିବାରୁ କେହି ଜ୍ୱର ହେଲେ ଚିକିତ୍ସା ପାଇଁ ଡାକ୍ତରଖାନା ନ ଯାଇ ପାରି ସୁସ୍ଥ ହେବା ଉଦ୍ଦେଶ୍ୟରେ କୁକୁଡ଼ା, ଛେଳି ଓ ମେଣ୍ଢା ବଳି ଦେଇ ପୂଜା କରୁଛନ୍ତି। ରାସ୍ତା ଖରାପ ଯୋଗୁଁ ରାସ୍ତା ଉପରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ପଞ୍ଚାୟତର ବଡନାଳ ଉପରସାହିରେ ପାନୀୟ ଜଳର ସମସ୍ୟା ରହିଛି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ନଳକୂପ ଖନନ ଗାଡ଼ି ଗ୍ରାମ ଭିତରକୁ ପଶି ପାରୁନାହିଁ। ତେଣୁ ନଳକୂପ ଖୋଳିବା ଆମ ପକ୍ଷରେ ସମ୍ଭବ ହୋଇପାରୁନାହିଁ ବୋଲି କେନ୍ଦୁଝର ଜିଲ୍ଲା ପାନୀୟଜଳ ବିଭାଗ ଯନ୍ତ୍ରୀ କହିଛନ୍ତି। ବାଉଁଶଗଡ ଗ୍ରାମବାସୀ ଓ ବରକୋଟି ଯାତ୍ରୀଙ୍କ ଜୀବନ ସହିତ ଚକାଭଉଁରୀ ଖେଳୁଛି କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ।



**କାମ ଶେଷ କରାଯିବାକୁ ଦାବି**

ଏଥିସହିତ ଏହି ରାସ୍ତା ଆନନ୍ଦପୁର ଉପଖଣ୍ଡର ଐତିହାସିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ପର୍ଯ୍ୟଟନ ସ୍ଥଳୀ ମା' ବରକୁଟିଙ୍କ ମନ୍ଦିରକୁ ଯିବାର ଏକମାତ୍ର ରାସ୍ତା ହୋଇ ଥିବାବେଳେ ଶୋଚନୀୟ ରାସ୍ତା ଯୋଗୁଁ ମା'ଙ୍କ ଦର୍ଶନ ପାଇଁ ଆକୁଳ ବ୍ୟାକୁଳ ହେଉଥିବା ଭକ୍ତଙ୍କୁ କାଦୁଅ ପଚପଚ ରାସ୍ତାରେ ଯାତ୍ରା କରିବା ପାଇଁ ପଡୁଛି। ଆନନ୍ଦପୁର ଫକୀରମୋହନ ବସଷ୍ଟାଣ୍ଡଠାରୁ ମୟୂରଭଞ୍ଜ ଠାକୁରମୁଣ୍ଡା ରାସ୍ତାରେ ୭ କି.ମି ପରେ ପଡିବ ବାଂଖିଡି ଛକ। ସେଠାରୁ ଡାହାଣକୁ ୪ କି.ମି ଗଲେ ପଡିବ କରକୁଟି ପାହାଡ଼। ପାହାଡ଼ ଶୀର୍ଷରେ ରହିଛି ମା' ବରକୁଟିଙ୍କ ମନ୍ଦିର। ଏହି ପର୍ଯ୍ୟଟନ ସ୍ଥଳ ହଦଗଡ଼ ହସ୍ତୀ ଅଭୟାରଣ୍ୟ ଓ ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟର ସଂଯୋଗ ସ୍ଥଳ। ଏହି ପର୍ଯ୍ୟଟନ ସ୍ଥଳ ନିକଟସ୍ଥ ଘଞ୍ଚ ଜଙ୍ଗଲରେ ମଧ୍ୟରେ ରହିଛି ଚନ୍ଦନେଶ୍ୱର ମହାଦେବ ମନ୍ଦିର ରହିଛି। ଉପଖଣ୍ଡର ଦୁଇ ଦୁଇ ଗୋଟି ମନ୍ଦିରକୁ ଯିବା ପାଇଁ ଉଦ୍ଦିଷ୍ଟ ଥିବା ଏହି ରାସ୍ତାକୁ ଅଧପନ୍ତରିଆ ହୋଇ ରଖାଯିବା ଦୁର୍ଭାଗ୍ୟଜନକ। ବର୍ତ୍ତମାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର(ଆନନ୍ଦପୁର) ଜିଲ୍ଲା ଗସ୍ତରେ ରହିଛନ୍ତି ତେଣୁ ତାଙ୍କର ଏହି ଗସ୍ତ କାଳରେ ସେ ରାସ୍ତା ପ୍ରକଳ୍ପକୁ ନେଇ ଉପୁଜିଥିବା ସମସ୍ୟା ସଂପର୍କରେ ହସ୍ତକ୍ଷେପ କରି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଦିଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିବାକୁ ଉଚ୍ଚ ଶିକ୍ଷିତ ଯୁବକ ପିଣ୍ଟୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛନ୍ତି। କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀଙ୍କ ସମେତ ଯନ୍ତ୍ରୀ ଏବଂ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି ବୋଲି ସଂଗ୍ରାମୀ ଆଦିବାସୀ ନେତା ଗାମାଏ ରୀମିଲ ସିଂ ଗୋଇପାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବନ୍ଦ ହୋଇ ଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୭ ଦିନ ମଧ୍ୟରେ ନ ଆରମ୍ଭ କରାଗଲେ ଶ୍ରୀ ଗୋଇପାଇ କଟକସ୍ଥ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ବିରୋଧରେ ଜନସ୍ୱାର୍ଥ ମାମଲା ଦାୟର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ



ବାରିପଦା, ୧୨।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରଫେସର ବେହେରା ଓଡ଼ିଶା ପାଇଁ ବରପୁତ୍ରଙ୍କ ଅବଦାନ ଓ ସବୁ ସମୟର ଆହ୍ୱାନରେ ବରପୁତ୍ରମାନେ ଜନ୍ମ ନିଅନ୍ତି ବୋଲି କହିଥିଲେ। ପ୍ରଶାସନିକ ମୁଖ୍ୟ ଡ ପ୍ରିୟବ୍ରତ ବେହେରା ଯୋଗଦେଇ ମୟୂରଭଞ୍ଜ ପାଇଁ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସୁରେଶ ପାତ୍ର ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୃଷ୍ଠଭୂମିରେ ଉତ୍କଳର ବରପୁତ୍ରଙ୍କ ଅବଦାନକୁ ଆଲୋକପାତ କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଡ ସିଦ୍ଧେଶ୍ୱର ପଣ୍ଡା ଉତ୍କଳ ମାଟି ସବୁ ରାଜ୍ୟଠାରୁ କିପରି ସ୍ୱତନ୍ତ୍ର ତାହାକୁ ପ୍ରକାଶ କରିଥିଲେ। ଓଡ଼ିଆ ପକ୍ଷର ସଂଯୋଜକ ଡ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଓଡ଼ିଆ ପକ୍ଷ ପାଳନର ମହତ୍ତ୍ୱ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯଶସ୍ୱୀ ସ୍ରଷ୍ଟାଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମରେ ଗବେଷକ ତୋଷବନ୍ତ ମେହେର, ଛାତ୍ରୀ ହେମଲତା, ଗାୟତ୍ରୀ, ସାଲମି, ଛାତ୍ର ଗୌତମ ପ୍ରମୁଖ ଗଙ୍ଗାଧର ମେହେର, ଫକୀରମୋହନ ସେନାପତି, ରାଧାନାଥ ରାୟ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସଙ୍କୁ ସ୍ମରଣ କରି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ସହସଂଯୋଜକ ଡ. ଦୟାନିଧି ପରିଡ଼ା କରିଥିବାବେଳେ ଛାତ୍ରୀ ଗୀତାଞ୍ଜଳି, ପ୍ରିୟଦର୍ଶନୀ, ଦେବବ୍ରତ, ବିଭୀଷଣ, ଦେବାଶିଷ, ଭବାନୀ ଶଙ୍କର, ରବିନ୍ଦ୍ର, ଧନଞ୍ଜୟ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଡ. ଧନଞ୍ଜୟ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରୈମାସିକ ସାହିତ୍ୟ ପତ୍ରିକା 'ସ୍ୱପ୍ନଦୀପ' ଉନ୍ମୋଚିତ



**କାଳିପଦା,୧୨।୪(ସମିସ):** ଭୋଗରାଇ ବ୍ଲକ୍ ଖରିଦଚକ ଶ୍ରୀମା ଶ୍ରୀଅରବିନ୍ଦ ସାଧନାକେନ୍ଦ୍ରର ୪୯ତମ ବାର୍ଷିକ ଉତ୍ସବରେ ଓଡ଼ିଶାର ସମ୍ଭ୍ରାନ୍ତ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ତୃତୀୟ ବର୍ଷ ତୃତୀୟ ସଂଖ୍ୟା ରବିବାର ଉନ୍ମୋଚିତ ହୋଇଥିଲା। ଶ୍ରୀମା ଶ୍ରୀଅରବିନ୍ଦ ଦର୍ଶନର ବିଶିଷ୍ଟ ବକ୍ତା ସୁବାସ ଦାସ, ଶିକ୍ଷକ ନେତା ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅନୁଗାମୀ ଇନ୍ଦୁମାଧବ ମହାନ୍ତି, ଜଳେଶ୍ୱର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ କୁମାର ଦେ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରୁହାବୃତ୍ତିର ଅଧ୍ୟକ୍ଷ ଶ୍ରୀକାନ୍ତ ଜେନା, ଶ୍ରୀମା ଶ୍ରୀଅରବିନ୍ଦ ସାଧନାକେନ୍ଦ୍ରର ବିଶିଷ୍ଟ ସାଧକ ଲମ୍ବୋଦର ଦେ, ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରେ ରହି ସାଧନାରତ ସର୍ବେଶ୍ୱର ପାତ୍ର, ଅଧ୍ୟାପିକା ସୁଷମା ପଟ୍ଟନାୟକ, ବିକାଶ, ଦୟାନିଧି ପ୍ରମୁଖ ମିଳିତ ଭାବେ ଉନ୍ମୋଚନ କରିଥିଲେ। ସ୍ୱପ୍ନଦୀପ ପତ୍ରିକାର ମୁଖ୍ୟ ସମ୍ପାଦକ ଡ଼ଃ କାଳୀକିଙ୍କର ଶ୍ରୀମା ଅରବିନ୍ଦଙ୍କ ଦର୍ଶନ ଓ ସାହିତ୍ୟ ସାମ୍ପ୍ରତିକ ବିଶ୍ୱପାଇଁ ଅତ୍ୟନ୍ତ ଉପାଦେୟ ତଥା ଏହି ଦର୍ଶନ ଓ ସାହିତ୍ୟର ମୂଲ୍ୟାୟନ ଦିଗରେ ସ୍ୱପ୍ନଦୀପ ଆଜି ଓଡ଼ିଶାରେ ସଫଳ ପ୍ରୟାସ କରୁଛି ବୋଲି କହିଥିଲେ। ଏହି ସମାରୋହରେ ସ୍ୱପ୍ନଦୀପ ପତ୍ରିକାର ସମ୍ପାଦିକା ସୌଭାଗିନୀ ମିଶ୍ର ସ୍ୱପ୍ନଦୀପ କେମିତି ସବୁ ବର୍ଗର ଲେଖକ ଓ ପାଠକଙ୍କର ପ୍ରିୟ ହୋଇପାରିଛି ତା' ଉପରେ ଆଲୋଚନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ଲେଖକ, ପାଠକ ଓ ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀ ଯୋଗ ଦେଇଥିଲେ।

# ସମାଜସେବୀ ପ୍ରମଥ ନାଥ ଜେନାଙ୍କ ପରଲୋକ

**କାଳିପଦା,୧୨।୪(ସମିସ):** ବାଲିଆପାଳ ବ୍ଲକ୍ ଜାମକୁଣ୍ଡା ଗ୍ରାମର ପ୍ରମଥ ନାଥ ଜେନାଙ୍କ ପରଲୋକ ଘଟିଛି। ଶ୍ରୀ ଜେନାଙ୍କ ମୃତ୍ୟୁବେଳକୁ ୯୬ ବର୍ଷ ବୟସ ହୋଇଥିଲା। ଶ୍ରୀ ଜେନା ୧୯୩୩ ମସିହାରେ ଜନ୍ମଲାଭ କରିଥିଲେ। ସେ ଜଣେ ଧର୍ମପ୍ରାଣ, ମେଳାପୀ, ସାହିତ୍ୟିକ, କବି, କର୍ତ୍ତବ୍ୟନିଷ୍ଠ ଏବଂ ବିଭିନ୍ନ ଢଗ ଢମାଳିରେ ପାରଙ୍ଗମ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ଜେନାଙ୍କ ବିୟୋଗ ହେବା ଖବର ଶୁଣି ବାଲିଆପାଳ ବ୍ଲକ୍ କଂଗ୍ରେସ ସଭାପତି ମୁରଲୀମୋହନ ସାହୁ, ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ, ଚକ୍ରଧର ସାହୁ, ଜାମକୁଣ୍ଡା ସରପଞ୍ଚ କାଞ୍ଚନ ବାଳା ମାହାନା, ପଙ୍କଜ କୁମାର ସାହୁ, ଜଗନ୍ନାଥ ମାହାନା, ବିନୋଦ ବିହାରୀ ଜେନା, ବିଜୟ କୁମାର ଗିରି, ସଞ୍ଜୟ କୁମାର ସାହୁ, ଅଜୟ ସେନାପତିଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜ୍ଞାନୀ ଗୁଣୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶ୍ରୀ ଜେନାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁତ୍ର ତପନ କୁମାର ଜେନା, ବିଜନ କୁମାର ଜେନା, ନିର୍ଜନ କୁମାର ଜେନା, ରଞ୍ଜନ କୁମାର ଜେନା, ଝିଅ ନିବେଦିତା ଜେନା, ବିସ୍ମିତା ଜେନା ଉପସ୍ଥିତ ଥିଲେ। ଶ୍ରୀ ଜେନାଙ୍କ ଶବ ନିଜଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିବାବେଳେ ବଡ଼ପୁତ୍ର ମୁଖାଗ୍ନି ଦେଇଥିଲେ।



# ଚଳଚଞ୍ଚଳ ଶୈବପୀଠ: ସରିଲା ନୀଳପର୍ବ; ଉଠିଲା ଥମ୍ଭିକାଠ

କାଳିପଦା,୧୨।୪(ସମିସ)



ବାଲିଆପାଳ ବ୍ଲକ୍‌ର ବିଭିନ୍ନ ଶୈବ ପୀଠରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରବିବାର ଅପରାହ୍ଣରେ ନୀଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ମହାଆଡମ୍ବର ସହକାରେ ଥମ୍ଭିକାଠ ଉଠାଯାଇଛି। ବାଲିଆପାଳ ବ୍ଲକ୍‌ର ନିଖିରେଶ୍ୱର, ନାଉଡ଼େଶ୍ୱର, ଖଗେଶ୍ୱର, ବାବା ବୈଦ୍ୟନାଥ , କାମେଶ୍ୱର, କୁଶୁଡିହା ଆଦି ଶୈବ ପୀଠରେ ଗତ ୧ ତାରିଖ ଠାରୁ ତେର ଅର୍ଘ୍ୟ, ପାଞ୍ଚ ଅର୍ଘ୍ୟ ଏବଂ ତିନି ଅର୍ଘ୍ୟରେ ଶତାଧିକ ଭକ୍ତ ବ୍ରତ ଧାରଣ କରିଆସୁଛନ୍ତି। ଶୁକ୍ରବାର ମହାଦେବଙ୍କ କାମିନା ବିବାହ ପାଳିତ ହୋଇଥିଲା ବେଳେ ଆଜି ନୀଳଉତ୍ସବରେ ଏହି ମନ୍ଦିରଗୁଡ଼ିକରେ ସକାଳଠାରୁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ବ୍ରତ ଧାରଣ କରିବା ସହିତ ମହାଦେବଙ୍କ ଉପରେ ପଇଡ଼, କ୍ଷୀରାଭିଷେକ ସାଙ୍ଗକୁ ପୂଜାର୍ଚ୍ଚନା କରି ନିଜ ମନସ୍କାମନା କରିଥିଲେ। ସେହିପରି ବହୁ ମାନସିକଧାରୀ ଭକ୍ତ ମାନସିକ ଅନୁଯାୟୀ ହାକାଣ୍ଡ ପୋଖରୀଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ଟାଣ ଖରାରେ ଦଣ୍ଡମାରୁଥିବା ଦେଖିବାକୁ ମିଳିଥିଲା। ଅପରାହ୍ଣରେ ବ୍ରତଧାରଣ କରିଥିବା ଭକ୍ତମାନେ ସଭା ଜଣାଣରେ ସାମିଲ ହୋଇଥିଲେ। ନିଖିରେଶ୍ୱର ପୀଠରେ ଶ୍ରୀବେକଡ଼ି ଈଶ୍ୱର ଚନ୍ଦ୍ର ବେହେରା ଦାସୀ ପଡ଼ିବା ପରେ ଜମାଳା ନୀଳ ପୋଖରୀରୁ ଭକ୍ତମାନେ ଥମ୍ଭିକାଠକୁ ଖୋଜିଥିଲେ। ପରେ ଏହି ଥମ୍ଭିକାଠକୁ ପୋଖରୀରୁ ଉଠାଇ ଭକ୍ତମାନେ ବାଦ୍ୟର ତାଳେ ତାଳେ କାନ୍ଧରେ ରଖି ନାଚିନାଚି ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ନିଖିରେଶ୍ୱର ପୀଠରେ ପାଟଭକ୍ତା ଭାବେ ମଳୟ ରଞ୍ଜନ ଭୂୟାଁ, ଶ୍ରୀବେକଡ଼ି ଈଶ୍ୱର ଚନ୍ଦ୍ର ବେହେରା, ଘଟୁଆଳ ସୁଜୟ କୁମାର ଦେ, ଦେଉଳିଆ ଗୋପ ନାରାୟଣ ଜେନା, ମାଳି ରାଜେଶ କୁମାର ଜେନା, ଚନ୍ଦନିଆ ବିଜୁ କୁମାର ପାଳ ପ୍ରମୁଖ ୧୩ ଭକ୍ତ ରହିଥିବାବେଳେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସେହିପରି କୁଦମାନସିଂ ବୈଦ୍ୟନାଥ ପୀଠରେ ପାଟ ଭକ୍ତା ରମେଶ ଚନ୍ଦ୍ର ସାହୁ, ଶ୍ରୀବେକଡ଼ି ସଞ୍ଜୟ କୁମାର ସାହୁ, ଦେଉଳିଆ ଅନାଦି ଚରଣ ସାହୁ, ଚର୍ଚ୍ଚକ ସେବକ ବିଜୟ କୁମାର ସାହୁ ପ୍ରମୁଖ ୧୩ ଭକ୍ତା ସ୍ଥାନୀୟ ହାକାଣ୍ଡ ପୋଖରୀରୁ ଥମ୍ଭି ଉଠାଇ ମନ୍ଦିର ବେଢ଼ାକୁ ଆସିଥିଲେ। ଏହିସବୁ ପୀଠରେ ନୀଳ ପର୍ବ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନତାଙ୍କ ସମାଗମ ହୋଇଥିଲା। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆସନ୍ତାକାଲି ଏହି ସବୁ ମଣ୍ଡପରେ ପାଟ ପର୍ବ ଓ ମାଳାଚନ୍ଦିନୀ ଅନୁଷ୍ଠିତ ହେବ।

# ଖଇରାରେ ୧୫ ହଜାର ଚାଷୀ ବିକିଛନ୍ତି ୪ ଲକ୍ଷ କ୍ୱିଣ୍ଟାଲ ଧାନ

**ଖଇରା,୧୨।୪(ସମିସ):** ସରକାରୀ ମଣ୍ଡିରେ ଧାନକିଣା ଅବଧି ଶେଷ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍‌ରେ ମଧ୍ୟ ଧାନ କିଣା ଶେଷ ହୋଇଛି। ଏହି ବ୍ଲକ୍‌ରେ ୯୮ ପ୍ରତିଶତ ଚାଷୀ ସେମାନଙ୍କର ଧାନ ବିକିବାକୁ ସକ୍ଷମ ହୋଇଛନ୍ତି। ତେବେ ବର୍ତ୍ତନା ସେବା ସମବାୟ ସମିତି ଓ ରଟିଣାରେ ଶେଷ ମୁହୂର୍ତ୍ତରେ ଆବଶ୍ୟକ ଟାର୍ଗେଟ ନ ଆସିବା କାରଣରୁ ମିଳିଥିବା ଟୋକନରୁ ୨୫ ଓ ୩୫ ପ୍ରତିଶତ ଲେଖାଏଁ ଧାନ କମ୍ ଦେବାକୁ ବାଧ୍ୟ ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସେହିଭଳି ଅନ୍‌ଲାଇନ୍ ପଞ୍ଜୀକରଣ ସମୟରେ ସରକାର ବାରମ୍ବାର ଗାଇଡ୍‌ଲାଇନ୍ ପରିବର୍ତ୍ତନ ଯୋଗୁଁ ପାଖାପାଖି ୫ଶହ ଚାଷୀ ଅନଲାଇନରୁ ବଞ୍ଚିତ ହୋଇଥିବା କୁହାଯାଉଛି। ଆଗାମୀ ଦିନରେ ରବି ଓ ଖରିଫ ପଞ୍ଜୀକରଣ ବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଚଳିତ ୨୫-୨୬ ଆର୍ଥିକ ବର୍ଷ ପାଇଁ ଖଇରା ବ୍ଲକ୍‌ର ୧୪ ପ୍ରାଥମିକ କୃଷି ସମବାୟ ସମିତି ଓ ଗୋଟିଏ ସ୍ୱୟଂ ସହାୟିକା ଗୋଷ୍ଠୀ (ରଟିଣା ମହିଳା ସାମୁଖ୍ୟ) ଧାନ କିଣିବାକୁ ଯୋଗାଣ ବିଭାଗ ସହ ଚୁକ୍ତି କରିଥିଲେ। ଡିସେମ୍ବର ୨୯ତାରିଖରୁ ଜିଲ୍ଲାରେ ଧାନ କିଣିବାକୁ ଜିଲ୍ଲା କମିଟି ନିଷ୍ପତ୍ତି ନେଇଥିଲେ ହେଁ ୭ ଦିନ ପରେ ଅର୍ଥାତ ଜାନୁଆରୀ ୪ତାରିଖ ପର ଠାରୁ ଧାନକିଣା ଆରମ୍ଭ ହୋଇଥିଲା। ମୋଟ ୧୫ ହଜାର ୩୧୩ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିଲେ ହେଁ ୧୫ ହଜାର ୧୦୨ଜଣ ଚାଷୀ ୪ ଲକ୍ଷ ୩୫ ହଜାର ୨୧୭ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ତଥ୍ୟକୁ ଦେଖିଲେ ୯୮ ପ୍ରତିଶତ ଚାଷୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନଙ୍କର ଉତ୍ପାଦିତ ଧାନ ବିକିପାରିଛନ୍ତି। ୨୦୨୪-୨୫ ମସିହାରେ ପାଖାପାଖି ୧୪ ହଜାର ଚାଷୀଙ୍କ ନିକଟରୁ ୪ଲକ୍ଷ ୨୦ହଜାର ୪୮୮ କ୍ୱିଣ୍ଟାଲ ଧାନ କିଣାଯାଇପାରିଥିଲା। ଅର୍ଥାତ ଗତବର୍ଷ ତୁଳନାରେ ୧୪ ହଜାର ୭୨୯ କ୍ୱିଣ୍ଟାଲ ଧାନ ଅଧିକ କିଣାଯାଇଛି। ହେଲେ ପ୍ରତ୍ୟେକ ସମିତିର ଧାନକିଣା ତଥ୍ୟ ବିଚାରକୁ ନେଲେ ପଳସା, ଗୋବିନ୍ଦପୁର, ଖଇରା, ଗଡ଼ପୋଖରୀ, ଗୋଳିହା, ଡୁଙ୍ଗୁରା ଓ ଗଗନଧୁଳି ସମିତି ଗତବର୍ଷ ତୁଳନାରେ ଧାନକିଣା ନୈରାଶ୍ୟଜନକ ଥିବାବେଳେ ମିର୍ଜାପୁର, ବର୍ତ୍ତନା, ହରିପୁର, ମାଣିତ୍ରୀ, କୁରୁଦା, ଅନ୍ତରା, ଓସଙ୍ଗ ଓ ରଟିଣା ମହିଳା ସାମୁଖ୍ୟଙ୍କ କ୍ଷେତ୍ରରେ ଧାନକିଣା ଯଥେଷ୍ଟ ଅଧିକ ରହିଛି। ତେବେ ପଞ୍ଜୀକରଣ ସମୟରେ ନେଟୱାର୍କ ସମସ୍ୟା ରହିବା ଏବଂ ହଠାତ ବନ୍ଦ ହୋଇଯିବା କାରଣରୁ ଆହୁରି ଅନେକ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ରହିଥିବା ନେଇ ଗଡ଼ପୋଖରୀ, ଗୋବିନ୍ଦପୁର, ଖଇରା ଭଳି ସମିତିର ସମ୍ପାଦକ ଓ ପରିଚାଳନା ବୋର୍ଡ ଅଭିଯୋଗ କରିଛନ୍ତି। ସେହିଭଳି ସୁଭଦ୍ରା ଓ ରାସନରୁ ନାମ କଟିଯିବା ଭୟରେ ପଞ୍ଜୀକରଣ କରି ଟୋକନ ପାଇଥିବା ପାଖାପଖି ୧୮୦ ମହିଳା ଚାଷୀ ଧାନ ବିକିବାକୁ ସମିତିକୁ ଆସିନଥିବା କୁହାଯାଉଛି। ଶେଷ ମୁହୂର୍ତ୍ତରେ ଯୋଗାଣ ବିଭାଗ ଟାର୍ଗେଟ ପ୍ରଦାନରେ ପାତରଅନ୍ତର କରିବା ଯୋଗୁଁ ଅନେକଚାଷୀ ଟୋକନ ପରିମାଣଠାରୁ କମ୍ ଧାନ ଦେବାକୁ ବାଧ୍ୟ ହୋଇଥିଲେ ବୋଲି ଉଦୟପୁର ଗ୍ରାମର ଚାଷୀ ବଳରାମ ଦାସ କହିଛନ୍ତି।

# ଯୌନ ଶୋଷଣ ବିରୋଧୀ ସଚେତନତା କାର୍ଯ୍ୟକ୍ରମ



**ବାଲିଆପାଳ,୧୨।୪(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଦଣ୍ଡିକା ଗ୍ରାମରେ ଅବସ୍ଥିତ ଗୋଛାୟତ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବସ୍ତା ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୌନ ଶୋଷଣରୁ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତାଲୁକ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ସିଲଭାସା ବଡ଼ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଗୋପୀନାଥ ବେହେରାଙ୍କ ସହିତ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ, ଆଇନଜୀବୀ, ପୁଲିସ କର୍ମଚାରୀ ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶ୍ରୀମତୀ ବଡ଼ଜେନା ଯୌନ ଶୋଷଣ, ମହିଳା ସୁରକ୍ଷା ଓ ବାଳ ଅପରାଧ ସମ୍ବନ୍ଧୀୟ ବିଭିନ୍ନ ଆଇନ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଏହି ପ୍ରକାର ଅପରାଧରୁ କିପରି ସତର୍କ ରହିବା, ଯଦି କୌଣସି ଅଘଟଣ ଘଟେ ତେବେ କିପରି ଆଇନର ସହାୟତା ଓ ସୁରକ୍ଷା ପାଇପାରିବେ ସେଥିପ୍ରତି ସଚେତନ କରିଥିଲେ। ଏଥି ସହିତ ଶୋଷଣର ଶିକାର ହେଉଥିବା ପୀଡ଼ିତାଙ୍କ ପୁନର୍ବାସ, ଉଦ୍ଧାର ଓ ପୁନଃସ୍ଥାପନ ପ୍ରକ୍ରିୟା ସମ୍ବନ୍ଧରେ ମଧ୍ୟ ସ୍ପଷ୍ଟ ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବେହେରା ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଓ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସମ୍ପର୍କୀୟ ଜ୍ଞାନ ବୃଦ୍ଧି କରିବା ସହିତ ସମାଜରେ ସୁରକ୍ଷିତ ପରିବେଶ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

# ଓଡ଼ିଆ ପକ୍ଷରେ ମନମୋହିଲା ଲୋକକଳା





**ବାଲିଆପାଳ,୧୨।୪(ସମସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ବାଲିଆପାଳ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଡିଓ ରାଧା ରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍ ପରିସରରେ ଶୁକ୍ରବାର ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଗେମେଶ୍ୱର ପାଲ ପ୍ରତାପପୁର ଦ୍ୱାରା ଆୟୋଜିତ ପାଲା ଏବଂ ମା ମଙ୍ଗଳା ଦଳ ଦ୍ୱାରା ଆୟୋଜିତ କେଳାକେଲୁଣି ଲୋକକଳା ଦର୍ଶକଙ୍କ ମନ ମୋହିଥିଲା। ଏହି କାର୍ଯ୍ୟକ୍ରମ ସ୍ୱଚ୍ଛତା ଉପରେ ଆଧାରିତ କରା ଯାଇଥିଲାବେଳେ ଓଡ଼ିଶାର ପରମ୍ପରାକୁ ବଜାୟ ରଖିବା ପାଇଁ ସରକାରଙ୍କ ଏଭଳି ପଦକ୍ଷେପ ଗ୍ରହଣୀୟ ହୋଇପାରିଛି ବୋଲି ଦର୍ଶକମାନେ ଆଲୋଚନା କରିଥିଲେ। ସମାଜସେବୀ ଲମ୍ବୋଦର ମାହାନା, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥୀ ସାହୁ, ଜିପିଡିଓ ପ୍ରିୟବ୍ରତ ଗିରି, ବିପିଏମ୍ ଉତ୍ତମ ସାହୁ, ଏପିଓ ସୌମ୍ୟକାନ୍ତ ଦାସଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ତୁଡ଼ିଗଡ଼ିଆରେ ଫାଣ୍ଡି ଓ ବ୍ଲକ୍ ପ୍ରତିଷ୍ଠା ଦାବି ତେଜିଲା



**ଖଇରା,୧୨।୪(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ବେଳେ ଅତିଥିମାନେ ଭାଷା ସୁରକ୍ଷା ପାଇଁ ସୁଚିନ୍ତିତ ପରାମର୍ଶ ଦେବା ସହ ତୁଡିଗଡ଼ିଆଠାରେ ଫାଣ୍ଡି ଓ ବ୍ଲକ୍ ପ୍ରତିଷ୍ଠା ଦାବି କରିଛନ୍ତି। ମଞ୍ଚର ସଭାପତି ବିଷ୍ଣୁମୋହନ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ଉଦାରୀକରଣ ଅର୍ଥନୀତି ନାମରେ ପାଶ୍ଚାତ୍ୟ ସଂସ୍କୃତି ଆମକୁ କବଳିତ କରିସାରିଲାଣି, ଯାହାଫଳରେ ଓଡ଼ିଆ ସଂସ୍କୃତି ଆଜି ହଜିଯିବାକୁ ବସିଛି ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ସଭ୍ୟ ଲୋକନାଥ ପଣ୍ଡା, ସରପଞ୍ଚ ମଦନମୋହନ ସାନ୍ତରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଯୁଧିଷ୍ଠିର ମହାରଣା ବିବରଣୀ ପାଠ କରିଥିଲେ। ଏହି ଅବସରରେ ମଞ୍ଚ କାର୍ଯ୍ୟକର୍ତ୍ତା ରାଧାକାନ୍ତ ପଣ୍ଡା, ଉପେନ୍ଦ୍ର ପାଢ଼ୀ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିଲେ। କବି ଦୁର୍ଗାମାଧବ ଜେନା ଓ ଅର୍ଜୁନ ଚରଣ ଶିଆଳଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ସହ ବର୍ଣ୍ଣବୋଧ ପ୍ରତିଯୋଗିତାରେ କୃତିତ୍ୱଲାଭ କରିଥିବା ଛାତ୍ରୀ ଆଦ୍ୟାଶା ବେହେରା, ଦୀପାଳି ବୁଗୁଡ଼ାଇ ଓ କାଜଲ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା।

# ବୁଲିଲା କମ୍ପ୍ୟୁଟର ସାକ୍ଷରତା ସମ୍ପର୍କିତ ସଚେତନତା ରଥ

**ବାଲିଆପାଳ,୧୨।୪(ସମସ):** ଓକେସିଏଲ ସାରା ରାଜ୍ୟରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରୁଥିବାବେଳେ କମ୍ପ୍ୟୁଟର ସାକ୍ଷରତା ନେଇ ସଚେତନତା ରଥ ପରିକ୍ରମା କରି ଛାତ୍ରଛାତ୍ରୀଙ୍କୁ ଆଇଟି କ୍ଷେତ୍ରରେ ପାରଦର୍ଶିତା ଦିଗରେ ପ୍ରୋତ୍ସାହିତ କରୁଛି। ସେହି ଆଧାରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍‌ର ଲଙ୍ଗଳେଶ୍ୱରଠାରେ ଥିବା ଓକେସିଏଲର ସରକାରଙ୍କ ଦ୍ୱାରା ଅନୁବନ୍ଧିତ ଓ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦନ ପ୍ରାପ୍ତ ଓକେସିଏଲର ଓଏସ୍-ସିଆଇଟି ତିନିମାସିଆ, ଛଅ ମାସିଆ, ଏକ ବର୍ଷିଆ ଆଦି ପାଠ୍ୟକ୍ରମ ଏହି ଶିକ୍ଷାଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଉଛି। ସମସ୍ତ ଛାତ୍ରଛାତ୍ରୀ କିଭଳି ଉନ୍ନତ ମାନର ଶିକ୍ଷା ଗ୍ରହଣ କରିପାରିବେ ସେଥିପାଇଁ ଅନୁଷ୍ଠାନ ତରଫରୁ ତାମିଲପ୍ରାପ୍ତ ଶିକ୍ଷକଙ୍କ




ସହିତ ସ୍ୱତନ୍ତ୍ର କମ୍ପ୍ୟୁଟର ଲ୍ୟାବ ଏବଂ ଥିଓରୀ ରୁମର ବ୍ୟବସ୍ଥା କରାଯାଇଛି। ସ୍ୱୀକୃତିପ୍ରାପ୍ତ ଶିକ୍ଷାକେନ୍ଦ୍ର ଆର୍‌କେ ଇନ୍‌ଫୋ ଏକାଡେମୀ ତରଫରୁ ଆଜି ଏହି ସଚେତନତା ରଥକୁ ସ୍ୱାଗତ କରାଯାଇଛି। ଶିକ୍ଷା ଅନୁଷ୍ଠାନର ସଂଯୋଜକ ରାଜକିଶୋର ପାତ୍ରଙ୍କ ପୌରୋହିତ୍ୟରେ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ସରକାରୀ କିରାଣି କେଶବ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ରଥର ଶୁଭାରମ୍ଭ କରିଥିଲେ। ଓଡ଼ିଶା ଲଙ୍ଗଳେଶ୍ୱରଠାରେ ଥିବା ଏହି ଶିକ୍ଷାନୁଷ୍ଠାନ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ନିରନ୍ତର କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ବହୁ ଯୁବକ ଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ସହଯୋଗ ସହିତ ଆତ୍ମନିର୍ଭରଶୀଳ କରିବାରେ ଏକ ସ୍ୱତନ୍ତ୍ର ଶିକ୍ଷାକେନ୍ଦ୍ରର ପରିଚୟ ସୃଷ୍ଟି କରିପାରିଛି ବୋଲି ମତପ୍ରକାଶ ପାଇଥିଲା।

## ● ଭିନ୍ନକ୍ଷମଙ୍କ ପାଇଁ ପ୍ରଶାସନର ତତ୍ପରତା

# ମିଳିଲା ଶ୍ରବଣ ଯନ୍ତ୍ର, ଖୁବ୍‌ଶୀଘ୍ର ବକେୟା ଭତ୍ତା

**ବାଲିଆପାଳ,୧୨।୪(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଆବଶ୍ୟକତା ଅନୁସାରେ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଅନେକ ହିତାଧିକାରୀ ଏହି ସୁବିଧା ବିଷୟରେ ଅବଗତ ନ ଥିବାରୁ ଆବଶ୍ୟକ ଉପକରଣ ପାଇଁ ଧାର କରଜ କରି ଅର୍ଥନୈତିକ ଭାର ବହନ କରୁଛନ୍ତି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ମହାବଳା ଗ୍ରାମର ପାର୍ଥ ସାରଥୀ ସାମଲ ଦୀର୍ଘଦିନ ଧରି ଶ୍ରବଣ ଶକ୍ତି ହରାଇ ଅସୁବିଧାରେ ଜୀବନଯାପନ କରୁଥିଲେ। ରିକ୍ସା ଚାଳକ ଭାବେ କାମ କରୁଥିବାବେଳେ ସେ ସଠିକ ଭାବେ ଶୁଣିପାରୁ ନଥିଲେ। ସେହିପରି ଏହି ପଞ୍ଚାୟତର ଶଙ୍କର ମୁର୍ମୁ ମଧ୍ୟ ଦୀର୍ଘ ଏକ ବର୍ଷ ଧରି ମାନସିକ ଯନ୍ତ୍ରଣାରେ ଦିନ କାଟୁଥିଲେ। ଉଭୟଙ୍କ ପାଖରେ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ସେମାନେ ଏକ ବର୍ଷ ଧରି ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ରହିଥିଲେ। ଏହି ସମସ୍ୟା ବିଷୟରେ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଜାଣିବା ପରେ ସେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅନ୍‌ଲାଇନ୍ ପ୍ରମାଣପତ୍ର ଯୋଗାଇଦେବା ପାଇଁ ଗୁହାରି କରିଥିଲେ। ପରେ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ ଉଭୟଙ୍କ ପାଇଁ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତି ହୋଇଥିଲା। ଶ୍ରୀ ପାତ୍ର ପୁଣି ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କୁ ପାର୍ଥ ସାରଥୀ ସାମଲଙ୍କ ପାଇଁ ଏକ ଶ୍ରବଣ ଯନ୍ତ୍ର ଯୋଗାଇଦେବା ଏବଂ ଦୁଇ ଭିନ୍ନକ୍ଷମଙ୍କୁ ଭତ୍ତା ପୁନଃ ଚାଲୁ କରିବା ପାଇଁ ଅନୁରୋଧ କରିଥିଲେ। ବିଡିଓ ଶ୍ରୀ ଦାସ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥୀ ସାହୁଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ ପାଇଁ ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ସାହୁ ମଧ୍ୟ ତୁରନ୍ତ ପଦକ୍ଷେପ ନେଇ ପାର୍ଥ ସାରଥୀ ସାମଲଙ୍କ ପାଇଁ ଶ୍ରବଣ ଯନ୍ତ୍ରର ବ୍ୟବସ୍ଥା କରିଥିଲେ। ଗତ ଶୁକ୍ରବାର ବିଡିଓ ଶ୍ରୀ ଦାସ ନିଜ ଅଫିସରେ ଭିନ୍ନକ୍ଷମ ଶ୍ରୀ ସାମଲଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିବା ସହିତ ଉଭୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚଳିତ ମାସରୁ ପିଛିଲା ଭାବେ ଭତ୍ତା ଟଙ୍କା ପ୍ରଦାନ ପାଇଁ ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବାଲିଆପାଳ ବ୍ଲକ୍‌ରେ ଭିନ୍ନକ୍ଷମଙ୍କ ସମସ୍ୟା ବିଷୟରେ ଜାଣି ବିଡିଓ ଶ୍ରୀ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ ଏବଂ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ତୁରନ୍ତ ସମାଧାନ ପାଇଁ ତତ୍ପରତା ଦେଖାଇଛନ୍ତି ବୋଲି ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର କହିଛନ୍ତି।



## ଜଳେଶ୍ୱର ରେଳ ଷ୍ଟେସନ ପ୍ରତି ଅବହେଳା ଅଭିଯୋଗ

# ଆନ୍ଦୋଳନକୁ ଓହ୍ଲାଇବ ସମାଜ କଲ୍ୟାଣ ବିକାଶ ପରିଷଦ

ଜଳେଶ୍ୱର,୧୨।୪(ସମିସ)



ଓଡ଼ିଶା ଉପାନ୍ତ ଜଳେଶ୍ୱର ରେଳ ଷ୍ଟେସନକୁ କର୍ତ୍ତୃପକ୍ଷ ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହାର ନକ୍ସା ଅନୁଯାୟୀ କୌଣସି କାର୍ଯ୍ୟ ହେଉନଥିବା, ନିମ୍ନମାନର କାର୍ଯ୍ୟ ହେଉଥିବା, ଷ୍ଟେସନ ନିକଟ ୪୬ନଂ ରେଳ ଫାଟକ ନିକଟରେ ଓଭରବ୍ରିଜ୍ କିମ୍ବା ଅଣ୍ଡରପାସ୍ ନ ହେବା, ପ୍ଲାଟଫର୍ମରେ ପାଦଚଲା ସେତୁ ନିର୍ମାଣ ନ ହେବା, ଦେୟମୁକ୍ତ ଶୌଚାଳୟ ନ ହେବା ଇତ୍ୟାଦି କାରଣରୁ ଯନ୍ତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଜଳେଶ୍ୱର ଏକ ପ୍ରମୁଖ ସହର ହୋଇଥିବା ବେଳେ ପଶ୍ଚିମବଙ୍ଗର ବିସ୍ତୀର୍ଣ୍ଣ ଅଞ୍ଚଳ ସହିତ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ରାସଗୋବିନ୍ଦପୁର ବ୍ଲକ୍‌ର ଲୋକମାନେ ଏହି ରେଳ ଷ୍ଟେସନ ଉପରେ ନିର୍ଭର କରନ୍ତି। ହେଲେ ଏଠାରେ ସର୍ବନିମ୍ନ ସୁବିଧା ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ବହୁ ଟ୍ରେନ୍ ଏଠାରେ ରହୁନଥିବାରୁ ଯାତ୍ରୀଙ୍କୁ ବାଲେଶ୍ୱର କିମ୍ବା ଖଡ଼ଗପୁର ଯିବାକୁ ପଡୁଛି। ଏ ସମ୍ପର୍କରେ ସମାଜ କଲ୍ୟାଣ ବିକାଶ ପରିଷଦର ଏକ ଜରୁରୀ ବୈଠକ କାଳୀମନ୍ଦିର ସମ୍ମିଳନୀ କକ୍ଷରେ କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ହାଇକୋର୍ଟର ଆଇନଜୀବୀ ରାମଚନ୍ଦ୍ର ଜେନାଙ୍କ ପ୍ରସ୍ତାବକ୍ରମେ ଆସନ୍ତା ୧୯ ତାରିଖରେ ଜଳେଶ୍ୱରର ସମସ୍ତ ଛାମୁଆ ସଂଗଠନକୁ ନେଇ ଭଞ୍ଜଶ୍ରୀ ଭବନରେ ଆଲୋଚନା କରାଯାଇ ୨୭ ତାରିଖରେ ଧର୍ମଘଟ କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଏ ସମ୍ପର୍କରେ ପରିଷଦ ପକ୍ଷରୁ ରେଳ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପ୍ରତିକାର ହେଉନଥିବାରୁ ଧର୍ମଘଟ କରାଯିବ ବୋଲି ସଂଗଠନର ସଦସ୍ୟ ତଥା ବଣିକ ସଂଘ ସଭାପତି ସୁଧୀର ମହାନ୍ତି, ଇଂ ରାମଚନ୍ଦ୍ର ସାହୁ, ରଜନୀକାନ୍ତ ଭୂୟାଁ, ସୁଶାନ୍ତ ଦାସ, ଅଶୋକ କୁମାର ଦାସ, ଅଞ୍ଜନ ଦାସ, ଅବନୀ ଚାନ୍ଦ, ସମର କରଣ, ସତ୍ୟନାରାୟଣ ଦାସ, କମଳ ଚକ୍ରବର୍ତ୍ତୀ, ପ୍ରବୋଧ ପାତ୍ର, ସିଦ୍ଧେଶ୍ୱର ପଣ୍ଡା, ମୁରଲୀ ମୋହନ ପ୍ରଧାନ, ଡ. ଅଜିତ୍ କୁମାର ମହାନ୍ତି, ବନମାଳୀ ଧଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବାଣ ଫୁଟି ଯୁବକ ଗୁରୁତର



**ଜଳେଶ୍ୱର ବ୍ଲକ,୧୨।୪(ସମିସ):** ଜଳେଶ୍ୱର ବ୍ଲକ୍ ନାମ୍ପୋ ଗ୍ରାମରେ ଆଜି ଅପରାହ୍ଣରେ ବାଣଫୁଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ନାମ୍ପୋ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ଦୀପକ କୁମାର ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଦେବଜ୍ୟୋତି ପଣ୍ଡା(ଜୁଲୁ)(୩୨) ବୋଲି ଜଣା ପଡ଼ିଛି। ଗ୍ରାମର ହାକାଣ୍ଡ ପୋଖରୀ ହୁଡ଼ାରେ ମାଣିକଧରା ପର୍ବ ପ୍ରସ୍ତୁତି ସମୟରେ ବାଣରେ ଅଗ୍ନି ସଂଯୋଗ କରିବାକୁ ଯାଇ ନିଜର ଅସାବଧାନତା ଯୋଗୁଁ ତାହା ଫୁଟିଯିବା ଫଳରେ ତାଙ୍କ ଡାହାଣ ହାତରେ ଗୁରୁତର ଆଘାତ ଲାଗିଛି। ତୁରନ୍ତ ସେଠାରେ ଉପସ୍ଥିତ ଥିବା ହରି ଶଙ୍କର ଦେ(ଭୋଳା) ଓ ଦିବ୍ୟ ଜ୍ୟୋତି ପଣ୍ଡା ତାଙ୍କୁ ଗୁରୁତର ଅବସ୍ଥାରେ ଜଳେଶ୍ୱରସ୍ଥିତ ଜି କେ ଭଟ୍ଟର ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସାର ବ୍ୟବସ୍ଥା କରିଥିଲେ।



## ଆମେରିକା- ଇରାନ ଆଲୋଚନା ବିଫଳ

# ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧର ବାଦଲ



ଇସଲାମାବାଦ୍, ୧୨।୪(ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସଲାମାବାଦ୍‌ଠାରେ ଅନୁଷ୍ଠିତ ଆମେରିକା- ଇରାନ ଶାନ୍ତି ଆଲୋଚନା ବିଫଳ ହୋଇଛି ଓ ଏଥିରେ କୌଣସି ନିର୍ଦ୍ଦିଷ୍ଟ ନିଷ୍କର୍ଷ ବାହାରି ପାରିନି। ପ୍ରାୟ ୨୧ ଘଣ୍ଟାର ଦୀର୍ଘ ଆଲୋଚନା ପରେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଥିବା ମତଭେଦ ଦୂର ହୋଇପାରିନାହିଁ। ଏହି ଯୁଦ୍ଧ ଯୋଗୁଁ ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକ ପ୍ରାଣ ହରାଇଥିବା ବେଳେ, ହର୍ମୁଜ ପ୍ରଣାଳୀ ବନ୍ଦ ହେବା କାରଣରୁ ବିଶ୍ୱ ତୈଳ ବଜାରରେ ତୈଳ ଦର ଆକାଶଛୁଆଁ ହୋଇଛି। ଯଦି ଶୀଘ୍ର ସମାଧାନ ନ ବାହାରେ ତେବେ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ଆଗକୁ କେଉଁ ସ୍ଥିତି ଉପୁଜିପାରେ, ତାହାର ୩ଟି ମୁଖ୍ୟ ଦିଗ ନେଇ ଆଲୋଚନା କରିବା।

**୧. ଆଲୋଚନା ଜାରି ରହିପାରେ**

ଯଦିଓ ବର୍ତ୍ତମାନ ଆଲୋଚନା ସଫଳ ହୋଇଛି, ତଥାପି ପାକିସ୍ତାନର ପ୍ରସ୍ତାବ କ୍ରମେ ଆଉ ଏକ ପର୍ଯ୍ୟାୟ ବୈଠକ ବସିବାର ସମ୍ଭାବନା ରହିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତଭେଦ ଥିଲେ ହେଁ ଅନେକ ବିଷୟରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇଛି। ଦୀର୍ଘ ୪୦ ଦିନର ଯୁଦ୍ଧ ଓ ଅବିଶ୍ୱାସ ମଧ୍ୟରେ ଗୋଟିଏ ବୈଠକରେ ସମସ୍ତ ସମସ୍ୟାର ସମାଧାନ ହେବା ସହଜ ନୁହେଁ, ତେଣୁ କୂଟନୈତିକସ୍ତରରେ ଆଲୋଚନା ପୁଣି ଆରମ୍ଭ ହୋଇପାରେ।

**୨.ଅସ୍ଥାୟୀ ଯୁଦ୍ଧବିରତି ପର୍ଯ୍ୟନ୍ତ ଆଲୋଚନା**

ଗତ ଏପ୍ରିଲ ୮ ତାରିଖରୁ ଉଭୟ ଦେଶ ମଧ୍ୟରେ ଦୁଇ ସପ୍ତାହ ପାଇଁ ଏକ ସର୍ତ୍ତମୂଳକ 'ଅସ୍ତ୍ରବିରତି' ଜାରି ରହିଛି। ଆନୁଷ୍ଠାନିକ ଆଲୋଚନା ବିଫଳ ହେଲେ ମଧ୍ୟ ଏହି ସମୟ ମଧ୍ୟରେ ପଛଦ୍ୱାର ଦେଇ କଥାବାର୍ତ୍ତା ଜାରି ରହିପାରେ। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ଆମେରିକା ନିଜର ଶେଷ ଓ ସର୍ବଶ୍ରେଷ୍ଠ ପ୍ରସ୍ତାବ ଦେଇସାରିଛି ଏବଂ ବର୍ତ୍ତମାନ ଇରାନ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

**୩.ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ**

ଏହା ସବୁଠାରୁ ଭୟଙ୍କର ସ୍ଥିତି ହୋଇପାରେ। ଯଦି କୁଟନୈତିକ ଆଲୋଚନା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଏ, ତେବେ ଆମେରିକା ପୁଣି ଇରାନ ଉପରେ ଆକ୍ରମଣ କରିପାରେ। ଟ୍ରମ୍ପ ପ୍ରଶାସନ ପୂର୍ବରୁ ସୂଚନା ଦେଇଛି ଯେ, ମଧ୍ୟପ୍ରାଚ୍ୟରେ ଆମେରିକା ନିଜର ସାମରିକ ଶକ୍ତି ବୃଦ୍ଧି କରୁଛି। ଯଦି ସମାଧାନ ନ ବାହାରେ, ତେବେ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ସଜ୍ଜିତ ଯୁଦ୍ଧ ଜାହାଜ ମାଧ୍ୟମରେ ଇରାନକୁ ଉଚିତ ଜବାବ ଦିଆଯିବ ବୋଲି ଟ୍ରମ୍ପ ପରୋକ୍ଷରେ ଚେତାବନୀ ଦେଇଛନ୍ତି।

# ଆମେ ଆମର ଶେଷ, ସର୍ବୋତ୍ତମ ପ୍ରସ୍ତାବ ଦେଇଛୁ: ଆମେରିକା





ଇସଲାମାବାଦ୍, ୧୨।୪(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତିର କେନ୍ଦ୍ରବିନ୍ଦୁ ସାଜିଥିବା ଇସଲାମାବାଦ୍‌ଠାରେ ଆମେରିକା ଓ ଇରାନ ମଧ୍ୟରେ ଅନୁଷ୍ଠିତ ମାରାଥନ ଶାନ୍ତି ଆଲୋଚନା କୌଣସି ସୁଫଳ ପ୍ରଦାନ କରିବାରେ ବିଫଳ ହୋଇଛି। ପ୍ରାୟ ୨୧ ଘଣ୍ଟାର ସଘନ କଥାବାର୍ତ୍ତା ଓ ଆଲୋଚନା ପରେ ମଧ୍ୟ ଉଭୟ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦର ପାଚେରୀ ଅତିକ୍ରମ କରାଯାଇପାରି ନାହିଁ। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ରବିବାର ଏହି ବିଫଳତା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଇରାନ ଆମେରିକାର ପ୍ରସ୍ତାବିତ ସର୍ତ୍ତାବଳୀକୁ ଗ୍ରହଣ କରିବାକୁ ମନା କରିଦେଇଛି। ଭାନ୍ସ ତାଙ୍କ ବୟାନରେ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ନିଜର ରେଡ ଲାଇନ ବା ସୀମା ସମ୍ପର୍କରେ ଇରାନକୁ ଅବଗତ କରାଇଥିଲା। ବିଶେଷ କରି ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ପରମାଣୁ ଅସ୍ତ୍ର ନିର୍ମାଣ ନ କରିବା ପାଇଁ ଏକ ଦୀର୍ଘକାଳୀନ ପ୍ରତିଶ୍ରୁତି ଆଦାୟ କରିବା ଆମେରିକାର ମୂଳ ଲକ୍ଷ୍ୟ ଥିଲା। ସେ କହିଛନ୍ତି ଯେ, ଇରାନର ପୂର୍ବ ପରମାଣୁ ଭିତ୍ତିଭୂମି ଓ ସୁବିଧାଗୁଡ଼ିକ ଧ୍ୱଂସ ହୋଇସାରିଥିଲେ ହେଁ, ଭବିଷ୍ୟତରେ ସେମାନେ ଯେ ଏହି ମାରାତ୍ମକ ଅସ୍ତ୍ର ନିର୍ମାଣ କରିବେ ନାହିଁ, ସେ ନେଇ କୌଣସି ଦୃଢ଼ ସଙ୍କଳ୍ପ ସେମାନଙ୍କ ପକ୍ଷରୁ ମିଳିନାହିଁ। ଆଲୋଚନା ସମୟରେ ଇରାନର ଅବରୁଦ୍ଧ ସମ୍ପତ୍ତି ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରସଙ୍ଗ ଉପରେ ମଧ୍ୟ ଗୁରୁତର ଭାବେ ବିଚାର କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମେରିକୀୟ ପ୍ରତିନିଧି ଦଳ ଅତ୍ୟନ୍ତ ନମନୀୟତା ପ୍ରଦର୍ଶନ କରିଥିଲେ ହେଁ, ଇରାନର ଜିଦ୍ ଆଗରେ ସବୁ ପ୍ରୟାସ ବିଫଳ ହୋଇଛି। ଆଲୋଚନା ସମୟରେ ଭାନ୍ସ କ୍ରମାଗତ ଭାବେ ରାଷ୍ଟ୍ରପତି ଟ୍ରମ୍ପ ଓ ଜାତୀୟ ସୁରକ୍ଷା ପରିଷଦର ସଦସ୍ୟମାନଙ୍କ ସହ ଯୋଗାଯୋଗ ରକ୍ଷା କରିଥିଲେ। ଆଲୋଚନା ଶେଷରେ ଆମେରିକା ପକ୍ଷରୁ ଏକ ଅନ୍ତିମ ଓ ସର୍ବଶ୍ରେଷ୍ଠ ପ୍ରସ୍ତାବ ଇରାନ ନିକଟରେ ରଖାଯାଇଛି। ତେବେ ଏହି ପ୍ରସ୍ତାବକୁ ଇରାନ ଗ୍ରହଣ କରୁଛି କି ନା, ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଭାନ୍ସଙ୍କ ଅନୁସାରେ ଏହି ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ନ ହେବା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ କ୍ଷତିକାରକ ହେବ। ସାମ୍ପ୍ରତିକ ପରିସ୍ଥିତିରେ ଆମେରିକା ଓ ଇରାନ ମଧ୍ୟରେ ସୃଷ୍ଟି ଏହି ଅସ୍ଥିରତା ବିଶ୍ୱ ଶାନ୍ତି ପାଇଁ ଏକ ଆହ୍ୱାନ ଭାବେ ଉଭା ହୋଇଛି।

# ଆମେରିକା ଅଯୌକ୍ତିକ ଦାବି ଉପସ୍ଥାପନ କରୁଛି: ଇରାନ

ତେହରାନ, ୧୨।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧର ସମାଧାନ ପାଇଁ ପାକିସ୍ତାନର ଇସଲାମାବାଦ୍‌ଠାରେ ଅନୁଷ୍ଠିତ ଆମେରିକା-ଇରାନ ଐତିହାସିକ ଶାନ୍ତି ଆଲୋଚନା ଅମୀମାଂସିତ ଭାବେ ଶେଷ ହୋଇଛି। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ବୟାନ ପରେ ଇରାନ ମଧ୍ୟ ଏହାର ଜବାବ ରଖିଛି। ଆମେରିକାର ଅଯୌକ୍ତିକ ଏବଂ ଅତ୍ୟଧିକ ଦାବି ଯୋଗୁଁ ହିଁ ଏହି ଆଲୋଚନା ବିଫଳ ହୋଇଛି ଓ କୌଣସି ନିଷ୍କର୍ଷ ବାହାରି ପାରିନାହିଁ ବୋଲି ଇରାନ କହିଛି। ଇରାନର ସରକାରୀ ପ୍ରସାରଣକାରୀ ସଂସ୍ଥା 'ଆଇଆରଆଇବି' ଅନୁଯାୟୀ, ଇରାନର ପ୍ରତିନିଧି ଦଳ ନିଜ ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ପ୍ରାୟ ୨୧ ଘଣ୍ଟା ଧରି ନିରନ୍ତର ଓ ଗଭୀର ଆଲୋଚନା କରିଥିଲେ। ଇରାନ ପକ୍ଷରୁ ଅନେକ ନୂତନ ପ୍ରସ୍ତାବ ଓ ପଦକ୍ଷେପ ରଖାଯାଇଥିଲେ ହେଁ, ଆମେରିକାର କଠୋର ଆଭିମୁଖ୍ୟ ପ୍ରଗତି ପଥରେ ବାଧା ସୃଷ୍ଟି କରିଥିଲା। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସ୍‌ମାଇଲ ବାକାୟୀ କହିଛନ୍ତି ଯେ, ମାତ୍ର ଗୋଟିଏ ବୈଠକରେ ଦଶନ୍ଧି ଦଶନ୍ଧି ଧରି ଥିବା ମତଭେଦ ଦୂର ହୋଇ ବୁଝାମଣା ହେବ ବୋଲି କେହି ଆଶା କରିବା ଉଚିତ ନୁହେଁ। ଅନ୍ୟପଟେ ଜେଡି ଭାନ୍ସ ଆଲୋଚନାର ଏହି ବିଫଳତାକୁ ଇରାନ ପାଇଁ ଖରାପ ଖବର ବୋଲି ଅଭିହିତ କରିଛନ୍ତି। ସୂଚନାଯୋଗ୍ୟ, ୧୯୭୯ର ଇସଲାମିକ ବିପ୍ଳବ ପରେ ଏହାଥିଲା ଉଭୟ ଦେଶ ମଧ୍ୟରେ ସବୁଠାରୁ ଉଚ୍ଚସ୍ତରୀୟ ଓ ପ୍ରତ୍ୟକ୍ଷ ଆଲୋଚନା। ଯଦିଓ ବର୍ତ୍ତମାନ ଆଲୋଚନା ବିଫଳ ହୋଇଛି, ତଥାପି ପାକିସ୍ତାନ ଓ ଅନ୍ୟ ଅଞ୍ଚଳର ବନ୍ଧୁ ରାଷ୍ଟ୍ରମାନଙ୍କ ମାଧ୍ୟମରେ ଯୋଗାଯୋଗ ଜାରି ରହିବ ବୋଲି ଇରାନ ଆଶା ବ୍ୟକ୍ତ କରିଛି। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଭୟାବହ ଯୁଦ୍ଧରେ ହଜାର ହଜାର ଜୀବନ ଯାଇସାରିଥିବା ବେଳେ, ଶାନ୍ତି ସ୍ଥାପନ ପାଇଁ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନେତନ୍ୟାହୁଙ୍କ ବିରୋଧରେ ତୁର୍କୀରେ ମାମଲା



**୪୬୦୦ ବର୍ଷ ଜେଲ ଦଣ୍ଡ ପାଇଁ ଦାବି**

ଆଙ୍କାରା, ୧୨।୪(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତିରେ ଏକ ଚାଞ୍ଚଲ୍ୟକର ଘଟଣାକ୍ରମରେ, ତୁର୍କୀ ସରକାର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ସମେତ ୩୫ ଜଣଙ୍କ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିଛନ୍ତି। ଗାଜାକୁ ଯାଉଥିବା ମାନବୀୟ ସହାୟତା ମିଶନ ଉପରେ ଆକ୍ରମଣ କରିବା ଅଭିଯୋଗରେ ଇସ୍ତାନବୁଲର ମୁଖ୍ୟ ସରକାରୀ ଓକିଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଅଭିଯୁକ୍ତମାନେଙ୍କ ପାଇଁ ସର୍ବାଧିକ ୪, ୫୯୬ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଦାବି କରାଯାଇଛି। ଏହି ସମସ୍ତ ବିବାଦ ଗତ ବର୍ଷ ସେପ୍ଟେମ୍ବର ମାସରେ ଘଟିଥିବା 'ସୁମୁଦ ଫ୍ଲୋଟିଲା' ଘଟଣା ସହିତ ଜଡ଼ିତ। ଗାଜାର ଅସହାୟ ନାଗରିକଙ୍କ ପାଇଁ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ନେଇ ଯାଉଥିବା ଏହି ଜାହାଜଗୁଡ଼ିକୁ ଇସ୍ରାଏଲ ନୌସେନା ଅଟକାଇଥିବା ଅଭିଯୋଗ ହୋଇଥିଲା। ଇସ୍ରାଏଲ ସୈନ୍ୟମାନେ ଜୋରଜବରଦସ୍ତ ଜାହାଜ ମଧ୍ୟକୁ ପ୍ରବେଶ କରି ସେଠାରେ ଥିବା ସମାଜସେବୀଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ସେମାନଙ୍କୁ ବେଆଇନ ଭାବେ ଅଟକ ରଖିଥିଲେ। ତୁର୍କୀର ଯୁକ୍ତି ଅନୁସାରେ, ଏହି କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ରୂପେ ଅନ୍ତର୍ଜାତୀୟ ଆଇନ୍‌ର ଉଲ୍ଲଂଘନ। ତେଣୁ ନେତନ୍ୟାହୁ ଓ ଅନ୍ୟ ଅଧିକାରୀଙ୍କୁ ଏଥିପାଇଁ ଦଣ୍ଡ ମିଳିବ ଉଚିତ ବୋଲି କୁହାଯାଇଛି।

## ଜୁଲାଇ ୩ରୁ ଅମରନାଥ ଯାତ୍ରା

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ପବିତ୍ର ଅମରନାଥ ଯାତ୍ରା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି। ଜୁଲାଇ ୩ରୁ ଏଥର ଅମରନାଥ ଯାତ୍ରା ଆରମ୍ଭ ହେବ ଓ ଏହା ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅର୍ଥାତ ଏହି ପବିତ୍ର ଯାତ୍ରା ମୋଟ୍ ୫୭ ଦିନ ଧରି ଚାଲିବ। ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା ରବିବାର ଚଳିତ ବର୍ଷର ଯାତ୍ରା ସୂଚୀ ଘୋଷଣା କରିଛନ୍ତି। ଯାତ୍ରା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଏପ୍ରିଲ ୧୫ରୁ ଆରମ୍ଭ ହେବ। ୧୩ରୁ ୭୦ ବର୍ଷ ବୟସ ମଧ୍ୟରେ ଥିବା ଯେକୌଣସି ବ୍ୟକ୍ତି ଏହି ଯାତ୍ରା ପାଇଁ ଆବେଦନ କରିପାରିବେ। ଜୁନ୍ ୧୯ ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ଗୁମ୍ଫା ମଧ୍ୟରେ ପ୍ରଥମ ପୂଜାର ଆୟୋଜନ ହେବ। ଶ୍ରଦ୍ଧାଳୁମାନେ ଦେଶର ୫୫୬ଟି ବ୍ୟାଙ୍କ ଶାଖା ମାଧ୍ୟମରେ ଅଫଲାଇନ୍ କିମ୍ବା ଶ୍ରାଇନ୍ ବୋର୍ଡର ୱେବସାଇଟ୍ ଜରିଆରେ ଅନଲାଇନ ପଞ୍ଜୀକରଣ କରିପାରିବେ। ଚଳିତ ବର୍ଷ ତୀର୍ଥଯାତ୍ରୀଙ୍କ ପାଇଁ ଦୁର୍ଘଟଣା ବିମା ରାଶିକୁ ୫ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ଓ ଗତିବିଧି ଉପରେ ନଜର ରଖିବା ପାଇଁ ଆରଏଫ୍‌ଆଇଡି କାର୍ଡ ବ୍ୟବହାର କରାଯିବ।



**୫୭ ଦିନ ଚାଲିବ**
**ଏପ୍ରିଲ ୧୫ରୁ ପଞ୍ଜୀକରଣ**

## ନାଇଜେରିଆ ବିମାନ ଆକ୍ରମଣ: ୨୦୦ରୁ ଅଧିକ ମୃତ୍ୟୁ ଆଶଙ୍କା

ଅବୁଜା, ୧୨।୪(ଏଜେନ୍ସି): ନାଇଜେରିଆର ଉତ୍ତର-ପୂର୍ବାଞ୍ଚଳରେ ଥିବା ଯୋବେରେ ଏକ ଭୟଙ୍କର ସାମରିକ ବିମାନ ଆକ୍ରମଣ କରାଯାଇଛି। ବୋକୋ ହାରାମର ଇସଲାମିକ ଆତଙ୍କବାଦୀଙ୍କୁ ପିଛା କରୁଥିବା ସମୟରେ ନାଇଜେରିଆ ସେନାର ଯୁଦ୍ଧ ବିମାନ ଏକ ଗ୍ରାମୀଣ ବଜାର ଉପରେ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ଯେଉଁଥିରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଶନିବାର ବିଳମ୍ବିତ ରାତିରେ ଏହି ଆକ୍ରମଣ ଘଟିଥିବା କୁହାଯାଇଛି। ଯୋବେର ଗେଇଡାମ ଅଞ୍ଚଳରେ ଥିବା ଜିଲ୍ଲି ବଜାରରେ ଏହି ଆକ୍ରମଣ ହୋଇଛି। ସ୍ଥାନୀୟ କାଉନସିଲର ଏହି ଘଟଣାକୁ ଅତ୍ୟନ୍ତ ମର୍ମନ୍ତୁଦ ବୋଲି ବର୍ଣ୍ଣନା କରିଛନ୍ତି। ନାଇଜେରିଆ ବାୟୁସେନା ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ସେମାନେ ବୋର୍ଣ୍ଣୋ ରାଜ୍ୟର ଜିଲ୍ଲି ଠାରେ ବୋକୋ ହରାମ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ତେବେ ଏହି କାର୍ଯ୍ୟାନୁଷ୍ଠାନ ସମୟରେ କୌଣସି ବଜାର ଉପରେ ଆକ୍ରମଣ କରାଯାଇଥିବା ନେଇ ସେନା ସ୍ପଷ୍ଟ କରିନାହିଁ କିମ୍ବା ଏ ସମ୍ପର୍କରେ ଅଧିକ ପ୍ରଶ୍ନର ଉତ୍ତର ଦେଇନାହିଁ।

# ପୁଣି ଚର୍ଚ୍ଚାରେ ବସୁନ୍ଧରା ରାଜେ



**ଏକ ସାଧାରଣ ମନ୍ତବ୍ୟକୁ ନେଇ ରାଜସ୍ଥାନ ରାଜନୀତିରେ ହଟଚମଟ**

ଜୟପୁର, ୧୨।୪(ଏଜେନ୍ସି): ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତ୍ରୀ ବସୁନ୍ଧରା ରାଜେ ପୁଣି ଥରେ ଗଣମାଧ୍ୟମର ଶିରୋନାମା ପାଲଟିଛନ୍ତି। ନିଜ ନିର୍ବାଚନ ମଣ୍ଡଳୀର ଏକ ଜନସମ୍ପର୍କ ଯାତ୍ରା ସମୟରେ ସେ ଦେଇଥିବା ଏକ ଭାବପ୍ରବଣ ମନ୍ତବ୍ୟକୁ ନେଇ ରାଜନୈତିକ ମହଲରେ ତର୍କ ବିତର୍କର ଝଡ଼ ସୃଷ୍ଟି ହୋଇଛି। ଯଦିଓ ସେ ଏହାକୁ ଏକ ବ୍ୟକ୍ତିଗତ ପ୍ରସଙ୍ଗ ବୋଲି କହିଛନ୍ତି, କିନ୍ତୁ ବିରୋଧୀ ଓ ସାମାଜିକ ଗଣମାଧ୍ୟମରେ ଏହାକୁ ମୁଖ୍ୟମନ୍ତ୍ରୀ ପଦ ନପାଇବାର କ୍ଷୋଭ ବୋଲି ଚିତ୍ରଣ କରାଯାଇଛି। ଗୁରୁବାର ମନୋହର ଥାନା ଅଞ୍ଚଳରେ ଜନସଭାକୁ ସମ୍ବୋଧିତ କରି ବସୁନ୍ଧରା କହିଥିଲେ, ମୁଁ ନିଜ ପାଇଁ କିଛି କରିପାରିଲି ନାହିଁ, ନିଜକୁ (ନିଜର ଘରକୁ) ବଞ୍ଚାଇ ପାରିଲି ନାହିଁ। ଏହି କଥାଟି ଭାଇରାଲ ହେବା ପରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ଅଶୋକ ଗେହଲଟଙ୍କ ଭଳି ନେତାମାନେ ବସୁନ୍ଧରା ସପକ୍ଷରେ ମନ୍ତବ୍ୟ ଦେଇ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଚେଷ୍ଟା କରିଛନ୍ତି। ଅନ୍ୟପଟେ, ରାଜସ୍ଥାନ ବିଜେପି ସଭାପତି ମଦନ ରାଠୋର ଏକ ମାରୱାଡ଼ି ଶ୍ଳୋକ ମାଧ୍ୟମରେ କଟାକ୍ଷ କରି କହିଥିଲେ ଯେ, କେହି ସବୁବେଳେ ମୁଖ୍ୟମନ୍ତ୍ରୀ ହୋଇ ରୁହନ୍ତି ନାହିଁ। ଏହି ବିବାଦ ବଢ଼ିବା ପରେ ବସୁନ୍ଧରା ଏକ ସ୍ପଷ୍ଟୀକରଣ ଜାରି କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ କଥାକୁ ଭୁଲ ଭାବେ ଉପସ୍ଥାପନ କରିବା ଏକ ଷଡ଼ଯନ୍ତ୍ର। ପ୍ରକୃତରେ ସେ ତାଙ୍କ ନିର୍ବାଚନୀ ମଣ୍ଡଳୀ ଦେଇ ଯାଉଥିବା ଜାତୀୟ ରାଜପଥ ନିର୍ମାଣ ବିଷୟରେ କହୁଥିଲେ। ରାସ୍ତା ସମ୍ପ୍ରସାରଣ ସମୟରେ ତାଙ୍କ ନିଜର ଧୋଲପୁର ବାସଭବନର ପାଚେରୀ ମଧ୍ୟ ଭଙ୍ଗାଯାଇଥିଲା। ସରକାରୀ ନିୟମରେ ସେ ନିଜକୁ ଅସହାୟ ମନେ କରିଥିଲେ, ଯାହାର ଉଦାହରଣ ସେ ସାଧାରଣ ଜନତାଙ୍କୁ ଦେଉଥିଲେ। ବସୁନ୍ଧରାଙ୍କ ମତରେ ଜନସାଧାରଣଙ୍କ ଭଲ ପାଇବା ହିଁ ସବୁଠାରୁ ବଡ଼ ପଦବୀ। ତେବେ ଏହି ଘଟଣାଟି ରାଜସ୍ଥାନ ବିଜେପି ମଧ୍ୟରେ ଥିବା ପୁରୁଣା ଓ ନୂଆ ନେତୃତ୍ୱ ମଧ୍ୟରେ ଥିବା ଦୂରତାକୁ ପଦାରେ ପକାଇଛି।

## ଇସ୍ରାଏଲ ବିସ୍ଫୋରଣରେ ଲେବାନନର ଗ୍ରାମଗୁଡ଼ିକ ନିଶ୍ଚିହ୍ନ

ବେରୁଟ, ୧୨।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଭୟାବହ ମୋଡ଼ ନେବାକୁ ଯାଉଥିବା ସମୟରେ, ଅନ୍ୟପଟେ ଇସ୍ରାଏଲ ଦକ୍ଷିଣ ଲେବାନନ୍‌ର ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ଯୋଜନାବଦ୍ଧ ଭାବେ ଧ୍ୱଂସ କରିବାରେ ଲାଗିଛି। 'ଦି ଗାର୍ଡିଆନ'ର ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ସେନା ଲେବାନନ୍‌ର ଘରଗୁଡ଼ିକରେ ବିସ୍ଫୋରକ ଖଞ୍ଜି ରିମୋଟ କଣ୍ଟ୍ରୋଲ ସାହାଯ୍ୟରେ ସମ୍ପୂର୍ଣ୍ଣ ଗ୍ରାମଗୁଡ଼ିକୁ ଉଡ଼ାଇ ଦେଇଛି। ଲେବାନନର ସୀମାବର୍ତ୍ତୀ ଗ୍ରାମ ଯଥା ତାଏବ, ନାକୁରା ଓ ଡେର ସେରିୟାନରେ ଥିବା ଘରଗୁଡ଼ିକୁ ନଷ୍ଟ କରାଯାଇଛି। କିନ୍ତୁ ଇସ୍ରାଏଲ ସେନା ଦାବି କରିଛି ଯେ ସାଧାରଣ ଘର ଭିତରେ ଲୁଚି ରହିଥିବା ହିଜବୁଲ୍ଲାର ସୁଡ଼ଙ୍ଗ ଏବଂ ସାମରିକ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଏହି ପଦକ୍ଷେପ ନେଇଛି। ଇସ୍ରାଏଲ ଲିତାନି ନଦୀ ପର୍ଯ୍ୟନ୍ତ ଅଞ୍ଚଳକୁ ନିଜ ଦଖଲକୁ ନେଇ ଏକ ସୁରକ୍ଷା ବଳୟ ଗଠନ କରିବାକୁ ଘୋଷଣା କରିଛି। ଶନିବାର ହୋଇଥିବା ଆକ୍ରମଣରେ ପ୍ରାୟ ୧୮ ଜଣ ପ୍ରାଣ ହରାଇଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଲେବାନନ୍‌ରେ ମୋଟ୍ ମୃତ୍ୟୁ ସଂଖ୍ୟା ୨, ୦୦୦ ଟପି ସାରିଛି।

## ହାଇତିରେ ଦଳାଚକଟା; ୩୦ ମୃତ

ପୋର୍ଟ-ଅଉ- ପ୍ରିନ୍ସ, ୧୨।୪(ଏଜେନ୍ସି): କାରିବିୟାନ ଦେଶ ହାଇତିର ଐତିହାସିକ ସିଟାଡେଲ ଲାଫେରିଏର ଦୁର୍ଗରେ ଏକ ବାର୍ଷିକ ସମାରୋହ ସମୟରେ ଅତ୍ୟନ୍ତ ଦୁଃଖଦାୟକ ଘଟଣା ଘଟିଛି। ଭୟାବହ ଦଳଚକଟା ଯୋଗୁଁ ଅନ୍ୟୂନ ୩୦ଜଣଙ୍କର ପ୍ରାଣହାନୀ ଘଟିଥିବା ବେଳେ ଅନେକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଅଘଟଣ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ଭାବେ ମାନ୍ୟତା ପାଇଥିବା ଏହି ୧୯ଶ ଶତାବ୍ଦୀର ଦୁର୍ଗରେ ବହୁ ସଂଖ୍ୟାରେ ଛାତ୍ର ଓ ପର୍ଯ୍ୟଟକ ଏକତ୍ରିତ ହୋଇଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ଗର ପ୍ରବେଶ ଦ୍ୱାରା ନିକଟରେ ଅତ୍ୟଧିକ ଭିଡ଼ ଜମା ହୋଇଥିବା ବେଳେ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ଏକ ସମୟରେ ବାହାରକୁ ଆସିବାକୁ ଚେଷ୍ଟା କରିବାରୁ ସ୍ଥିତି ଅନିୟନ୍ତ୍ରିତ ହୋଇପଡ଼ିଥିଲା। ଫଳରେ ଏହି ଘଟଣା ଘଟିଥିଲା। ହାଇତିର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଏଲିକ୍ସ ଡିଡିଅଲ ଫିଲ୍ସ-ଏମେ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ନିୟୋଜିତ ଅଛନ୍ତି ଏବଂ ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଭୋଟ୍ ଦେବା କିମ୍ବା ନିର୍ବାଚନ ଲଢ଼ିବା ମୌଳିକ ଅଧିକାର ନୁହେଁ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଶନିବାର ଏକ ବଡ଼ ଓ ଐତିହାସିକ ରାୟ ଦେଇଛନ୍ତି। ଭୋଟ ଦେବା ଏବଂ ନିର୍ବାଚନ ଲଢ଼ିବାର ଅଧିକାର ସମ୍ବିଧାନ ଦ୍ୱାରା ପ୍ରଦତ୍ତ କୌଣସି ମୌଳିକ ଅଧିକାର ନୁହେଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ବରଂ ଏହା ଏକ ବୈଧାନିକ ଅଧିକାର, ଯାହା ସଂସଦ କିମ୍ବା ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ବା ନିୟମାବଳୀ ଅନୁସାରେ ନିୟନ୍ତ୍ରିତ ହୋଇଥାଏ। ଜଷ୍ଟିସ ଭିବି ନାଗରତ୍ନ ଓ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଶନିବାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କୋର୍ଟଙ୍କ କହିବା ଅନୁସାରେ, ଏହି ଅଧିକାରଗୁଡ଼ିକ କେବଳ ସେତିକି ପରିମାଣରେ ଉପଲବ୍ଧ ହେବ, ଯେତିକି ଆଇନ ଦ୍ୱାରା ନିର୍ଦ୍ଧାରିତ ହୋଇଛି। ସୂଚନାଯୋଗ୍ୟ ଯେ, ଏହି ମାମଲାଟି ରାଜସ୍ଥାନର 'ଜିଲ୍ଲା ଦୁଗ୍ଧ ଉତ୍ପାଦକ ସମବାୟ ସଂଘ'ର ନିର୍ବାଚନ ସମ୍ପର୍କିତ ଥିଲା। ରାଜସ୍ଥାନ ସମବାୟ ସମିତି ଅଧିନିୟମ, ୨୦୦୧ ଅଧୀନରେ କିଛି ନୂଆ - ଉପନିୟମ ପ୍ରଣୟନ ହୋଇଥିଲା। ଏଥିରେ ପ୍ରାର୍ଥୀ ହେବା ପାଇଁ କିଛି ସର୍ତ୍ତ ରଖାଯାଇଥିଲା, ଯେପରିକି ପ୍ରାର୍ଥୀ ଜଣକ ନିର୍ଦ୍ଧାରିତ ଦିନ ପର୍ଯ୍ୟନ୍ତ କ୍ଷୀର ଯୋଗାଣ କରିଥିବା ଆବଶ୍ୟକ। ତେବେ କିଛି ପ୍ରାଥମିକ ସମବାୟ ସମିତି ଏହି ନିୟମକୁ ଚ୍ୟାଲେଞ୍ଜ୍ କରିଥିଲେ। ୨୦୧୫ରେ ରାଜସ୍ଥାନ ହାଇକୋର୍ଟ ଏହି ନିୟମକୁ ଅନ୍ୟାୟ ଦର୍ଶାଇ ରଦ୍ଦ କରିଥିଲେ, ଯାହାକୁ ୨୦୨୨ରେ ଏକ ଡିଭିଜନ ବେଞ୍ଚ୍ ମଧ୍ୟ କାଏମ ରଖିଥିଲେ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ କିଛି ଜିଲ୍ଲା ଦୁଗ୍ଧ ସଂଘର ଅଧ୍ୟକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟ ସହ ଅସହମତି ପ୍ରକାଶ କରି ଏହି ରାୟ ପ୍ରଦାନ କରିଛନ୍ତି। ଏହି ରାୟ ପରେ ସ୍ପଷ୍ଟ ହୋଇଛି ଯେ, ଯଦି କୌଣସି ନିର୍ବାଚନ ପାଇଁ ଆଇନ୍ ଅନୁସାରେ ଯୋଗ୍ୟତା କିମ୍ବା ଅଯୋଗ୍ୟତାର ମାପଦଣ୍ଡ ରଖାଯାଏ, ତେବେ ଜଣେ ନାଗରିକ ଏହାକୁ ମୌଳିକ ଅଧିକାର କହି କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ନାହିଁ। ଯଦି ନିୟମଗୁଡ଼ିକ ସମ୍ବିଧାନର ସମାନତା ନୀତିର ବିରୋଧ କରୁଥାଏ, ତେବେ ଯାଇ କୋର୍ଟ ଏଥିରେ ହସ୍ତକ୍ଷେପ କରିବେ। ଏହି ରାୟ ଆଗାମୀ ଦିନରେ ନିର୍ବାଚନୀ ବିବାଦର ସମାଧାନ ପାଇଁ ଏକ ମାର୍ଗଦର୍ଶିକା ସାଜିବ ବୋଲି କୁହାଯାଉଛି।

**ବିହାରରେ ନୂଆ ସରକାର ଗଠନ ପ୍ରକ୍ରିୟା**

## ଶିବରାଜଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ବିହାର ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ପାଇଁ ପଥ ପରିଷ୍କାର ହୋଇଛି। ବିଜେପି ରବିବାର କେନ୍ଦ୍ର କୃଷି ତଥା କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ବିହାର ବିଧାୟକ ଦଳର ନେତା ନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି। ଏହି ନିଷ୍ପତ୍ତି ପରେ ରାଜ୍ୟରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେବାର ମାର୍ଗ ପ୍ରଶସ୍ତ ହୋଇଛି। ବିଜେପି ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂଙ୍କ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ଦଳର ସଂସଦୀୟ ବୋର୍ଡ ଚୌହାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରିଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଗତ ଏପ୍ରିଲ ୧୦ରେ ରାଜ୍ୟସଭା ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି। ଭାରତର ସମସ୍ତ ୪ଟି ସଂସଦୀୟ ତଥା ବିଧାନସଭା ଗୃହ ବିଧାନସଭା, ବିଧାନ ପରିଷଦ, ଲୋକସଭା ଓ ରାଜ୍ୟସଭାରେ ସେବା କରିବାର ତାଙ୍କର ଦୀର୍ଘଦିନର ଅଭିଳାଷ ଏହି ପଦକ୍ଷେପ ଦ୍ୱାରା ପୂରଣ ହୋଇଛି।

# ଦେଶରେ ଅଛି ମୋଟ୍ ଅଢ଼େଇ କୋଟି ୟୁଟ୍ୟୁବ୍ ଚ୍ୟାନେଲ




**ମାତ୍ର ୩୦ ହେଉଛି ପେସାଦାର, ବାକି ଚ୍ୟାନେଲଗୁଡ଼ିକ ପରସୁଛନ୍ତି ଭ୍ରମାତ୍ମକ ତଥ୍ୟ**

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ଭାରତରେ ମୋଟ୍ ଅଢ଼େଇ କୋଟି ସକ୍ରିୟ ୟୁଟ୍ୟୁବ ଚ୍ୟାନେଲ ରହିଛି ବୋଲି ଇନଫ୍ଲୁଏନ୍ସ ଟ୍ରଷ୍ଟ ରିପୋର୍ଟ ତରଫରୁ ତଥ୍ୟ ପ୍ରକାଶିତ ହୋଇଛି। ଆଧୁନିକ ଯୁଗରେ ସୂଚନା ଓ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ସାଜିଥିବା ୟୁଟ୍ୟୁବ ବର୍ତ୍ତମାନ ସମାଜ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ୨.୫ କୋଟି ଚ୍ୟାନେଲ ମଧ୍ୟରୁ ମାତ୍ର ୩୦ ଲକ୍ଷ ବୃତ୍ତିଗତ ଭାବେ କାର୍ଯ୍ୟ କରୁଥିବା ବେଳେ, ବାକି କୋଟି କୋଟି ଚ୍ୟାନେଲ କୌଣସି ନିୟନ୍ତ୍ରଣ ବାହାରେ ରହି ମିଥ୍ୟା ପରାମର୍ଶ ଓ ନକଲି ବିଷୟବସ୍ତୁ ପରିବେଷଣ କରୁଛନ୍ତି। ଇନଫ୍ଲୁଏନ୍ସ ଟ୍ରଷ୍ଟ ରିପୋର୍ଟ ଅନୁଯାୟୀ, ଦେଶର ୭୦ ପ୍ରତିଶତ ଲୋକ ୟୁଟ୍ୟୁବର ପରାମର୍ଶକୁ ବିନା ଯାଞ୍ଚରେ ବିଶ୍ୱାସ କରୁଥିବା ଏକ ଚିନ୍ତାଜନକ ବିଷୟ। ଅନେକ ସମୟରେ ୟୁଟ୍ୟୁବରଙ୍କ ଭୁଲ ପରାମର୍ଶ ମାନବ ଜୀବନ ପାଇଁ ଘାତକ ସାବ୍ୟସ୍ତ ହେଉଛି। ତାମିଲନାଡୁରେ ଜଣେ ମହିଳା ୟୁଟ୍ୟୁବ ଦେଖି ପ୍ରସବ କରିବା ପ୍ରୟାସରେ ପ୍ରାଣ ହରାଇବା ଏବଂ ସେୟାର ବଜାରରେ ଭୁଲ ପରାମର୍ଶ ଦେଇ ନିବେଶକଙ୍କୁ କୋଟି କୋଟି ଟଙ୍କାର କ୍ଷତି ପହଞ୍ଚାଇବା ଭଳି ଘଟଣା ସାମ୍ନାକୁ ଆସିଛି। ଏହି ପରିପ୍ରେକ୍ଷୀରେ ମାଡ୍ରାସ ହାଇକୋର୍ଟ ଚେତାବନୀ ଦେଇ କହିଛନ୍ତି ଯେ, କେବଳ ଭ୍ୟୁ ଓ ସବସ୍କ୍ରାଇବର ବଢ଼ାଇବା ପାଇଁ ପରିବେଷଣ କରାଯାଉଥିବା ସାମଗ୍ରୀ ସମାଜ ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ରୋକିବା ପାଇଁ କଠୋର ଆଇନ ଲାଗୁ କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଚ୍ୟାନେଲଗୁଡ଼ିକୁ ଟ୍ୟାକ୍ସ ପେୟର ଭାବେ ପଞ୍ଜିକୃତ କରାଯିବା, ଭାରତୀୟ ଡାଟା ବ୍ୟବହାର କରି ବିଜ୍ଞାପନରୁ ରୋଜଗାର କରୁଥିବା କମ୍ପାନୀଙ୍କ ଉପରେ ଜିଏସ୍‌ଟି ଲାଗୁ କରିବା ଓ ଆଇଟି ନିୟମ ଅନୁଯାୟୀ, ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ୟୁଟ୍ୟୁବ ବର୍ତ୍ତମାନ କେବଳ ମନୋରଞ୍ଜନର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଡାକ୍ତରୀଠାରୁ ଆରମ୍ଭ କରି ଆଇନଗତ ପରାମର୍ଶ ପର୍ଯ୍ୟନ୍ତ ସବୁ କିଛି ପରିବେଷଣ କରୁଛି। ଏହି ପରିପ୍ରେକ୍ଷୀରେ, ସରକାରୀ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସତର୍କତା ହିଁ ଏହି 'ଡିଜିଟାଲ ବିଷ'ରୁ ସମାଜକୁ ରକ୍ଷା କରିପାରିବ।

# ୪ ହଜାର ରନ ପୂରଣରେ ଗିଲ୍ ସର୍ବକନିଷ୍ଠ

ଲକ୍ଷ୍ନୌ, ୧୨।୪ (ଏଜେନ୍ସି): ଆଇପିଏଲ୍ ଇତିହାସରେ ସର୍ବକନିଷ୍ଠ ବ୍ୟାଟର୍ ଭାବେ ଗୁଜରାଟ ଟାଇଟାନ୍ସର ଅଧିନାୟକ ଶୁବମାନ ଗିଲ୍ ୪୦୦୦ ରନ ପୂରଣ କରିଛନ୍ତି। ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ବିପକ୍ଷ ମ୍ୟାଚ ଅବସରରେ ଗିଲ୍ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମ୍ୟାଚରେ ଗିଲ୍ ୪୦ ବଲରେ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏଥିସହ ଗିଲ୍‌ଙ୍କ ରନ ସଂଖ୍ୟା ୪୦୩୧ରେ ପହଞ୍ଚିଛି। ୪୦୦୦ ରନ ମାଇଲଖୁଣ୍ଟ ହାସଲ କରିବା ସମୟରେ ଗିଲ୍‌ଙ୍କୁ ୨୬ ବର୍ଷ ୨୧୬ ଦିନ ହୋଇଥିଲା। ପୂର୍ବରୁ ସର୍ବକନିଷ୍ଠ ବ୍ୟାଟର ଭାବେ ୪ ହଜାର ଆଇପିଏଲ୍ ରନ କରିବାର ରେକର୍ଡ ବିରାଟ କୋହଲିଙ୍କ ନାମରେ ରହିଥିଲା। ଆରସିବି ତାରକା କୋହଲି ୨୦୧୬ ମସିହାରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ସେତେବେଳେ କୋହଲିଙ୍କୁ ୨୭ ବର୍ଷ ୧୯୫ ଦିନ ବୟସ ହୋଇଥିଲା।

● ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

# ଫାଇନାଲରେ ଝୁଣ୍ଟିଲେ ଆୟୁଷ; ରୌପ୍ୟରେ ସନ୍ତୁଷ୍ଟ



ନିଙ୍ଗବୋ, ୧୨।୪ (ଏଜେନ୍ସି): ଚାଇନାରେ ଶେଷ ହୋଇଥିବା ୪୩ତମ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ଭାରତର ଆୟୁଷ ସେଟ୍ଟୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଉଚ୍ଚ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ହରାଇ ଏକାଧିକ ବିପର୍ଯ୍ୟୟ ଘଟାଇଥିବା ଆୟୁଷ ଫାଇନାଲରେ ୮-୨୧, ୧୦-୨୧ ସିଧାସଳଖ ଗେମରେ ବିଶ୍ୱର ୨ ନମ୍ବର ଖେଳାଳି ଚାଇନାର ଶି ୟୁକି'ଙ୍କ ନିକଟରୁ ହାରିଯାଇଥିଲେ। ୨୦ ବର୍ଷୀୟ ଆୟୁଷ ଷଷ୍ଠ ଭାରତୀୟ ପୁରୁଷ ଖେଳାଳି ଭାବେ ସମ୍ମାନଜନକ ଏହି ମହାଦେଶୀୟ ପ୍ରତିଯୋଗିତାରେ ପଦକ ଜିତିଛନ୍ତି। ପୂର୍ବରୁ ଦୀନେଶ ଖାନ୍ନା (୧୯୬୫ରେ ସ୍ୱର୍ଣ୍ଣ ଓ ୧୯୬୯ରେ କାଂସ୍ୟ), ସୁରେଶ ଗୋଏଲ (୧୯୬୫ରେ କାଂସ୍ୟ), ପ୍ରକାଶ ପାଦୁକୋନ (୧୯୭୬ରେ କାଂସ୍ୟ), ପୁଲେଲା ଗୋପୀଚାନ୍ଦ (୨୦୦୦ରେ କାଂସ୍ୟ), ଅରୂପ ଶ୍ରୀଧର (୨୦୦୭ରେ କାଂସ୍ୟ) ଓ ଏଚଏସ୍ ପ୍ରଣୟ (୨୦୧୮ରେ କାଂସ୍ୟ) ଏହି ପ୍ରତିଯୋଗିତାରେ ପୋଡିୟମ ଫିନିଶ କରିଥିଲେ। ତେବେ ଦୀନେଶଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ୬୧ ବର୍ଷର ବ୍ୟବଧାନରେ ଫାଇନାଲ ଖେଳିଥିବା ଆୟୁଷ ଫାଇନାଲରେ ତାଙ୍କ ବିଜୟଧାରାକୁ ବଜାୟ ରଖିବାରେ ବିଫଳ ହୋଇଥିଲେ। ସେମିଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି କୁନଲାଭଟ ଭିତିଦର୍ଶନ ଓ କ୍ୱାର୍ଟରରେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଜୋନାଥନ କ୍ରିଷ୍ଟିଙ୍କୁ ହରାଇ ଆୟୁଷ ବିପର୍ଯ୍ୟୟ ଘଟାଇଥିଲେ।

# ୪୮ ବର୍ଷର ଜାତୀୟ ମାରାଥନ ରେକର୍ଡ ଭାଙ୍ଗିଲେ ସାୱନ

ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି): ହିମାଚଳ ପ୍ରଦେଶର ଧାବକ ସାୱନ ବରୱାଲ ରବିବାର ଇତିହାସ ରଚିଛନ୍ତି। ସାୱନ ପୁରୁଷ ମାରାଥନରେ ୪୮ ବର୍ଷ ତଳର ରେକର୍ଡକୁ ଭାଙ୍ଗିଛନ୍ତି। ନେଦରଲାଣ୍ଡସର



ରୋଟରଡାନରେ ରବିବାର ଅନୁଷ୍ଠିତ ଏନଏନ୍ ମାରାଥନ (୪୨.୧୯୫ କିମି)କୁ ସାୱନ ୨ ଘଣ୍ଟା ୧୧ ମିନିଟ୍ ୫୮ ସେକେଣ୍ଡରେ ଫିନିଶ କରି ୨୦ତମ ସ୍ଥାନରେ ରହିଥିଲେ। ପୂର୍ବରୁ ପୁରୁଷ ମାରାଥନରେ ଭାରତର ଜାତୀୟ ରେକର୍ଡ ଶିବନାଥ ସିଂହଙ୍କ ନାମରେ ରହିଥିଲା। ୧୯୭୮ରେ ଶିବନାଥ ୨ ଘଣ୍ଟା ୧୨ ମିନିଟ୍‌ରେ ମାରାଥନ ଶେଷ କରି ୪୮ ବର୍ଷ ହେଲା ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ସେନା ଚାକିରି କରିଥିବା ୨୮ ବର୍ଷୀୟ ସାୱନଙ୍କ କ୍ୟାରିୟରର ଏହା ପ୍ରଥମ ଅଫିସିଆଲ୍ ମାରାଥନ ଥିଲା।

## ଆର୍‌ସିବି ବନାମ ମୁମ୍ବାଇ ଇଣ୍ଡିଆନ୍ସ

# ସଲ୍ଟ, ପାଟିଦାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ୱାଙ୍ଖେଡେ,୧୨।୪(ଏଜେନ୍ସି): ଓପନର ଫିଲ୍ ସଲ୍ଟ (୭୮), ଅଧିନାୟକ ରଜତ ପାଟିଦାର (୫୩) ଓ ବିରାଟ କୋହଲି (୫୦)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬ ଓଭର ସୁଦ୍ଧା ୩ ୱିକେଟ ହରାଇ ୧୯୪ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଓପନର ଫିଲ ସଲ୍ଟ ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୩୬ବଲ୍‌ରୁ ୬ଟି ଲେଖାଏଁ ଚୌକା ଓ ଛକା ସହ ସର୍ବାଧିକ ୭୮ ରନ୍ ସଂଗ୍ରହ କରିଛନ୍ତି। ସଲ୍ଟଙ୍କ ଓପନିଂ ପାର୍ଟନର ବିରାଟ କୋହଲି ୩୮ ବଲ୍‌ରେ ୫ଚୌକା ଓ ୧ଛକା ସହ ଠିକ୍ ୫୦ ଏବଂ ଅତ୍ୟନ୍ତ ବିସ୍ଫୋରକ ବ୍ୟାଟିଂ କରି ପାଟିଦାର ୧୭ ବଲ୍‌ରେ ୪ଚୌକା ଓ ୫ଛକା ସହ ଅର୍ଦ୍ଧଶତକ ପୂରଣ କରିବା ପରେ ୨୩ ବଲ୍‌ରୁ ୫୩ ରନ୍‌ଉଠାଇ ଆଉଟ ହୋଇଥିଲେ। ପ୍ରଥମ ୱିକେଟରେ ସଲ୍ଟ ଓ କୋହଲି ୬୫ ବଲ୍‌ରୁ ୧୨୦ ଏବଂ ଦ୍ୱିତୀୟ ୱିକେଟରେ କୋହଲି ଓ ପାଟିଦାର ୨୩ବଲ୍‌ରୁ ୬୫ରନ୍ ସଂଗ୍ରହ କରିବା ଫଳରେ ବେଙ୍ଗାଲୁରୁ ଏକ ବିରାଟ ସ୍କୋର କରିବାରେ ସମର୍ଥ ହୋଇଛି। ସଲ୍ଟଙ୍କୁ ଆଉଟ କରି ଶାର୍ଦ୍ଦୁଳ ଠାକୁର ବ୍ରେକ୍ ଥ୍ରୁ ଦେଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ୟ ୱିକେଟଟି ଅକ୍ତିଆର କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ବେଙ୍ଗାଲୁରୁ ୩ଟି ମ୍ୟାଚ୍‌ରୁ ୨ଟି ବିଜୟ ହାସଲ କରି ପଏଣ୍ଟ ଟେବଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ପଏଣ୍ଟ ଟେବଲର ୮ମ ସ୍ଥାନରେ ରହିଛି।





**ସିଏସ୍‌କେର ପ୍ରଥମ ବିଜୟ:** ସଞ୍ଜୁ ସାମସନଙ୍କ ଦମ୍‌ଦାର ଶତକୀୟ ପାଳି ବଳରେ ପାଞ୍ଚଥରର ଚାମ୍ପିଅନ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଚଳିତ ଆଇପିଏଲ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଶନିବାର ରାତିରେ ସ୍ଥାନୀୟ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୧୮ତମ ମ୍ୟାଚରେ ସିଏସକେ ୨୩ ରନରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନଇ ସୁପର କିଙ୍ଗ୍‌ସ ୨ ୱିକେଟରେ ୨୧୨ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ସମାନ ସଂଖ୍ୟକ ଓଭର ଖେଳି ୧୮୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ପୂର୍ବରୁ ସିଏସ୍‌କେ ଏହି ଟୁର୍ଣ୍ଣାମେଣ୍ଟରେ ରାଜସ୍ଥାନ (୮ ୱିକେଟ୍), ପଞ୍ଜାବ (୫ ୱିକେଟ) ଓ ବେଙ୍ଗାଲୁରୁ (୪୩ ରନ) ନିକଟରୁ ହାରି ହ୍ୟାଟ୍ରିକ ପରାଜୟବରଣ କରିଥିବା ସୁପର କିଙ୍ଗ୍‌ସ ଶେଷରେ ପଏଣ୍ଟ ଖାତା ଖୋଲିଛି। ଅପରପକ୍ଷରେ ଅକ୍ଷର ପଟେଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୪ର୍ଥ ମ୍ୟାଚରୁ ୨ୟ ପରାଜୟବରଣ କରିଛି। ୫୬ ବଲରେ ୧୧୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ସାମସନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ଆଜିର ଆଇପିଏଲ୍ ମ୍ୟାଚ୍**
ହାଇଦରାବାଦ ବନାମ ରାଜସ୍ଥାନ
ଭେନ୍ୟୁ - ହାଇଦରାବାଦ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ପ୍ରସିଦ୍ଧଙ୍କ ଘାତକ ବୋଲିଂ, ଟି-୨୦ରେ ବଟ୍ଲରଙ୍କ ୧୦୦ତମ ଅର୍ଦ୍ଧଶତକ

# ଲକ୍ଷ୍ନୌରେ ଏଲ୍‌ଏସ୍‌ଜିର ଷଷ୍ଠ ପରାଜୟ

ଲକ୍ଷ୍ନୌ,୧୨।୪(ଏଜେନ୍ସି): ସ୍ଥାନୀୟ ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନ କ୍ରିକେଟ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୧୯ତମ ଲିଗ୍ ମ୍ୟାଚ୍‌ରେ ଭ୍ରମଣକାରୀ ଗୁଜରାଟ ଟାଇଟନ୍ସ ୭ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହା ଫଳରେ ଗୁଜରାଟ ୪ଟି ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ଦୁଇଟି ମ୍ୟାଚରେ ପରାଜିତ ହୋଇଥିବା ଗୁଜରାଟ ତୃତୀୟ ମ୍ୟାଚ୍‌କୁ ୧ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଘରୋଇ ମାଟିରେ ଏଲ୍‌ଏସ୍‌ଜି କ୍ରମାଗତ ଷଷ୍ଠ ପରାଜୟ ବରଣ କରିଛି। ଏହି ମୁକାବିଲାରେ ୪ ଓଭର ବୋଲିଂ କରି ୨୮ ରନ୍‌ରେ ୪ଟି ୱିକେଟ ପାଇଥିବା ବିଜୟୀ ଗୁଜରାଟ ଜାଏଣ୍ଟସର ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।





ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ଆରମ୍ଭରୁ ଶେଷଯାଏ ପ୍ରତିପକ୍ଷ ଗୁଜରାଟ ବୋଲିଂର ଉଚିତ ମୁକାବିଲା କରି ପାରି ନ ଥିଲା। ତାରକା ଖଚିତ ଖେଳାଳିଙ୍କୁ ନେଇ ଗଠିତ ଏଲ୍‌ଏସ୍‌ଜି ପକ୍ଷରୁ ୮ଜଣ ଖେଳାଳି ଡବଲ ଫିଗର ଛୁଇଁ ଥିଲେ। ଓପନର ଆଇଡେନ୍ ମାରକ୍ରମ ସର୍ବାଧିକ ୩୦ ରନ୍ କରିଥିଲେ। ନିକୋଲସ ପୂରନ ୧୯ ରନ୍‌ରେ ଦ୍ୱିତୀୟ ଟପ୍ ସ୍କୋରର, ଅଧିନାୟକ ଋଷଭ ପନ୍ତ, ଅବ୍ଦୁଲ ସମଦ ଓ ଦଳର ନୂଆ ଯୁବ ତାରକା ମୁକୁଲ ଚୌଧୁରୀ ୧୮ ରନ୍ ଲେଖାଏଁ କରିଥିଲେ। ଯାହା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୪ ରନ୍ କରିଥିଲା। ପ୍ରତିପକ୍ଷ ଦଳର ପ୍ରସିଦ୍ଧଙ୍କୁ ୪ଟି ଓ ଯୁବ ଖେଳାଳି ଅଶୋକ ଶର୍ମାଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ୧୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ଗୁଜରାଟ ମାତ୍ର ୩ ୱିକେଟ ହରାଇ ୧୮.୪ ଓଭରରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ଜୋଶ ବଟ୍ଲର ୩୭ ବଲ୍‌ରେ ୧୧ ଚୌକା ସହ ୭୦ ଓ ଅଧିନାୟକ ଶୁବମନ ଗିଲ୍ ୪୦ ବଲ୍‌ରେ ୬ ଚୌକା ଓ ୧ ଛକା ସହ ୫୬ ରନ୍ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଟି-୨୦ କ୍ରିକେଟରେ ବଟ୍ଲର ଏଠାରେ ୧୦୦ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଗୁଜରାଟ ଇନିଂସ ଆରମ୍ଭରେ ପରାଜିତ ଏଲ୍‌ଏସ୍‌ଜିର ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି (୧/୩୬) ଓ ପ୍ରିନ୍ସ ଯାଦବ (୧/୩୧) ଆହତ ହେବା ଫଳରେ ଦଳକୁ ଭଲ ଫଳ ମିଳି ନ ଥିଲା।

■ ଇଣ୍ଡିଆନ ଓପନ୍ ଆଥ୍‌ଲେଟିକ୍ସ

# ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ

ଭୁବନେଶ୍ୱର, ୧୨।୪ (ସମିସ): ନୂଆଦିଲ୍ଲୀ ଓ ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଯଥାକ୍ରମେ ଇଣ୍ଡିଆନ ଓପନ୍ ଆଥ୍‌ଲେଟିକ୍ସ ସିରିଜ-୩ ଓ ସିରିଜ-୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଆଥ୍‌ଲେଟ୍ ପ୍ରଭାବୀ ପ୍ରଦର୍ଶନ କରି ଏକାଧିକ ଇଭେଣ୍ଟରେ ପୋଡିୟମ ଫିନିଶ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ସିରିଜ-







୩ରେ ଅମୀୟ କୁମାର ମଲ୍ଲିକ (୧୦.୫୮ ସେକେଣ୍ଡ) ପୁରୁଷ ୧୦୦ ମିଟର ରେସ-ଏ'ରେ ପ୍ରଥମ, ୧୦୦ ମିଟର ରେସ-ବି'ରେ ଅବିନାଶ ସାହୁ (୧୦.୮୦ ସେକେଣ୍ଡ) ଓ ୨୦ ବର୍ଷରୁ କମ୍ ୪୦୦ ମିଟରରେ ଅସତିକ ପ୍ରଧାନ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ରାଞ୍ଚିରେ ଅନୁଷ୍ଠିତ ସିରିଜ-୪ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୬୨ ସେକେଣ୍ଡ) ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ, ପୁରୁଷ ଲଙ୍ଗ ଜମ୍ପରେ ସରୁନ ପାୟାସିଂ (୭.୪୮ ମିଟର) ପ୍ରଥମ, ୨୦୦ ମିଟରରେ ମହେନ୍ଦ୍ର ସାନ୍ତା (୨୧.୯୬ ସେକେଣ୍ଡ) ପ୍ରଥମ ଓ ଆର୍ଯ୍ୟନ ବ୍ରାହ୍ମିନ (୨୨.୮୦ ସେକେଣ୍ଡ) ୩ୟ, ପୁରୁଷ ୪୦୦ ମିଟରରେ ମଳୟ ବାରିକ (୪୯.୩୩ ସେକେଣ୍ଡ) ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

# ଜାତୀୟ ସବ୍‌ଜୁନିଅର ବାଳିକା ହକି: ଓଡ଼ିଶାକୁ କାଂସ୍ୟ ପଦକ

ଭୁବନେଶ୍ୱର, ୧୨।୪ (ସମିସ): ଝାଡ଼ଖଣ୍ଡର ରାଞ୍ଚିରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୬ତମ ସଂସ୍କରଣରେ ଓଡ଼ିଶା କାଂସ୍ୟ ପଦକ ବିଜୟୀ ହୋଇଛି। ରବିବାର ୩ୟ-୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୪-୨ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଓଡ଼ିଶା ୪ଟି ଯାକ ଗୋଲ୍ ଦେଇଥିଲା। ପ୍ରିୟଙ୍କା ମିଞ୍ଜ ସର୍ବାଧିକ ୨ଟି (୮ମ ଓ ୧୮ତମ ମିନିଟ) ଏବଂ ପ୍ରିନ୍ସେସ ପ୍ରିୟା



ଏକ୍କା ଓ ଅର୍ଚ୍ଚନା କୁଜୁରଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ପ୍ରତିପକ୍ଷ ଉତ୍ତରପ୍ରଦେଶର ଆରିକା କୁମାରୀ ଓ ମମତା କୁମାରୀ ଗୋଟିଏ ଲେଖାଏ ଗୋଲ୍ ଶୁଝିଥିଲେ। ଅପରପକ୍ଷରେ ଫାଇନାଲରେ ଝାଡ଼ଖଣ୍ଡ ୨-୧ ଗୋଲରେ ମଧ୍ୟପ୍ରଦେଶକୁ ହରାଇ ଚାମ୍ପିଅନ ହୋଇଛି। ରୁବିନା ବକ୍ସଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୧-୨ ଗୋଲରେ ମଧ୍ୟପ୍ରଦେଶ ନିକଟରୁ ହାରି ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ସେହିଭଳି ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ ହାରି ପୋଡିୟମ ଫିନିଶରୁ ବଞ୍ଚିତ ହୋଇଥିଲା।

■ ଦକ୍ଷିଣ ଏସୀୟ ଜୁ ଜିତ୍‌ସୁ ଚାମ୍ପିଅନସିପ୍

# ଅନୁପମାଙ୍କୁ ଡବଲ, ଓଡ଼ିଶାକୁ ୪ସ୍ୱର୍ଣ୍ଣ



ଭୁବନେଶ୍ୱର,୧୨।୪(ସମିସ): ଶ୍ରୀଲଙ୍କାରେ ଅନୁଷ୍ଠିତ ଦକ୍ଷିଣ ଏସୀୟ ଜୁ ଜିତ୍‌ସୁ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ସହ ୭ଟି ପଦକ ବିଜୟୀ ହୋଇଛନ୍ତି। ଏହା ମଧ୍ୟରୁ ଅନୁପମା ସ୍ୱାଇଁଙ୍କୁ କେବଳ ୨ଟି ସ୍ୱର୍ଣ୍ଣପଦକ ମିଳିଛି। ସେ ଦ୍ୱିତୀୟ ଦିନରେ ୫୨ କେଜି ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଗତକାଲି ସେ ନେୱାଜାରେ ପ୍ରଥମ ସ୍ୱର୍ଣ୍ଣ ହାସଲ କରିଥିଲେ। ତାଙ୍କ ବ୍ୟତୀତ ପ୍ରଥମ ଦିନରେ ପୁରୁଷ ୬୯ କେଜିରେ ସ୍ୱରାଜ ଜାନି ଓ ୫୬ କେଜିରେ ଅମରେଶ୍ୱର ସ୍ୱାଇଁ ଅନ୍ୟ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ପୁରୁଷ ୭୭ କେଜିରେ ସନ୍ତୋଷ ସିଂ ଓ ଆଜି ଅନୁଷ୍ଠିତ ଫାଇଟିଂ ବିଭାଗରେ ସ୍ୱରାଜ ଜାନି ଓ ଅମରେଶ୍ୱର ସ୍ୱାଇଁ ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାରୁ ଏହି ୪ଜଣ ପ୍ରତିଯୋଗୀ ୭ଟି ପଦକ ଜିତିବାରେ ସମର୍ଥ ହୋଇଥିଲେ। ଖେଳାଳିମାନଙ୍କ ଏହି ସଫଳତା ଲାଗି ଓଡ଼ିଶା ରାଜ୍ୟ ଜୁ ଜିତ୍‌ସୁ ସଂଘ ଓ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ରେଡ୍‌ଷ୍ଟାର୍‌କୁ ହରାଇ ପାରାମାଉଣ୍ଟ ଚାମ୍ପିଅନ

ଭୁବନେଶ୍ୱର, ୧୨।୪ (ସମିସ): ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରଥମ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ହାଇଟେକ୍ ମେଡିକାଲ କଲେଜ୍ ପଡ଼ିଆରେ ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାରାମାଉଣ୍ଟ ଭୁବନେଶ୍ୱରର ଅନ୍ୟତମ ଦଳ କ୍ଲବ୍ ଦି ରେଡ୍‌ଷ୍ଟାରକୁ ୪ ୱିକେଟରେ ହରାଇ ଟ୍ରଫି ଓ ଟାଇଟଲ ହାସଲ କରିଛି। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରେଡ୍‌ଷ୍ଟାର ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୧୬୮ ରନ୍ କରିଥିଲା। ଦଳର ପ୍ରନ୍ତିକ ନାୟକ ୮୫ ଓ ଶ୍ରେୟାଂଶ ବିଧାର ୩୫ ରନ୍ କରିଥିଲେ। ଜବାବରେ ପାରାମାଉଣ୍ଟ ୨୯.୨ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। କ୍ରିଷ୍ଣା ସାସ୍‌ମଲ ୫୨ ଓ ସ୍ୱାଗତ ମିଶ୍ର ୩୭ ରନ୍‌କରିଥିଲାବେଳେ ପରାଜିତ ଦଳର କ୍ଷୀରୋଦ ଭୂୟାଁଙ୍କ ୨ଟି ୱିକେଟ ମିଳିଥିଲା। ରେଡ୍‌ଷ୍ଟାର ଇନିଂସରେ ୫ ଓଭର ବୋଲିଂ କରି ୨୫ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ପାରାମାଉଣ୍ଟର ଶୁଭମ ପରିଡ଼ାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ବିଜୟୀ ଦଳର ସ୍ୱାଗତ ମିଶ୍ରଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ଦିଆଯାଇଛି।




ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଡଃ ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ତପନ ପାଢ଼ୀ ଓ ସୁରେଶ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନର ଉପସଭାପତି ବଲ୍ଲଭ ଚରଣ ସାହୁ ଓ ଯୁଗ୍ମ ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ପ୍ରଦୀପ ଜେନା ଓ ପ୍ରମୋଦ ଦାଶ ପରିଚାଳନା କରିଥିଲେ। ଅଭିଷେକ ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ।

● ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍

# କୌସ୍ତୁଭ ଟାଇଟଲ୍ ବିଜୟୀ

ଭୁବନେଶ୍ୱର,୧୨।୪(ସମିସ): ଭୁବନେଶ୍ୱରର କୌସ୍ତୁଭ ଦାଶ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। କେଶୁରା ପବ୍ଲିକ୍ ସ୍କୁଲ ପରିସରରେ ଅରାତି ୬୪ ସ୍କୋୟାର ଫାଉଣ୍ଡେସନ ଏବଂ ଓଡ଼ିଶା ରାଜ୍ୟ ଚେସ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ




୭ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ପୁରୀର ରାଜେଶ ନାୟକ ରନର୍ସଅପ୍ ହୋଇଥିଲେ। ଏମାନଙ୍କ ପରେ ଭୁବନେଶ୍ୱରର ଭେଟେରାନ କୋଚ୍ ରାଜେନ୍ଦ୍ର ସାହୁ ତୃତୀୟ, ଓମ୍‌ଆଦିତ୍ୟ ଖାଡଙ୍ଗା ଚତୁର୍ଥ, ତନ୍ମୟ ତ୍ରିପାଠୀ ପଞ୍ଚମ, ସ୍ୱପ୍ନିଳ ପ୍ରିୟଦର୍ଶୀ ଷଷ୍ଠ, କେନ୍ଦ୍ରପଡ଼ାର ଲବ୍ୟଜ୍ୟୋତି ରାଉତରାୟ ୭ମ ଓ ଜଟଣୀର ସ୍ଥିତପ୍ରଜ୍ଞ ସାହୁ ୮ମ ସ୍ଥାନ ଅଧିକାର କରିଥିଲେ। ତୃତୀୟରୁ ଅଷ୍ଟମ ସ୍ଥାନିତ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଖେଳ ଶେଷରେ ଅରାତି ୬୪ ସ୍କୋୟାର ଫାଉଣ୍ଡେସନର ନିର୍ଦ୍ଦେଶକ ସ୍ମୃତିରଞ୍ଜନ ଦାସ, ଅଲଓଡ଼ିଶା ଚେସ ସଂଘ (ଏଓସିଏ)ର ସମ୍ପାଦକ ଦେବବ୍ରତ ଭଟ୍ଟ, ଉପଦେଷ୍ଟା ଅସିତ ମୁଖାର୍ଜୀ, ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ଓ ଓଡ଼ିଶା ରାଜ୍ୟ ଚେସ ସଂଘ (ଓଏସ୍‌ସିଏ)ର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରଞ୍ଜିତା ଭଟ୍ଟାଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟ ସଂଯୋଜକ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS